NITIDIN
ନିତିଦିନ
RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
MONDAY
28 APRIL 2025
ସୋମବାର
୨୮ ଏପ୍ରିଲ୍ ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 338 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ ● ସଂଖ୍ୟା ୩୩୮ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

# ଅସମ୍ଭାଳ ହେଉଛି ଭାରତର ଗର୍ଜନ

ଭାରତକୁ ପୁଣି ପରମାଣୁ ଧମକ ଦେଲା ପାକିସ୍ତାନ

ଆରବ ସାଗରରେ ଭାରତୀୟ ନୌସେନାର ଯୁଦ୍ଧାଭ୍ୟାସ, ଘନଘନ କ୍ଷେପଣାସ୍ତ୍ର ପରୀକ୍ଷଣ ଜାରି

ବାନ୍ଦିପୋରା, ପୁଲଓ୍ୱାମା ଓ ସୋପିଆନ୍ ଜିଲ୍ଲାରେ ଆଉ ୩ ଆତଙ୍କବାଦୀଙ୍କ ଘର ମାଟିରେ ମିଶାଇଲା ଭାରତୀୟ ସେନା

ପହଲଗାମ ଆକ୍ରମଣ ଘଟଣାରେ ଭାରତକୁ ଏଫ୍‌ବିଆଇର ପୂର୍ଣ୍ଣ ସମର୍ଥନ, ଆତଙ୍କବାଦୀଙ୍କ ଗଣହତ୍ୟାକୁ ଦୃଢ଼ ନିନ୍ଦା

୨ ଦିନରେ ଅଟ୍ଟାରୀ-ଓ୍ୱାଘା ସୀମା ଦେଇ ଭାରତ ଛାଡ଼ିଲେଣି ୨୭୨ ପାକିସ୍ତାନୀ ନାଗରିକ। ଆଜି ଦିନକରେ ୧୩୭

ପଞ୍ଜାବର ଅନ୍ତର୍ଜାତୀୟ ସୀମାରୁ ୧୩ କୂଟନୀତିଜ୍ଞ ଏବଂ ଅଧିକାରୀ ସମେତ ୬୨୯ ଭାରତୀୟ ଭାରତ ଫେରିଛନ୍ତି।



**ଇସଲାମାବାଦ୍, ୨୭।୪/ଏଜେନ୍ସି:**

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି। କରାଚୀରେ ଆସନ୍ତା ୩ ମାସ ପାଇଁ ଧାରା ୧୪୪ ଲାଗୁ କରାଯାଇଛି। କରାଚୀକୁ ପାକିସ୍ତାନର ଆର୍ଥିକ ରାଜଧାନୀ କୁହାଯାଏ। ଏଠାରୁ ସମଗ୍ର ପାକିସ୍ତାନର ବଜାର ନିୟନ୍ତ୍ରିତ ହୁଏ। ସୁରକ୍ଷାକୁ ଦୃଷ୍ଟିରେ ରଖି ସହରରେ ଭିଡ଼ କମାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା କରାଚୀ ପୁଲିସ୍ କମିଶନର କହିଛନ୍ତି। ସୂଚନାଯୋଗ୍ୟ, ୨୦୧୬ ଉରି ଏବଂ ପୁଲଓ୍ୱାମା ଆକ୍ରମଣ ପରେ ଭାରତର ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନକୁ ଦୃଷ୍ଟିରେ ରଖି, ପାକିସ୍ତାନ ଏବେ ପ୍ରସ୍ତୁତି ଚଳାଇଛି। ସମ୍ଭାବ୍ୟ ଭାରତର ପ୍ରତିଶୋଧମୂଳକ ଆକ୍ରମଣକୁ ଭୟ କରୁଥିବା ପାକିସ୍ତାନ ଏବେ ବିଚଳିତ ହୋଇପଡିଛି। ଇସଲାମାବାଦରେ ଲଗାତାର ଉଚ୍ଚସ୍ତରୀୟ ବୈଠକର ଧାରା ଜାରି ରହିଛି। ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇସାକ ଡାର୍ ପ୍ରତିଦିନ ୨-୩ଟି ବୈଠକ କରୁଛନ୍ତି। ଡାର ବୈଠକ ଆୟୋଜନ କରିବା ପାଇଁ ତାଙ୍କର ବାଂଲାଦେଶ ଗସ୍ତ ବାତିଲ କରିଛନ୍ତି। ସେହି ସମୟରେ, ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନା ମୁଖ୍ୟ ଅସୀମ ମୁନିରଙ୍କ ମଧ୍ୟରେ ପୃଥକ ବୈଠକ ମଧ୍ୟ ଅନୁଷ୍ଠିତ ହେଉଛି।

ପହଲଗାମରେ ଆତଙ୍କବାଦୀ ଆକ୍ରମଣର ୫ଦିନ ପରେ ମଧ୍ୟ ପାକିସ୍ତାନ ଏକ ବଡ଼ ଆକ୍ରମଣର ଭୟ କରୁଛି। ଏହି ଭୟ ପାକିସ୍ତାନ ସରକାରଙ୍କ କାର୍ଯ୍ୟକଳାପରେ ମଧ୍ୟ ଦୃଶ୍ୟମାନ ହେବାରେ ଲାଗିଛି। ଗୋଟିଏ ପଟେ ପାକିସ୍ତାନର ସବୁଠାରୁ ବଡ଼ ସହର କରାଚୀରେ ଧାରା ୧୪୪ ଲାଗୁ କରାଯାଇଥିବା ବେଳେ ଅନ୍ୟପକ୍ଷେ ପାକ୍ ବିଦେଶ ମନ୍ତ୍ରୀ ବିଲାଓ୍ୱଲ୍ ଭୁଟ୍ଟୋ ଜର୍ଦ୍ଦାରୀ ମଧ୍ୟ ନିଜ ପରିବାରକୁ ଦେଶବାହାରକୁ ପଠାଇଦେଇଛନ୍ତି। ସେ ନିଜ ପରିବାରକୁ ପାକିସ୍ତାନରୁ ବାହାର କରି କାନାଡା ପଠାଇଦେଇଥିବା ସୂଚନା ମିଳିଛି। ବିଲାଓ୍ୱଲ୍‌ଙ୍କ ପୂର୍ବରୁ ପାକ୍ ସେନା ମୁଖ୍ୟ ଅସୀମ୍ ମୁନିର ମଧ୍ୟ ନିଜ ପରିବାରର କିଛି ସଦସ୍ୟଙ୍କୁ ବ୍ରିଟେନ୍ ଓ କିଛି ସଦସ୍ୟଙ୍କୁ ▶▶ ୫

- ଭାରତୀୟ ସେନାର ରାତିଅଧିଆ ସର୍ଜିକାଲ୍ ଓ ଏୟାର୍ ଷ୍ଟ୍ରାଇକ୍‌କୁ ଭୁଲିପାରିନି ପାକିସ୍ତାନ
- ଭୟରେ କରାଚୀରେ ଲାଗୁ କଲା ଧାରା ୧୪୪
- ଭାରତୀୟ ସେନାର ସମ୍ଭାବ୍ୟ ଆକ୍ରମଣ ପାଇଁ ଲୋକଦେଖାଣିଆ କରୁଛି ପ୍ରସ୍ତୁତି
- ତଦନ୍ତ ଆଳରେ ରୁଷ୍ ଓ ଚୀନ୍‌କୁ ଭିଡ଼ିଲେ ପାକିସ୍ତାନୀ ନେତା, ମନ୍ତ୍ରୀ

ପ୍ରତିରକ୍ଷା ମନ୍ତ୍ରୀ-ସିଡିଏସ୍ ଆଲୋଚନା

## ରାଜନାଥଙ୍କୁ ଭେଟିଲେ ଜେନେରାଲ୍ ଅନୀଲ ଚୌହାନ୍



**ନୂଆଦିଲ୍ଲୀ, ୨୭।୪/ଏଜେନ୍ସି:**


ପହଲଗାମ୍ ଘଟଣା ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ପାଇଁ ଦେଶର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ରବିବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ସାକ୍ଷାତ କରିଛନ୍ତି। ରାଜନାଥଙ୍କ ସରକାରୀ ବାସଭବନରେ ଏହି ସାକ୍ଷାତକାର ଅନୁଷ୍ଠିତ ହୋଇଥିବା ବେଳେ ଏହା ପ୍ରାୟ ୩୦ ମିନିଟ୍ ଧରି ଚାଲିଥିବା ସୂଚନା ମିଳିଛି। ବୈଠକରେ ଜେନେରାଲ ଚୌହାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ବିଭିନ୍ନ ଅପରେସନ୍ ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ ଏବଂ ସେମାନଙ୍କର ବହୁମୁଖୀ ରଣନୀତି ଏବଂ ସେମାନଙ୍କର ପ୍ରଭାବ ବିଷୟରେ ଆଲୋଚନା କରିଥିବା ଜଣାପଡିଛି। ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇଛି। ଏହି ଆକ୍ରମଣର ଦୋଷୀ ଓ ସେମାନଙ୍କ ପ୍ରୋତ୍ସାହକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିସାରିଛନ୍ତି। ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇ ମୋଦୀ କହିଛନ୍ତି ଯେ, ପହଲଗାମ୍ ଘଟଣାରେ ସମ୍ପୃକ୍ତ ଥିବା ଆତଙ୍କବାଦୀ ଏବଂ ସେମାନଙ୍କ ପଛରେ ଥିବା ପୃଷ୍ଠପୋଷକ (ପାକ୍ ଗୁଇନ୍ଦା ବିଭାଗ ଆଇଏସ୍ଆଇ, ପାକ୍ ସେନା ଓ ପାକ୍ ସରକାର)ଙ୍କୁ ମାଟିରେ ମିଶାଇଦିଆଯିବ। ଏହିକ୍ରମେ ଭାରତ ପାକିସ୍ତାନ ବିରୋଧରେ କୂଟନୈତିକ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଛି। ତେବେ ଏସବୁ ସତ୍ତ୍ୱେ ଭାରତ ପାକିସ୍ତାନ ମାଟିରେ ଏକ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ କରିବ ବୋଲି ମଧ୍ୟ ଅନୁମାନ କରାଯାଉଛି। ଗୋଟିଏ ପଟେ ଯେକୌଣସି ପ୍ରକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ସୁରକ୍ଷା ସଂପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିସାରିଥିବା ବେଳେ ଅନ୍ୟପଟେ ଦିଲ୍ଲୀରେ ଘନ ଘନ ବୈଠକ ଚାଲିଛି। ସରକାର ବାରମ୍ବାର ତିନି ସେନା ସହ ଆଲୋଚନା କରୁଛନ୍ତି।


# ପ୍ରତିଯୋଗିତାମୂଳକ ପରୀକ୍ଷାରେ ପୁଣି ତ୍ରୁଟି

ପରୀକ୍ଷାର୍ଥୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ

**କଟକ, ୨୭।୪/ଏନ୍ଏନ୍ଏସ୍:**

ରାଜ୍ୟ ଲୋକସେବା ଆୟୋଗ (ଓପିଏସସି) ଏବଂ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍ଏସ୍‌ସି) ଭଳି ଦୁଇଟି ବଡ଼ ପରୀକ୍ଷାରେ ତ୍ରୁଟି ସାମନାକୁ ଆସିଛି। ଏଭଳି ତ୍ରୁଟି ନେଇ ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରବିବାର ସିଭିଲ୍ ସର୍ଭିସ୍ ମେନ୍-୨୦୨୩ର ଆନ୍ଥ୍ରୋପୋଲୋଜିର ୨ଟି ପେପର୍ ଥିଲା। ପୂର୍ବାହ୍ଣ ୯ଟାରୁ ୧୨ଟା ଯାଏ ଆନ୍ଥ୍ରୋପୋଲୋଜିର ପ୍ରଥମ ପେପର୍ ପରୀକ୍ଷା ଥିଲା। ସେହିପରି ଅପରାହ୍ଣ ୨ଟାରୁ ୫ଟା ଯାଏ ଆନ୍ଥ୍ରୋପୋଲୋଜି ଦ୍ୱିତୀୟ ପେପର୍ ପରୀକ୍ଷା ଥିଲା। ମାତ୍ର ପ୍ରଥମ ପେପର୍ ପରୀକ୍ଷାରେ କିଛି ପ୍ରଶ୍ନ ଦ୍ୱିତୀୟ ପେପର୍‌ରୁ ଆସିଥିଲା। ସେହିପରି ଦ୍ୱିତୀୟ ପେପର୍ ପରୀକ୍ଷାରେ ପ୍ରଥମ ପେପର୍‌ର କିଛି ପ୍ରଶ୍ନ ଆସିଥିବା ଅଭିଯୋଗ ହୋଇଛି। ପ୍ରଥମ ସିଟିଂ ପରୀକ୍ଷା ପରେ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଓପିଏସ୍‌ସି କର୍ତ୍ତୃପକ୍ଷ ନୋଟିସ୍ ଜରିଆରେ ତ୍ରୁଟି ସ୍ୱୀକାର କରିଛନ୍ତି।




ତେବେ ଓପିଏସ୍‌ସି କର୍ତ୍ତୃପକ୍ଷ ପରୀକ୍ଷା ଚାଲୁ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଓପିଏସ୍‌ସି କର୍ତ୍ତୃପକ୍ଷ ଜଣାଇଛନ୍ତି। ପରୀକ୍ଷା ପରେ ଆନ୍ଥ୍ରୋପୋଲୋଜି ପରୀକ୍ଷାର୍ଥୀମାନେ ଅସନ୍ତୋଷ ଝାଡ଼ିଛନ୍ତି। ଓପିଏସ୍‌ସି ଖାମଖିଆଲି ଭାବେ ପରୀକ୍ଷା ପରିଚାଳନା କରୁଛି ବୋଲି କିଛି ପରୀକ୍ଷାର୍ଥୀ କହିଛନ୍ତି। ପେପର୍-୧ ପରୀକ୍ଷାରେ ପେପର୍-୨ ପ୍ରଶ୍ନ ଦେଖି ଝଟ୍‌କା ଲାଗିଥିଲା ▶▶ ୫

ଗଞ୍ଜାମରେ ଚାଞ୍ଚଲ୍ୟ

# ୨ ଭାଇଙ୍କୁ ହତ୍ୟା କରି ଶାଳବଣରେ ଜାଳିଦେଲେ

**ବେଗୁନିଆପଡ଼ା, ୨୭।୪/ଏନ୍ଏନ୍ଏସ୍:**

ପୁଣି ଅଶାନ୍ତ ହେଲା ଗଞ୍ଜାମ। ଜିଲ୍ଲାରୁ ବେଗୁନିଆପଡ଼ା ଥାନା ଶାଳବଣ ଗାଁ ଜଙ୍ଗଲରେ ରବିବାର ଦୁଇଭାଇଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଠାବ ହୋଇଛି। ପୂର୍ବଶତ୍ରୁତାରୁ ସେମାନଙ୍କୁ ପିଟିପିଟି ହତ୍ୟା କରିବା ପରେ ଜାଳିଦେବାକୁ ଚେଷ୍ଟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତକ ଦୁଇଭାଇ ସୁମୁଣ୍ଡଳ ଗାଁର ସଞ୍ଜୟ ବାରିକ(ବଡ଼) ଓ ଅଜୟ ବାରିକ(ସାନ)। ଘଟଣାସ୍ଥଳରେ ବେଗୁନିଆପଡ଼ା ପୁଲିସ, ପୁରୁଷୋତ୍ତମପୁର ଏସ୍‌ଡିପିଓ ପହଞ୍ଚି ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛନ୍ତି।



ସୂଚନାନୁଯାୟୀ, ରବିବାର ସକାଳେ ଦୁଇଟି ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ବେଗୁନିଆପଡ଼ା ପୁଲିସ, ପୁରୁଷୋତ୍ତମପୁର ଏସ୍‌ଡିପିଓ ପହଞ୍ଚି ଘଟଣାର ଛାନଭିନ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ ଟିମ୍‌କୁ ଅପେକ୍ଷା କରାଯାଇଛି। ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି ପୁଲିସ କହିଛି। ତେବେ ୨ ଭାଇଙ୍କ ନାମରେ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି।

ବିଭିନ୍ନ ସ୍ଥାନରେ ଅଘଟଣ

## ଜଳାଶୟରେ ୮ ଜଣଙ୍କ ସଳିଳ ସମାଧି



**ଦଶପଲ୍ଲା, କଟକ, କେନ୍ଦୁଝର, ଭୁବନେଶ୍ୱର, ୨୭।୪/ଏନ୍ଏନ୍ଏସ୍:**

ଜଳର ଅନ୍ୟ ନାମ ଜୀବନ। ରବିବାର ଏହି ଜଳ ୮ଜଣଙ୍କ ଜୀବନ ଯିବାର କାରଣ ପାଲଟିଛି। ଅସାବଧାନତା କାରଣରୁ ନଦୀ ପୋଖରୀରେ ବୁଡ଼ି ୮ ଜଣଙ୍କ ପ୍ରାଣହାନୀ ଘଟିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ୪ ନାବାଳକଙ୍କ ସମେତ ମୋଟ ୮ ଜଣଙ୍କର ମୃତ୍ୟୁ ଘଟିଛି। ଏହି ମୃତକଙ୍କ ମଧ୍ୟରେ ୪ ଯୁବକ ଅଛନ୍ତି।

ସୂଚନା ମୁତାବକ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଗୋଡ଼ିବିଡ଼ା ଗାଁର ବିଜୟ ନାଏକଙ୍କ ପୁତୁରା ସୂର୍ଯ୍ୟକାନ୍ତଙ୍କ ବାହାଘରକୁ ଆସି ପାଣିରେ ବୁଡ଼ି ୩ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବିଜୟ ନାୟକଙ୍କ ପୁଅ ଉମାକାନ୍ତ ନାଏକ(୧୦), ନୂଆଗାଁ ଥାନା ଖାଲମଡ଼ା ପତର ସାହିର ପ୍ରଦୀପ ପ୍ରଧାନଙ୍କ ପୁଅ ରିତେଶ ପ୍ରଧାନ(୧୦) ଓ ବାହାଡ଼ାଖୋଲା ପୋଡ଼ାସାହି ଗ୍ରାମର କାଳିଆ ଖିଲାରଙ୍କ ପୁଅ ଶୁଭ ଖିଲାର(୧୧)। ସକାଳୁ ତିନିହେଁ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲା ବେଳେ ବୁଡ଼ି ଯାଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

କଟକରୁ ମଧ୍ୟ ଏକ ଦୁଃଖଦ ଖବର ଆସିଛି। କାଠଯୋଡ଼ିରେ ଖାନନଗର ଅଞ୍ଚଳର ଜଣେ ନାବାଳକ ବୁଡ଼ି ଯାଇଛନ୍ତି। ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ଖାନନଗର ଅଞ୍ଚଳ ବେତବିନ୍ଧାଣି ସାହିର ସୂର୍ଯ୍ୟକାନ୍ତ ମାଝୀ (୧୪) ବୁଡ଼ିଯିବା ପରେ ତାଙ୍କୁ ଉଦ୍ଧାର କରିଥିଲା ଅଗ୍ନିଶମ ବାହିନୀ। ମଧ୍ୟାହ୍ନରେ ସ୍ଥାନୀୟ ଖାନନଗର ନିକଟ କାଠଯୋଡ଼ି ନଦୀକୁ ୬ଜଣ ସାଙ୍ଗହୋଇ ଗାଧୋଇବାକୁ ଆସିଥିଲେ। ତେବେ ଗାଧୋଇବା ବେଳେ ନାବାଳକ ସୂର୍ଯ୍ୟକାନ୍ତ ପାଣି ସୁଅରେ ଭାସି ଯାଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ରବିବାର ଛୁଟିଦିନ ଥିବାରୁ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ବଡ଼ପଳାଶପାଳ ପଞ୍ଚାୟତ ଗରଗଡ଼ବାହାଳର ପାଟହରା ଗୁମ୍ଫାକୁ ବୁଲିବାକୁ ଆସିଥିଲେ ଯାଜପୁର ଜିଲ୍ଲା ଡୁବୁରିସ୍ଥିତ ଟାଟା ପ୍ଲାଣ୍ଟରେ କାର୍ଯ୍ୟରତ ଥିବା ଜଗତସିଂହପୁର ଜିଲ୍ଲା ଅଞ୍ଚଳର ୪ଜଣ ୨୦ ବର୍ଷୀୟ ଯୁବକ। ସେମାନେ ପାଟହରା ଗୁମ୍ଫା ସହ ଚନ୍ଦନଗିରି ପାହାଡ଼ର ▶▶ ୫

ଭୀମପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ମୁଖ୍ୟମନ୍ତ୍ରୀ

# ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବ୍ରହ୍ମପୁର, ୨୭।୪/ଏନ୍ଏନ୍ଏସ୍:**

୨୦୩୬ରେ ଓଡ଼ିଶା ତା'ର ଶହେ ବର୍ଷ ପୂରଣ କରୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିବ। ତେଣୁ ଉଭୟ ପ୍ରାଥମିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଆମ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଗଞ୍ଜାମ ଜିଲ୍ଲା ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗଦେଇ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାତା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଭଗବାନ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ୧୯୨୪ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ବିଦ୍ୟାଳୟ ତା'ର ଶିକ୍ଷାଦାନର ଯାତ୍ରା ଆରମ୍ଭ କରି ଦୀର୍ଘ ୧୦ ଦଶନ୍ଧି ଧରି ସୀମାନ୍ତ ଅଞ୍ଚଳରେ ଜ୍ଞାନର ଆଲୋକ ବିକିରଣ କରିଆସୁଛି। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଶିକ୍ଷାଦାନ ବ୍ୟବସ୍ଥା ଗୁରୁ ଶିଷ୍ୟ ପଦ୍ଧତିରେ କେଉଁ ଆବାହମାନ ଯୁଗରୁ ରହିଆସିଛି। ବ୍ରିଟିଶ ସରକାର ଆସିବା ପରେ ଶିକ୍ଷାନୀତି ପ୍ରଚଳିତ ହୋଇଥିଲା। ସେତେବେଳେ ଶିକ୍ଷାର ସବୁଠାରୁ ବଡ଼ ଉଦ୍ଦେଶ୍ୟ ଥିଲା, ବ୍ରିଟିଶ ସରକାରଙ୍କ ପାଇଁ କିରାଣୀ ଓ ଅଧିକାରୀ ପ୍ରସ୍ତୁତ କରିବା। ଜ୍ଞାନ ଆହରଣ, ଚରିତ୍ର ଗଠନ ସେହି ଶିକ୍ଷା ପଦ୍ଧତିର ଉଦ୍ଦେଶ୍ୟ ନ ଥିଲା। ଏହି ଶିକ୍ଷା ପଦ୍ଧତି ସ୍ୱାଧୀନତା ପରବର୍ତ୍ତୀ ସମୟରେ ବହୁ ବର୍ଷ ଧରି ଚାଲିଆସିଥିଲା।

ମୁଖ୍ୟମନ୍ତ୍ରୀ କହିଥିଲେ, ବିଦ୍ୟାଳୟର ଉଦ୍ଦେଶ୍ୟ ହେଉଛି ପାଠ ପଢ଼ାଇ ପିଲାଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ି ସମାଜ ଗଠନର ଗୁରୁ ଦାୟିତ୍ୱ ନ୍ୟସ୍ତ କରିବା। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦେଶର ଶାସନଭାର ନେଲା ପରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ୨୦୨୦ ମସିହାରେ ମୋଦୀଜୀଙ୍କ ଦିଗ୍‌ଦର୍ଶନରେ ନୂତନ ଶିକ୍ଷାନୀତି ଦେଶରେ ପ୍ରଣୟନ ହୋଇଥିଲା। ଦୁର୍ଭାଗ୍ୟର କଥା, ଆମ ରାଜ୍ୟରେ ଏହି ନୂତନ ଶିକ୍ଷା ନୀତିକୁ ୫ ବର୍ଷ ଧରି ଲାଗୁ କରାଯାଇ ନଥିଲା। ଆଜି ଆମ ସରକାର ଆସିବା ପରେ, ଏହା ଲାଗୁ କରାଯାଇଛି। ଏହାଦ୍ୱାରା ନିଶ୍ଚିତ ଭାବେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ।



ସେ ପୁଣି କହିଥିଲେ, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଆମେ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିକ୍ଷା ବା ଶିଶୁବାଟିକା ଆରମ୍ଭ କରିଛୁ। ନୂତନ ଜାତୀୟ ଶିକ୍ଷାନୀତି ଆଧାରରେ ଓଡ଼ିଶାରେ ମଧ୍ୟ ନିପୁଣ ଓଡ଼ିଶା ମିଶନ ଆରମ୍ଭ କରାଯାଇଛି। ଏଥିରେ ଛାତ୍ରଛାତ୍ରୀମାନଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଇଛି। ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଆମର ଛାତ୍ରଛାତ୍ରୀମାନେ ନିଶ୍ଚିତ ଭାବେ ମୌଳିକ ଜ୍ଞାନ ହାସଲ କରି ଉଚ୍ଚଶିକ୍ଷାରେ ସଫଳ ହେବେ। ପୂର୍ବ ସରକାରଙ୍କ ୫ଟି ସ୍କୁଲ୍ ଏକ ପ୍ରହସନ ଥିଲା। ମାତ୍ର ୧୬ ପ୍ରତିଶତ ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ କରି ଡିଜିଟାଲ୍ ସ୍କୁଲ ନାଁରେ ପ୍ରହସନ ଚାଲିଥିଲା। ବାସ୍ତବ କ୍ଷେତ୍ରରେ ପିଲାମାନଙ୍କ ଉତ୍ତମ ଶିକ୍ଷାଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଆମ ସରକାର ଆସିବା ପରେ ଏବେ ପ୍ରାଥମିକ ବିଦ୍ୟାଳୟର ▶▶ ୫

ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଆମ ସରକାର ବଦ୍ଧପରିକର

ଐତିହ୍ୟ ବିଦ୍ୟାଳୟରେ ସାମିଲ ହେବ ଭୀମପୁର ଉଚ୍ଚ ବିଦ୍ୟାଳୟ

ବ୍ରହ୍ମପୁରକୁ ଆସିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ: ମୁଖ୍ୟମନ୍ତ୍ରୀ

ମା' ବୁଢ଼ୀ ଠାକୁରାଣୀଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

## ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କଲେ

**ବ୍ରହ୍ମପୁର, ୨୭।୪/ଏନ୍ଏନ୍ଏସ୍:**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ବ୍ରହ୍ମପୁର ଗସ୍ତରେ ଆସି ମା' ବୁଢ଼ୀ ଠାକୁରାଣୀଙ୍କୁ ଦର୍ଶନ କରିଛନ୍ତି। ସହରର ଐତିହ୍ୟ ଓ ପରମ୍ପରାକୁ ନେଇ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ମା' ବୁଢ଼ୀ ସାଆନ୍ତାଣୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଦୀପ ଲଗାଇ ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ କେ. ଅନିଲ କୁମାର, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ଭୁବନେଶ୍ୱରରୁ ହେଲିକପ୍ଟର୍‌ରେ ଆସି ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ କଲେଜ ନିକଟ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରେ ଦଳୀୟ ନେତା ଓ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ସେ କାର୍‌କେଡ୍ ଯୋଗେ ▶▶ ୫

ନିତିଦିନ NITIDIN

## ‘ମନ୍ କି ବାତ୍’ରେ ପହଲଗାମ୍ ପୀଡ଼ା କଥା କହିଲେ ପ୍ରଧାନମନ୍ତ୍ରୀ

# ପୀଡ଼ିତଙ୍କ ପରିବାରକୁ ନିଶ୍ଚୟ ନ୍ୟାୟ ମିଳିବ



**ନୂଆଦିଲ୍ଲୀ,୨୭।୪/ଏଜେନ୍ସି:** ପ୍ରତ୍ୟେକ ମାସର ଶେଷ ରବିବାର ଭଳି ଆଜି (ରବିବାର) ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ରେଡିଓ ଭିତ୍ତିକ କାର୍ଯ୍ୟକ୍ରମ ମନ୍ କି ବାତ୍’ର ୧୨୧ତମ ସଂସ୍କରଣ ନେଇ ଦେଶବାସୀଙ୍କ ପାଖରେ ଉପସ୍ଥିତ ହୋଇଛନ୍ତି। କିନ୍ତୁ ଏଥର ସେ ନିଜ ସହ ୧୪୦ କୋଟି ଦେଶବାସୀଙ୍କ ଦୁଃଖଭରା ମନର କଥା କହିଛନ୍ତି। ଜମ୍ମୁ କାଶ୍ମୀରର ପହଲଗାମ୍ ଠାରେ ୨୭ ନୀରିହ ଲୋକଙ୍କୁ ଆତଙ୍କବାଦୀ ଗୁଳିକରି ହତ୍ୟା କରିବା ଘଟଣାକୁ ନେଇ ସମଗ୍ର ବିଶ୍ୱ ଯେତେବେଳେ ଶୋକପାଳନ କରୁଛି ସେତେବେଳେ ମୋଦୀ ସମଗ୍ର ଦେଶବାସୀଙ୍କୁ ଏକ ପ୍ରତିଶ୍ରୁତି ଦେବାକୁ ଆଗେଇ ଆସିଛନ୍ତି। ପୀଡ଼ିତ ପରିବାରଙ୍କ ପ୍ରତି ପ୍ରତ୍ୟେକ ଭାରତୀୟଙ୍କ ମନରେ ଗଭୀର ସମବେଦନା ରହିଛି। ଯେଉଁମାନେ ଏହି ଆକ୍ରମଣରେ ନିଜ ପରିବାରର ଲୋକଙ୍କୁ ହରାଇଛନ୍ତି, ସମଗ୍ର ଦେଶବାସୀ ସେମାନଙ୍କ ଯନ୍ତ୍ରଣାକୁ ଅନୁଭବ କରୁଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ ନିଜ କାର୍ଯ୍ୟକ୍ରମ ମାଧ୍ୟମରେ ପହଲଗାମ୍ ଘଟଣାରେ ମୃତାହତ ପରିବାରଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ସେମାନଙ୍କୁ ନିଶ୍ଚିତ ନ୍ୟାୟ ମିଳିବ। ଘଟଣା ପାଇଁ ଦାୟୀ ଆତଙ୍କବାଦୀ ଏବଂ ଏହାପଛରେ ଥିବା ମାଷ୍ଟରମାଇଣ୍ଡକୁ କଠୋର ଜବାବ ଦିଆଯିବ। ଆତଙ୍କବାଦ ବିରୋଧୀ ଆମ ଲଢ଼େଇରେ ୧୪୦ କୋଟି ଭାରତୀୟଙ୍କ ସହିତ ସାରା ବିଶ୍ୱ ଛିଡ଼ା ହୋଇଛି। ଆତଙ୍କୀ ଆକ୍ରମଣର ଛବିକୁ ଦେଖି ସବୁ ଭାରତୀୟଙ୍କ ରକ୍ତ ଗରମ ହୋଇଯାଇଛି। ଏହି ଆକ୍ରମଣ ଆତଙ୍କବାଦୀଙ୍କ ଭୀରୁତାକୁ ଦର୍ଶାଉଛି। ଯେତେବେଳେ କାଶ୍ମୀରରେ ଶାନ୍ତି ଫେରୁଥିଲା, ଗଣତନ୍ତ୍ର ମଜଭୁତ ହେଉଥିଲା, ପର୍ଯ୍ୟଟକଙ୍କ ସଂଖ୍ୟାରେ ବୃଦ୍ଧି ପାଉଥିଲା, ଲୋକଙ୍କ ରୋଜଗାର ବଢୁଥିଲା, ଯୁବପିଢ଼ିଙ୍କ ପାଇଁ ନୂଆ ସୁଯୋଗ ପ୍ରସ୍ତୁତ ହେଉଥିଲା, ସେହି ସମୟରେ ଦେଶର ଶତ୍ରୁଙ୍କୁ ଜମ୍ମୁ-କାଶ୍ମୀରର ଶତ୍ରୁଙ୍କୁ ଏହା ବରଦାସ୍ତ ହେଲାନି। ଆତଙ୍କବାଦୀ ଓ ଆତଙ୍କକୁ ପ୍ରଶ୍ରୟ ଦେଉଥିବା ଶକ୍ତିମାନେ ଚାହାଁନ୍ତି ଯେ, କାଶ୍ମୀର ପୁଣିଥରେ ଧ୍ୱଂସ ହେଇଯାଉ। କିନ୍ତୁ ସେମାନେ ୧୪୦ କୋଟି ଭାରତୀୟଙ୍କ ଏକତାର ଶକ୍ତିକୁ ଜାଣିନାହାନ୍ତି। ଏହି ଏକତା, ଆତଙ୍କବାଦ ବିରୁଦ୍ଧରେ ଆମର ନିର୍ଣ୍ଣାୟକ ସଂଗ୍ରାମର ଆଧାର।

ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ଦୁଇଦିନ ପୂର୍ବେ ଦେଶର ଜଣେ ମହାନ ବୈଜ୍ଞାନିକ ଡ. କେ. କସ୍ତୁରୀରଙ୍ଗନ୍‌ଙ୍କ ଦେହାନ୍ତ ହୋଇଥିବା ସମ୍ପର୍କରେ ମଧ୍ୟ କହିଛନ୍ତି। ମୋଦୀ କହିଛନ୍ତି, ସେ ଯେତେବେଳେ କସ୍ତୁରୀରଙ୍ଗନଙ୍କୁ ଭେଟନ୍ତି, ସେତେବେଳେ ଦେଶର ଯୁବପିଢ଼ିଙ୍କ ପ୍ରତିଭା, ଆଧୁନିକ ଶିକ୍ଷା, ମହାକାଶ ବିଜ୍ଞାନ ଭଳି ବିଷୟରେ ଆଲୋଚନା କରନ୍ତି। ବିଜ୍ଞାନ, ଶିକ୍ଷା ଏବଂ ଭାରତର ମହାକାଶ କାର୍ଯ୍ୟକ୍ରମକୁ ନୂଆ ଦିଗ ଦେବାରେ ଡ. କସ୍ତୁରୀରଙ୍ଗନଙ୍କ ଯୋଗଦାନକୁ ଦେଶ ସର୍ବଦା ସ୍ମରଣ କରିବ। ତାଙ୍କ ନେତୃତ୍ୱରେ ଇସ୍ରୋକୁ ଏକ ନୂଆ ପରିଚୟ ମିଳିଛି। ମୋଦୀ ଏହି ଅବସରରେ ଚନ୍ଦ୍ରାୟନ ମିଶନ ସହ ଇସ୍ରୋର ଅନେକ ସଫଳତା ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। କେବଳ ସେତିକି ନୁହେ ମୋଦୀ ଗତ ମାସ ମ୍ୟାଁମାରରେ ଘଟିଥିବା ଭୂମିକମ୍ପର ଭୟାବହ ଘଟଣା ସମ୍ପର୍କରେ ମଧ୍ୟ ଏଠାରେ ସୂଚନା ଦେଇଛନ୍ତି। ଭାରତ କିପରି ଅପରେସନ୍ ବ୍ରହ୍ମା’ ନାମରେ ମିଆଁମାରକୁ ସହାୟତା କରିପାରିଛି, ଏନ୍‌ଡିଆରଏଫ୍ ଟିମ୍ କିପରି ସେଠାରେ ଉଦ୍ଧାର କାର୍ଯ୍ୟକୁ ସଫଳତାପୂର୍ବକ ତୁଲାଇଥିଲେ ସେସବୁ ସମ୍ପର୍କରେ ମଧ୍ୟ ମୋଦୀ କହିଛନ୍ତି। ଏହି ଅବସରରେ ମୋଦୀ ଏକ ଭିନ୍ନ ମୋବାଇଲ୍ ଆପ୍ ‘ସଚେତ୍’ ସମ୍ପର୍କରେ ସୂଚନା ଦେଇଛନ୍ତି। ମୋଦୀ କହିଛନ୍ତି, ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଷୟ ଆସେ ଏବଂ ସେତେବେଳେ ଏହାର ମୁକାବିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଯାଇଥାଏ। ସତର୍କତା ହିଁ ସଚେତନତା। ଏହି ସତର୍କତାରେ ଏବେ ମୋବାଇଲ୍‌ର ଏକ ସ୍ୱତନ୍ତ୍ର ଆପ୍ ସାହାଯ୍ୟ କରିପାରିବ। ଏହି ଆପ୍ ଆପଣଙ୍କୁ ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟରେ ଫସି ରହିବାଠାରୁ ରକ୍ଷା କରିପାରିବ। ‘ସଚେତ୍’ ଆପ୍‌କୁ ଭାରତର ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ବା (ଏନ୍‌ଡିଏମ୍‌ଏ) ପ୍ରସ୍ତୁତ କରିଛି। ବନ୍ୟା, ଘୂର୍ଣ୍ଣିବାତ୍ୟା, ଭୂସ୍ଖଳନ, ସୁନାମି, ବନାଗ୍ନି, ହିମସ୍ଖଳନ, ଝଡ଼ତୋଫାନ କିମ୍ବା ବଜ୍ରପାତ ଭଳି ବିପର୍ଯ୍ୟୟ ହେଉ, ସଚେତ୍ ଆପ୍ ଆପଣଙ୍କୁ ସବୁ ପ୍ରକାର ସୂଚନା ଦେଇ ଓ ସୁରକ୍ଷିତ ରଖିବାକୁ ଚେଷ୍ଟା କରିଥାଏ। ଏହି ଆପ୍ ମାଧ୍ୟମରେ ପାଣିପାଗ ବିଭାଗ ସହିତ ଜଡ଼ିତ ତାଜା ସୂଚନା ମିଳିପାରିବ। ବିଶେଷ କଥା ହେଉଛି ‘ସଚେତ୍’ ଆପ୍ ଆଞ୍ଚଳିକ ଭାଷାରେ ମଧ୍ୟ ଅନେକ ସୂଚନା ଉପଲବ୍ଧ କରାଇବ।

ମୋଦୀ ନିଜ ମନ କି ବାତ୍ କାର୍ଯ୍ୟକ୍ରରେ ଚମ୍ପାରନ୍ ସତ୍ୟାଗ୍ରହ, ଦାଣ୍ଡିଯାତ୍ରା, ଜାଲିଆନାୱାଗ୍ ହତ୍ୟାକାଣ୍ଡ ଆଦି ସମ୍ପର୍କରେ ମଧ୍ୟ କହିଥିଲେ। ମୋଦୀ ‘ଏକ ପେଡ୍ – ମା’ କେ ନାମ୍’ ନାରା ଏବେ ଦେଶବାସୀଙ୍କ ମଧ୍ୟରେ ଏକ ଜାଗରଣ ସୃଷ୍ଟି କରିଛି ବୋଲି କହିଛନ୍ତି। ଶେଷରେ ପୃଥିବୀର ସ୍ୱାସ୍ଥ୍ୟକୁ ଠିକ୍ ରଖିବା ପାଇଁ ଜଳବାୟୁ ପରିବର୍ତ୍ତନର ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ନିମନ୍ତେ ଏବଂ ନିଜର ପିଲାମାନଙ୍କର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଅନ୍ତତଃ ନିଜ ମା’ଙ୍କ ଉଦ୍ଦେଶ୍ୟରେ ନିଶ୍ଚୟ ଏକ ଗଛ ଲଗାନ୍ତୁ ବୋଲି ମୋଦୀ ସମସ୍ତ ଦେଶବାସୀଙ୍କୁ ଅପିଲ୍ କରିଛନ୍ତି। ସେହିପରି କର୍ଣ୍ଣାଟକର ବାଗଲକୋଟର କୁଲାଲୀ ଗ୍ରାମର ସ୍ଥାୟୀ ବାସିନ୍ଦା ଶୈଳ ତେଲୀ ସମତଳ ଭୂମିରେ ତଥା ୩୫ ଡିଗ୍ରୀରୁ ଅଧିକ ତାପମାତ୍ରାରେ ମଧ୍ୟ ସେଓ ଉତ୍ପାଦନ କରୁଥିବା ଏବଂ ଏହା ତାଙ୍କ ଆର୍ଥିକ ସ୍ୱଚ୍ଛଳତାକୁ ଆହୁରି ଅଧିକ ସ୍ୱଚ୍ଛଳ କରୁଥିବା ସମ୍ପକରେ ମଧ୍ୟ ମୋଦୀ ସୂଚନା ଦେଇଛନ୍ତି। ସେହିପରି କିନ୍ନୌରରେ ଏବେ କେସର ଉତ୍ପାଦନ କରାଯାଉଥିବା ସମ୍ପର୍କରେ ମୋଦୀ କହିଛନ୍ତି।

## ଭାରସାମ୍ୟ ହରାଇ କୂଅକୁ ଖସିପଡ଼ିଲା କାର୍, ୧୨ ମୃତ


**ମନ୍ଦସୋର୍, ୨୭।୪/ଏଜେନ୍ସି:** ମଧ୍ୟପ୍ରଦେଶର ମନ୍ଦସୌର ଅଞ୍ଚଳରେ ଏକ ଅଭାବନୀୟ ସଡ଼କ ଦୁର୍ଘଟଣାରେ ୧୨ଜଣ ପ୍ରାଣ ହରାଇଛନ୍ତି। ପ୍ରାୟ ୧୬ଜଣଙ୍କୁ ନେଇଯାଉଥିବା ଏକ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇ କୂଅ ଭିତରକୁ ଖସିପଡ଼ିବା ଫଳରେ ଘଟଣାସ୍ଥଳରେ ହିଁ ୧୨ଜଣ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାଟି କଚାରିଆ ଗାଁରେ ଘଟିଛି। ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ୍‌ଡିଆରଏଫ୍) ଏବଂ ଅନ୍ୟାନ୍ୟ ୟୁନିଟ୍ ସହାୟତାରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ରିପୋର୍ଟ ଅନୁସାରେ ଭ୍ୟାନ୍‌ଟିରେ ପ୍ରାୟ ୧୬ଜଣ ଯାଉଥିଲେ। ସେମାନେ ନିମଚ ଜିଲ୍ଲାର ମନାସା କ୍ଷେତ୍ର ଅନ୍ତର୍ଗତ ଅନ୍ତରୀ ମାତା ମନ୍ଦିରକୁ ଦର୍ଶନ ପାଇଁ ଯାଉଥିଲେ। ତେବେ ଏହି ସମୟରେ ଭ୍ୟାନ୍‌ଟିର ଡ୍ରାଇଭର କୌଣସି କାରଣରୁ ଭାରସାମ୍ୟ ହରାଇଥିଲେ ଏବଂ ରାସ୍ତାରେ ଯାଉଥିବା ଏକ ବାଇକ୍ ଚାଳକକୁ ଧକ୍କା ଦେଇଥିଲେ। ପରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଭୀର ତଥା ପରିତ୍ୟକ୍ତ କୂଅ ମଧ୍ୟକୁ ଭ୍ୟାନ୍‌ଟି ଖସିପଡିଥିଲା। ଭ୍ୟାନ୍‌ରେ ଥିବା ୫ ଜଣ ପହଁରା ଜାଣିଥିବାରୁ ସୁରକ୍ଷିତ ଭାବେ ବାହାରି ଆସିଥିଲେ। କିନ୍ତୁ ଘଟଣାସ୍ଥଳରେ ୧୧ଜଣ ରହିଯାଇଥିଲେ। ତେବେ ଏମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ଗାଁର ଜଣେ ଯୁବକ ଯେତେବେଳେ କୂଅ ଭିତରକୁ ପ୍ରବେଶ କରିଥିଲେ ସେତେବେଳେ ସେ ମଧ୍ୟ ସେଠାରେ ମୃତ୍ୟୁବରଣ କରିଥିଲେ। ଘଟଣାସ୍ଥଳରେ ପହଞ୍ଚିଥିବା ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଦେବଡ଼ା କହିଛନ୍ତି ଯେ, ଡ୍ରାଇଭର ଭ୍ୟାନ ଉପରୁ ନିୟନ୍ତ୍ରଣ ହରାଇ ଦେଇଥିଲେ, ଯାହା ପରେ ଭ୍ୟାନଟି ରାସ୍ତାରୁ ଖସି କୂଅରେ ପଡ଼ିଯାଇଥିଲା। କୂଅରେ ବିଷାକ୍ତ ଗ୍ୟାସ୍ ଥିବାରୁ ଏତେ ସଂଖ୍ୟକ ଲୋକ ପ୍ରାଣ ହରାଇଛନ୍ତି।

## କଂଗ୍ରେସର ପ୍ରଶ୍ନର ପାହାଡ଼

# ସର୍ବଦଳୀୟ ବୈଠକକୁ କାହିଁକି ଆସିଲେନି ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୭।୪/ଏଜେନ୍ସି:** ପହଲଗାମ୍ ଆତଙ୍କବାଦୀ ଘଟଣାରେ ବିରୋଧୀ ଦଳ କଂଗ୍ରେସ, ଭାରତ ସରକାରଙ୍କୁ ସମ୍ପୂର୍ଣ୍ଣ ସମର୍ଥନ ଘୋଷଣା କରିସାରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ବସିଥିବା ସର୍ବଦଳୀୟ ବୈଠକରେ ମଧ୍ୟ ଅନ୍ୟ ସମସ୍ତ ବିରୋଧୀ ଦଳଙ୍କ ସହ କଂଗ୍ରେସ ମଧ୍ୟ ସରକାରଙ୍କୁ ଯେକୌଣସି କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ଣ୍ଣ ସମର୍ଥନ ବୋଲି କହିଥିଲା। ତେବେ ଏବେ କିନ୍ତୁ କଂଗ୍ରେସର ଆଭିମୁଖ୍ୟରେ ସାମାନ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ, କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ତଥା ଜୟରାମ ରମେଶଙ୍କ ଭଳି ଅନ୍ୟ କେତେକ ନେତାମାନେ ରବିବାର ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗରେ ସରକାରଙ୍କ ସମ୍ମୁଖରେ କିଛି ପ୍ରଶ୍ନ ଉଠାଇଛନ୍ତି।

ଖର୍ଗେ କହିଛନ୍ତି, ସାମ୍ପ୍ରତିକ ଆତଙ୍କବାଦୀ ଘଟଣା, ଯେଉଁଥିରେ ପ୍ରାୟ ୨୭ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି, ତାହା ଅତ୍ୟନ୍ତ ଚିନ୍ତାଜନକ। ଏହି ପରିପ୍ରେକ୍ଷୀରେ, ସେ ନିଜେ କେନ୍ଦ୍ର ସରକାରଙ୍କ ଦ୍ୱାରା ଡକାଯାଇଥିବା ସର୍ବଦଳୀୟ ବୈଠକରେ ଅଂଶଗ୍ରହଣ କରିଥିଲେ ଏବଂ ଲୋକସଭା ଏବଂ ରାଜ୍ୟସଭାର ବିରୋଧୀ ନେତାମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇନଥିଲେ। ଯେତେବେଳେ ସରକାର ଏପରି ଜରୁରୀକାଳୀନ ବୈଠକ ଡାକିଥାନ୍ତି, ସେତେବେଳେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ଅତ୍ୟନ୍ତ ଆବଶ୍ୟକ। କିନ୍ତୁ ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଅନୁପସ୍ଥିତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥିସହ କଂଗ୍ରେସ ନେତାମାନେ ଆଉ କିଛି ପ୍ରଶ୍ନ ମଧ୍ୟ ସରକାରଙ୍କୁ କରିଛନ୍ତି। ପ୍ରକାଶ, ଏହାପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ସ୍ୱୀକାର କରିସାରିଛନ୍ତି ଯେ, ପହଲଗାମ୍ ଘଟଣା ଏକ ସୁରକ୍ଷାଜନିତ ବଡ଼ ତ୍ରୁଟି ଥିଲା। ସରକାରଙ୍କ ଏପ୍ରକାର ସ୍ୱୀକାରୋକ୍ତି ପରେ ମଧ୍ୟ ବିରୋଧୀ କଂଗ୍ରେସ ଏବେ ରାଜନୀତି କରିବା ଉଦ୍ଦେଶ୍ୟରେ ଏପ୍ରକାର ପ୍ରଶ୍ନ ଉଠାଇ ସରକାରଙ୍କୁ ଘେରିବାକୁ ଉଦ୍ୟମ କରୁଥିବା ବିଜେପି ପକ୍ଷରୁ କୁହାଯାଇଛି।




## ଏନ୍‌ଆଇଏର ବଡ଼ ଖୁଲାସା: ଟାର୍ଗେଟ୍‌ରେ ୧୫ ସ୍ଥାନୀୟ ବାସିନ୍ଦା

# ଆତଙ୍କବାଦୀଙ୍କୁ ଅସ୍ତ୍ରଶସ୍ତ୍ର, ଖାଦ୍ୟ ଯୋଗାଇବା ସହ ବାଟ ଦେଖାଇଥିଲେ ୫ ସନ୍ଦିଗ୍ଧ




**ନୂଆଦିଲ୍ଲୀ,୨୭।୪/ଏଜେନ୍ସି:** ପହଲଗାମରେ ହୋଇଥିବା ଆକ୍ରମଣର ତଦନ୍ତରେ ଏକ ନୂତନ ମୋଡ଼ ଆସିଛି। ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ) ଏହି ଘଟଣାରେ ଏକ ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିଛି। ଏଥିରେ ପହଲଗାମ୍‌କୁ ଆସିଥିବା ଆତଙ୍କବାଦୀମାନଙ୍କୁ ୧୫ଜଣ ସ୍ଥାନୀୟ ଲୋକ ସାହାଯ୍ୟ କରିଥିବା ଦର୍ଶାଯାଇଛି। ଏମାନେ ସମସ୍ତେ କାଶ୍ମୀର ଉପତ୍ୟକାର ବାସିନ୍ଦା ହୋଇଥିବା ବେଳେ ଏମାନେ ଆକ୍ରମଣକାରୀଙ୍କୁ ଲଜିଷ୍ଟିକ୍ସ ଏବଂ ଅସ୍ତ୍ରଶସ୍ତ୍ର ଯୋଗାଇବାରେ ସାହାଯ୍ୟ କରିଥିଲେ। କେବଳ ସେତିକି ନୁହେଁ ସେମାନେ ସୀମା ଆରପଟୁ ଆସିଥିବା ଆତଙ୍କବାଦୀମାନଙ୍କୁ ଜଙ୍ଗଲ ମଧ୍ୟରେ ବାଟ ମଧ୍ୟ ଦେଖାଇବାରେ ସାହାଯ୍ୟ କରିଥିଲେ। ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ପାକିସ୍ତାନରୁ ସେମାନଙ୍କ ପାଖକୁ ଆସିଥିବା ବେଳେ ଆତଙ୍କବାଦୀମାନେ ପ୍ରଥମେ ଏଠାକୁ ଖାଲିହାତରେ ଆସିଥିବା ଏବଂ ପରେ ଏମାନଙ୍କ ଠାରୁ ସେସବୁକୁ ନେଇଥିବା ଅନୁମାନ କରାଯାଉଛି। ସବୁଠୁ ବଡ଼କଥା ହେଉଛି ଆତଙ୍କବାଦୀମାନେ ପ୍ରାୟ ୨୦/୨୨ କିମି ଚାଲିଚାଲି ପହଲଗାମକୁ ଆସିଥିବା ଜଣାପଡିଛି।

ଇଲେକ୍ଟ୍ରୋନିକ୍ ନିରୀକ୍ଷଣ ଆଧାରରେ ଏହି ତଥ୍ୟ ସାମ୍ନାକୁ ଆସିଛି। ପ୍ରକାଶ, ଏହି ୧୫ଜଣଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩ଜଣ ଗିରଫ ହୋଇସାରିଛନ୍ତି। ସେହିପରି ଜମ୍ମୁ କାଶ୍ମୀର ପୁଲିସ ୫ଜଣ ସନ୍ଦିଗ୍ଧ ଏବଂ ୨୦୦ ଜଣ ଓଜିଡବ୍ଲ୍ୟୁ (ଓଭର ଗ୍ରାଉଣ୍ଡ ୱାର୍କର)ଙ୍କୁ ପଚରାଉଚରା କରୁଛି। ପହଲଗାମ ଆକ୍ରମଣ ଦିନ ଏହି ସନ୍ଦିଗ୍ଧ ବ୍ୟକ୍ତିମାନେ ଘଟଣାସ୍ଥଳ ନିକଟରେ ଥିଲେ। ସେମାନଙ୍କ ଫୋନଗୁଡ଼ିକ ମଧ୍ୟ ସେହି ଅଞ୍ଚଳରେ ସକ୍ରିୟ ଥିଲା ବୋଲି ଏନ୍‌ଆଇଏ ଜାଣିବାକୁ ପାଇଛି। ବାସ୍ତବରେ ଉପତ୍ୟକାର ୩ ବ୍ୟକ୍ତିଙ୍କ ମୋବାଇଲ୍‌ରେ ହୋଇଥିବା ଏକ ଚାଟ୍ ସାମ୍ନାକୁ ଆସିଛି। ଏଥିରେ ଧରାପଡ଼ିଥିବା ତିନି ଜଣ ସନ୍ଦିଗ୍ଧ ବ୍ୟକ୍ତି ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଉଥିବା ବେଳେ ସେମାନେ ପହଲଗାମରେ ଉପସ୍ଥିତ ପାକିସ୍ତାନୀ ଆତଙ୍କବାଦୀଙ୍କୁ ‘ସହାୟତା’ କରିବା ବିଷୟରେ କଥା ହେଉଥିଲେ। ୧୫ ସନ୍ଦିଗ୍ଧଙ୍କ ମଧ୍ୟରୁ ୫ଜଣ ମୁଖ୍ୟତଃ ବେଶ୍ ସକ୍ରିୟ ଭାବେ ଆତଙ୍କବାଦୀଙ୍କୁ ସାହାଯ୍ୟ କରିଥିବା ଜଣାପଡିଛି।

ପ୍ରକାଶ, ସୂତ୍ର ଅନୁଯାୟୀ, ସୁରକ୍ଷା ବାହିନୀ ବୈସାରନ ଆଖପାଖ ଜଙ୍ଗଲକୁ ପଳାଇଯାଇଥିବା ଆତଙ୍କବାଦୀମାନଙ୍କୁ ଖୋଜୁଛନ୍ତି। ନିକଟବର୍ତ୍ତୀ ସହର ଏବଂ ଜିଲ୍ଲାଗୁଡ଼ିକରେ ଖୋଜାଖୋଜି ସତ୍ତ୍ୱେ, ଆକ୍ରମଣକାରୀଙ୍କ ପତ୍ତା ମିଳିନାହିଁ। ତେଣୁ, ସେମାନେ ଘନ ଜଙ୍ଗଲରେ ଲୁଚି ରହିଥିବା ସନ୍ଦେହ କରାଯାଉଛି।


## ଅଖିଳ ଭାରତୀୟ ବ୍ୟବସାୟୀ ମହାସଂଘର ବଡ଼ ଘୋଷଣା

# ବନ୍ଦ କଲା ପାକିସ୍ତାନ ସହ ସମସ୍ତ ବାଣିଜ୍ୟ ସମ୍ପର୍କ



**ନୂଆଦିଲ୍ଲୀ, ଭୁବନେଶ୍ୱର, ୨୭।୪/ଏଜେନ୍ସି:** ଜମ୍ମୁ କାଶ୍ମୀରର ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ, କନ୍‌ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ବା ଅଖିଳ ଭାରତୀୟ ବ୍ୟବସାୟୀ ମହାସଂଘ, ପାକିସ୍ତାନ ସହ ସମସ୍ତ ବାଣିଜ୍ୟ ସମ୍ପର୍କ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଭୁବନେଶ୍ୱରରେ ଆୟୋଜିତ ସିଏଆଇଟିର ଦୁଇଦିନିଆ ଜାତୀୟ ପରିଚାଳନା ପରିଷଦ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦେଶର ୨୬ ରାଜ୍ୟରୁ ୨୦୦ରୁ ଅଧିକ ବ୍ୟବସାୟୀ ଲିଡରମାନେ ଯୋଗଦେଇଥିଲେ। ରିପୋର୍ଟ ଅନୁସାରେ ପହଲଗାମ୍ ଘଟଣାର ପ୍ରତିବାଦରେ ସିଏଆଇଟି ଏକ ସଂକଳ୍ପ ଗ୍ରହଣ କରିବା ପୂର୍ବକ ପାକିସ୍ତାନ ସହ ସମସ୍ତ ଆମଦାନୀ ଓ ରପ୍ତାନୀ ବନ୍ଦ କରିବାକୁ ଘୋଷଣା କରିଛି। ମହାସଂଘର ମହାସଚିବ ତଥା ଚାନ୍ଦନୀଚୌକର ଏମ୍‌ପି ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି, ଏକ ଶତ୍ରୁତାପୂର୍ଣ୍ଣ ଦେଶ ସହ ବାଣିଜ୍ୟ ବଜାୟ ରଖିବା ସମ୍ପୂର୍ଣ୍ଣ ଅଗ୍ରହଣୀୟ। ବ୍ୟାପାରୀ ସମୁଦାୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ସାର୍ବଭୌମତ୍ୱ ଓ ବାଣିଜ୍ୟିକ ସ୍ୱାଧୀନତା ରକ୍ଷା ପାଇଁ ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ। ସିଏଆଇଟି ରିପୋର୍ଟ ଅନୁସାରେ, ୨୦୧୯ର ପୁଲୱାମା ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟ ସମ୍ପର୍କ ନାଟକୀୟ ଭାବେ ହ୍ରାସ ପାଇଥିଲା। ୨୦୧୮ରେ ପ୍ରାୟ ୩ ବିଲିୟନ ଡଲାରର ବାଣିଜ୍ୟ ୨୦୨୪ ସୁଦ୍ଧା ୧.୨ ବିଲିୟନ ଡଲାରକୁ ଖସିଆସିଥିଲା। ଏପ୍ରିଲ ୨୦୨୪ରୁ ଜାନୁଆରୀ ୨୦୨୫ ମଧ୍ୟରେ ଭାରତ ପାକିସ୍ତାନକୁ ପ୍ରାୟ ୫୦୦ ମିଲିୟନ ଡଲାରର ଔଷଧ, ରାସାୟନିକ, ଚିନି ଓ ଅଟୋ ପାର୍ଟସ ରପ୍ତାନୀ କରିଥିବାବେଳେ ମାତ୍ର ୦.୪୨ ମିଲିୟନ ଡଲାରର ସାମଗ୍ରୀ ଆମଦାନୀ କରିଥିଲା। ଏବେ ଏହି ବାଣିଜ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ମହାସଂଘ ଘୋଷଣା କରିଛି। ସେହିପରି ଅନ୍ୟ ଏକ ରିପୋର୍ଟ ଅନୁସାରେ ସିଏଆଇଟି ଇ-କମର୍ସ କମ୍ପାନୀଗୁଡ଼ିକ ବିରୋଧରେ ଅନିୟମିତ କାର୍ଯ୍ୟକଳାପ, ବାରମ୍ବାର ନିୟମ ଉଲ୍ଲଂଘନ, ନକଲି ସାମଗ୍ରୀ ବିକ୍ରି ଭଳି ଅଭିଯୋଗ ଆଣିବା ସହ ଏଗୁଡ଼ିକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସରକାରଙ୍କୁ ଅନୁରୋଧ କରିଛି। ଏସବୁ ଇ-କମର୍ସ କମ୍ପାନୀଗୁଡ଼ିକ ଛୋଟ ବେପାରୀଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିବା ଭଳି ଅଭିଯୋଗ ଉଠାଇଛି ମହାସଂଘ। ମହାସଂଘ ସରକାରଙ୍କୁ ଇ-କମର୍ସ ନୀତି ଏବଂ ଗ୍ରାହକ ସୁରକ୍ଷା ଆଇନ ଓ ବୈଦେଶିକ ପ୍ରତ୍ୟକ୍ଷ ନିବେଶ (ଏଫ୍‌ଡିଆଇ) ନୀତି ଅଧୀନରେ ନିୟମଗୁଡ଼ିକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛି।

# ଝେଲମ୍ ନଦୀରେ ବନ୍ୟା, ଏମର୍ଜେନ୍ସି ଜାରି



**ଇସଲାମାବାଦ୍,୨୭।୪/ଏଜେନ୍ସି:** ଝେଲମ୍ ନଦୀରେ ଆସିଥିବା ଅକସ୍ମାତ୍ ବନ୍ୟା ଯୋଗୁ ପାକିସ୍ତାନର ମୁଜଫରାବାଦ୍ ଅଞ୍ଚଳ ଜଳମଗ୍ନ ହୋଇପଡିଛି। ପାକିସ୍ତାନୀ ଗଣମାଧ୍ୟମ ଦାବି କରିଛି ଯେ ଭାରତ କୌଣସି ପୂର୍ବ ସୂଚନା ବିନା ପାକିସ୍ତାନ ମୁଜଫରାବାଦର ହଟିନବାଲା ଅଞ୍ଚଳର ଝେଲମ ନଦୀରେ ଅତିରିକ୍ତ ପାଣି ଛାଡିଦେଇଛି। ଯେଉଁ କାରଣରୁ ମୁଜାଫରାବାଦରେ ହଠାତ୍ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପାକିସ୍ତାନ ସରକାର ଏହି ଅଞ୍ଚଳ ପାଇଁ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ପାକିସ୍ତାନୀ ଗଣମାଧ୍ୟମ ଦାବି କରିଛି ଯେ ଭାରତ କୌଣସି ପୂର୍ବସୂଚନା ବିନା ପାକିସ୍ତାନ ମୁଜଫରାବାଦର ହଟିନବାଲା ଅଞ୍ଚଳର ଝେଲମ ନଦୀରେ ଅତିରିକ୍ତ ପାଣି ଛାଡି ଦେଇଛି। ଯେଉଁ କାରଣରୁ ମୁଜାଫରାବାଦ ନିକଟ ଦେଇ ପ୍ରବାହିତ ଝେଲମ୍ ନଦୀରେ ଜଳସ୍ତର ସାମାନ୍ୟ ଠାରୁ ୭ରୁ ୮ଫୁଟ ଉପରକୁ ଉଠିଯାଇଛି। ଯାହାକୁ ନେଇ ସେଠାକାର ଲୋକଙ୍କ ମନରେ କୋକୁଆ ଭୟ ଦେଖା ଦେଇଛି। ପାକିସ୍ତାନ ସରକାର ଦର୍ଶାଇଛନ୍ତି ଯେ, ସ୍ଥାନୀୟ ଲୋକମାନଙ୍କୁ ବନ୍ୟାଅଞ୍ଚଳରୁ ଖାଲି କରି ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ପରିସ୍ଥିତି ଖରାପ ହେବା ପରେ ମୁଜାଫରାବାଦ ପ୍ରଶାସନ ଜରୁରୀକାଳୀନପରିସ୍ଥିତି ଘୋଷଣା କରିଛି। ଝେଲମ୍ ନଦୀରେ ହଠାତ୍ ପାଣି ଛାଡ଼ିବା ଯୋଗୁଁ ମୁଜାଫରାବାଦ ନିକଟରେ ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ମସଜିଦରେ ଘୋଷଣା କରି ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ସହିତ ନଦୀ କୂଳରୁ ଦୂରେଇ ରହିବାକୁ ଚେତାବନୀ ଦେଇଛି।

## ଚୀନ୍‌କୁ ଗୁହାରି କଲା ପାକିସ୍ତାନ

# ‘ଭାରତକୁ ବ୍ରହ୍ମପୁତ୍ର ନଦୀ ଜଳ ବନ୍ଦ କର’



**ଇସଲାମାବାଦ୍,ବେଜିଂ, ନୂଆଦିଲ୍ଲୀ, ୨୭।୪/ଏଜେନ୍ସି:** ଭାରତ ପକ୍ଷରୁ ୧୯୭୨ର ସିନ୍ଧୁ ଜଳ ଚୁକ୍ତିକୁ ରଦ୍ଦ କରାଯିବା ନେଇ କେନ୍ଦ୍ର ସରକାର କେବଳ ଘୋଷଣା କରିଛନ୍ତି। ପର୍ଯ୍ୟାୟ ପର୍ଯ୍ୟାୟ କରି ୩ଟି ପର୍ଯ୍ୟାୟରେ ପାକିସ୍ତାନକୁ ପ୍ରବାହିତ ହେଉଥିବା ସିନ୍ଧୁ ଜଳକୁ ରୋକିବା ଦିଗରେ ମୋଦୀ ସରକାର ଆଗକୁ ବଢୁଛନ୍ତି। ମୋଟାମୋଟି ବର୍ତ୍ତମାନ ସୁଦ୍ଧା ସିନ୍ଧୁଜଳକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇନାହିଁ। କିନ୍ତୁ ଭାରତ ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନ ବିଚଳିତ ହୋଇପଡିଛି। ପାକିସ୍ତାନ ଭଲଭାବେ ଜାଣିଛି ଯେ, ଯଦି ଭାରତ ସିନ୍ଧୁ ଜଳକୁ ପାକିସ୍ତାନ ନଛାଡେ ତେବେ ଏହାର ପରିଣାମ କେତେ ଭୟଙ୍କର ହୋଇପାରେ। ଏହି କାରଣରୁ ଭାରତ ଉପରେ ଚାପ ପକାଇବା ପାଇଁ ଗୋଟିଏ ପଟେ ପାକିସ୍ତାନର ନେତାମାନେ ବିବାଦୀୟ ବୟାନ ବାଜି କରିବା ଆରମ୍ଭ କରିଦେଇଥିବା ବେଳେ ଅନ୍ୟପଟେ ଆଉ କିଛି ପାକିସ୍ତାନୀ ନେତା ଚୀନ୍‌ର ଶରଣ ନେଇଛନ୍ତି। ଭାରତକୁ ଚୀନ୍ ମଧ୍ୟ ବ୍ରହ୍ମପୁତ୍ର ନଦୀ ଜଳ ପ୍ରବାହ ବନ୍ଦ କରିବାକୁ ପାକିସ୍ତାନ, ଚୀନ୍ ସରକାରଙ୍କୁ ଅପିଲ୍ କରିଥିବା ସୂଚନା ମିଳିଛି। ପାକିସ୍ତାନର ଲୋକମାନେ ଆଶା କରୁଛନ୍ତି ଯେ, ଚୀନ୍ ନିଶ୍ଚିତ ଭାବରେ ଭାରତକୁ ଶିକ୍ଷା ଦେବ। ଏହା ବ୍ୟତୀତ, ପାକିସ୍ତାନୀ ବିଶେଷଜ୍ଞମାନେ ଆକଳନ କରୁଛନ୍ତି, ଭାରତର ସମସ୍ତ ନଦୀ ଚୀନ୍‌ରୁ ଉତ୍ପନ୍ନ ହୋଇଛି ଏବଂ ଚୀନ୍ ପାଣି ବନ୍ଦ କରିବା ପରେ, ଭାରତ ପ୍ରତ୍ୟେକ ବୁନ୍ଦା ପାଣି ପାଇଁ ହନ୍ତସନ୍ତ ହେବ। କିନ୍ତୁ ବାସ୍ତବତା ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ।

ଅତୀତରେ ଭାରତ-ପାକିସ୍ତାନ ମଧ୍ୟରେ ସିନ୍ଧୁ ଜଳ ଚୁକ୍ତି ସମେତ ଅନେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କିନ୍ତୁ ଚୀନ୍ ସହ ଭାରତର ସେପରି କୌଣସି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ନାହିଁ। ବିଶେଷକରି ଦୁଇ ଦେଶ ମଧ୍ୟରେ କୌଣସି ଆଇନଗତ ବାଧ୍ୟତାମୂଳକ ଜଳ ବଣ୍ଟନ ଚୁକ୍ତି ନାହିଁ। ଏସବୁ ସତ୍ତ୍ୱେ ଚୀନ୍, ପାକିସ୍ତାନ କଥାରେ ପଡ଼ି ଭାରତ ସହ ଏପ୍ରକାର ଭୁଲ୍ କଦାପି କରିବାକୁ ସାହସ କରିବ ନାହିଁ। କାରଣ ଚୀନ୍ ବେଶ୍ ଭଲଭାବେ ଜାଣିଛି, ଯଦି ବ୍ରହ୍ମପୁତ୍ର ଜଳର ଭାରତକୁ ପ୍ରବାହ ରୋକାଯାଏ ତଥାପି ଭାରତ ଉପରେ ଏହାର ବିଶେଷ ପ୍ରଭାବ ପଡ଼ିବନି। ଭାରତର ଉତ୍ତର-ପୂର୍ବରେ ଅରୁଣାଚଳପ୍ରଦେଶ, ଆସାମ ଏବଂ ସିକ୍କିମ୍ ଭଳି ରାଜ୍ୟ କେବଳପ୍ରଭାବିତ କରିବ। ସେଠାକାର କୃଷି ପ୍ରଭାବିତ ହେବ ଏବଂ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇପାରନ୍ତି। କିନ୍ତୁ ଭାରତ ସରକାର ଏସବୁ ସାମୟିକ। କାରଣ ଭାରତରେ ବହୁ ନଦୀର ଉତ୍ପତ୍ତି ରହିଛି ଏବଂ ଭାରତ ଏହାର ପ୍ରଭାବିତ ଅଞ୍ଚଳଗୁଡ଼ିକୁ ପାନୀୟ ଜଳ ସମସ୍ୟା ମୁକ୍ତ କରିପାରିବ। ଏହା ବ୍ୟତୀତ, ଯଦି ଚାଷ ପ୍ରଭାବିତ ହୁଏ, ତେବେ ଅତି କମ୍‌ରେ ଶସ୍ୟର ଅଭାବ ହେବ ନାହିଁ। ଭାରତ ଅରୁଣାଚଳ ପ୍ରଦେଶ ଏବଂ ଆସାମରେ ଫାଷ୍ଟ-ଟ୍ରାକ୍ ଡ୍ୟାମ୍ ନିର୍ମାଣ କରି ଚୀନ୍‌ର ମୁକାବିଲା କରିପାରିବ। ଯାହା ଦ୍ୱାରା ଜଳକୁ ସଂରକ୍ଷଣ କରି ଜରୁରୀକାଳୀନ ପରିସ୍ଥିତିରେ ବ୍ୟବହାର କରାଯାଇପାରିବ।

ଏତଦ୍‌ବ୍ୟତୀତ ଭାରତରେ ଯେପରି ପାକିସ୍ତାନ ଆତଙ୍କବାଦର ପ୍ରସାର କରାଉଛି, ଭାରତର ସେପରି କୌଣସି ଆଭିମୁଖ୍ୟ କୌଣସି ଦେଶଙ୍କ ବିରୋଧରେ ନାହିଁ। ଚୀନ୍ ଓ ଭାରତ ମଧ୍ୟରେ ଗଲୱାନ ଘାଟି ବିବାଦକୁ ନେଇ ସୀମା ବିବାଦଜନିତ ଉଷ୍ମତା ରହିଥାଇପାରେ କିନ୍ତୁ ଏହା ଦୁଇ ଦେଶ ମଧ୍ୟରେ ବିବାଦ ପାରସ୍ପରିକ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇଛି। ଭାରତ ଚୀନ୍ ଭିତରେ କୌଣସି ବିଚ୍ଛିନ୍ନତାବାଦୀ ଆନ୍ଦୋଳନ କିମ୍ବା ଦେଶ ଭିତରେ କୌଣସି ପ୍ରକାରର ଘରୋଇ ହିଂସାକୁ ଉସୁକାଇବାକୁ କଦାପି ଚେଷ୍ଟାକରିନାହିଁ। ଏହାର ଅର୍ଥ ବ୍ରହ୍ମପୁତ୍ର ନଦୀଜଳକୁ କେବଳ ପାକିସ୍ତାନ କଥାରେ ପଡ଼ି ଭାରତକୁ ନଛାଡିବା ପାଇଁ ଚୀନ୍ ପାଖରେ କୌଣସି କାରଣ ନାହିଁ। ଅନ୍ୟପକ୍ଷେ ଚୀନ୍ ବ୍ରହ୍ମପୁତ୍ର ନଦୀଜଳ ବନ୍ଦ କରିବା ଦ୍ୱାରା ଏହାର କିଛି ବି ଲାଭ ହେବନି ବୋଲି ଚୀନ୍ ଭଲଭାବେ ଜାଣିଛି।





ଅସ୍ଥାୟୀ ମଣ୍ଡପରେ ବ୍ରହ୍ମପୁର ମା' ବୁଢ଼ୀ ଠାକୁରାଣୀଙ୍କୁ ଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ।

# 'ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ

**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ଗ୍ରୀଷ୍ମ ପ୍ରବାହକୁ ନେଇ ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ । ପାଣି ପାଇଁ ଲୋକ କଷ୍ଟ ନ ପାଆନ୍ତୁ । ସରକାର ଏ ଦିଗରେ ପଦକ୍ଷେପ ନେଉଛନ୍ତି ବୋଲି ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ।



ଏହାଛଡ଼ା ସେ କହିଛନ୍ତି ଯେ ପୂର୍ବ ସରକାର ସମୟରେ ଓଡ଼ିଶାରେ ୫ ଲକ୍ଷ ନଳକୂପ ଥିଲା । ଚଳିତ ବର୍ଷ ନୂଆ ସରକାରରେ ୨୪ ହଜାର ନୂଆ ନଳକୂପ ସ୍ଥାପନ କରାଯାଉଛି । ମୁଁ ବିଧାୟକ ଥିବା ସମୟରେ ୫ଟି ନଳକୂପ ପାଇଁ ନେହୁରା ହେଉଥିଲୁ । କିନ୍ତୁ ମିଳୁ ନଥିଲା । ୨୪ ହଜାର ନୂଆ ନଳକୂପରୁ ୯ ହଜାର ନୂଆ ନଳକୂପ ସ୍ଥାପନ ହୋଇସାରିଛି । ବାକି ୧୫ ଦିନ ଭିତରେ ହେବ । ଏହାକୁ ନେଇ ସାଢ଼େ ୫ ଶହ କୋଟି ଟଙ୍କା ବିଭିନ୍ନ ଜିଲ୍ଲାପାଳଙ୍କ ଆକାଉଣ୍ଟକୁ ପଠାଯାଇଛି । ନଳକୂପ ଖୋଳିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ଜଳ ଯୋଗାଣ ନେଇ ୨୭୨ ମେଗା ପ୍ରକଳ୍ପ ଚାଲିଛି । ଯେଉଁ ଜାଗାରେ ପାଣି ମିଳୁ ନଥିବ, ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ । ସୋସିଆଲ ମିଡ଼ିଆ ଏବଂ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ ମନିଟରିଂ କରାଯାଉଛି । ସେହି ଆଧାରରେ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ।

ଭାରତରେ ପାକିସ୍ତାନ ନାଗରିକ ରହିବା ପ୍ରସଙ୍ଗ

# ଆମ ଦେଶ ଏକ ଆଶ୍ରୟସ୍ଥଳ ନୁହେଁ: ବାବୁ ସିଂ

**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ଆମ ଦେଶ ଏକ ଆଶ୍ରୟସ୍ଥଳ ନୁହେଁ । ଆମ ଦେଶରେ ବାହାର ଦେଶର ଲୋକଙ୍କୁ ରଖିବା ଭୁଲ । ଦ୍ୱିତୀୟରେ ଏଠାକୁ ଆସି ଯେପରି ଅଶାନ୍ତି ସୃଷ୍ଟି କରୁଛନ୍ତି ତାହା ଗ୍ରହଣୀୟ ନୁହେଁ । ପାକିସ୍ତାନୀ ହୁଅନ୍ତୁ କି ବାଂଲାଦେଶୀ ହୁଅନ୍ତୁ ଆମ ଦେଶକୁ ଛାଡ଼ି ଯିବା ଉଚିତ୍ । ଯଦି ନଯାଉଛନ୍ତି ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ସହଯୋଗରେ ତାଙ୍କୁ ତାଙ୍କ ଦେଶକୁ ପଠାଇ ଦେବା ଉଚିତ୍ । ଲୁଚିଥିବା ବିଦେଶୀଙ୍କ ବିରୋଧରେ ଦଣ୍ଡ ବିଧାନ ହେବା ଉଚିତ୍ ବୋଲି ବିଜେପି ବିଧାୟକ ବାବୁ ସିଂ କହିଛନ୍ତି । ଭାରତରେ ପାକିସ୍ତାନ ନାଗରିକ ରହିବା ପ୍ରସଙ୍ଗରେ ଶ୍ରର ସିଂ ଏହା କହିଛନ୍ତି ।



ବିଭିନ୍ନ ବସ୍ତିରେ ଯାଞ୍ଚ ହେବା ଉଚିତ୍

ଏହାଛଡ଼ା କେନ୍ଦ୍ର ସରକାର ସବୁ ରାଜ୍ୟ ରାଜ୍ୟକୁ ନିର୍ଦ୍ଦେଶ ଦେବା ପରେ ଯେଉଁଠି ପାକିସ୍ତାନୀ ନାଗରିକମାନେ ଭିସା କିମ୍ବା ବିନା ଭିସାରେ ରହିଛନ୍ତି, ସେମାନଙ୍କୁ ତୁରନ୍ତ ବାହାର କରାଯିବ ବୋଲି ଶ୍ରୀ ସିଂ କହିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଭିନ୍ନ ବସ୍ତିରେ ଯାଞ୍ଚ ହେବା ଉଚିତ୍ । ରାଜ୍ୟ ସରକାର ପାଖେ ଯେତିକି ତଥ୍ୟ ଅଛି , ବହୁ ବାଂଲାଦେଶୀ ବିନା ଭିସା, ବିନା ପାସପୋର୍ଟରେ ରହୁଛନ୍ତି । ସେମାନଙ୍କୁ ତୁରନ୍ତ ଚିହ୍ନଟ କରି ତାଙ୍କ ଦେଶକୁ ପ୍ରତ୍ୟାବର୍ତ୍ତନ କରିବାର ସମୟ ଆସିଛି । ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ବାବୁ ସିଂ । ଭାରତ ଧର୍ମଶାଳା ନୁହେଁ । ଭୋଟ ପାଇଁ ଦେଶକୁ ବିକିବା ଆଦୌ ଠିକ୍ ନୁହେଁ । ଆଗ ମାଟି ତାପରେ ମନ୍ତ୍ରୀ, ବିଧାୟକ କଥା ଆସୁଛି । ଭୋଟ ପାଇଁ ମାଟିକୁ ବିକିବା ନୈତିକତାର କଥା ନୁହେଁ । ଆମେ ଏକତ୍ରିତ ହୋଇ ଯେଉଁମାନେ ବାହାରୁ ଆସିଛନ୍ତି ତାଙ୍କୁ ବିତାଡିତ କରିବାରେ ସହଯୋଗ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି । ସରକାରଙ୍କୁ ଚିହ୍ନଟ ପ୍ରକ୍ରିୟାରେ ସହଯୋଗ କରାଇ ତାଙ୍କୁ ବହିଷ୍କାର କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ଶ୍ରୀ ସିଂ କହିଛନ୍ତି ।

# ଆଜି କଂଗ୍ରେସର ସମ୍ବିଧାନ ବଞ୍ଚାଅ ଅଭିଯାନ

**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** କେନ୍ଦ୍ର ଏବଂ ରାଜ୍ୟରେ ବିଜେପି ସରକାର । କିନ୍ତୁ କେହି ସମ୍ବିଧାନ ମାନୁନାହାନ୍ତି । ଏଥିପାଇଁ ଆସନ୍ତାକାଲି ରାଜ୍ୟ କଂଗ୍ରେସ ତରଫରୁ ସମ୍ବିଧାନ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ କରାଯିବ । ଆଜି ଏନେଇ ସୂଚନା ଦେଇଛନ୍ତି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ । ସମ୍ବିଧାନ ବଞ୍ଚାଅ ଅଭିଯାନ ଆନ୍ଦୋଳନକୁ ଅଧିକ ବ୍ୟାପକ କରାଯିବ । ଜିଲ୍ଲା ସ୍ତରରୁ ଆରମ୍ଭ କରି ପଞ୍ଚାୟତ କ୍ଷେତ୍ରରେ ମଧ୍ୟ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ । ଏଥିରେ ସାମିଲ ହୋଇ କଂଗ୍ରେସ ନେତା ଏବଂ କର୍ମୀ ଘରକୁ ଘର ଯାଇ ସମ୍ବିଧାନ ସୁରକ୍ଷା ସମ୍ପର୍କରେ ଜନତାକୁ ଅବଗତ କରାଇବେ । କାରଣ ସମ୍ବିଧାନ ବଞ୍ଚିଲେ ଆମେ ବଞ୍ଚିବା, ତେଣୁ କଂଗ୍ରେସ ଦଳ ସମ୍ବିଧାନର ସୁରକ୍ଷା ପାଇଁ ସର୍ବଦା କାର୍ଯ୍ୟକ୍ରମ ହାତକୁ ନେଇଛି ବୋଲି ଶ୍ରୀ କାଡ଼ାମ କହିଛନ୍ତି ।

# 'ମହିଳାଙ୍କ ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବ କଂଗ୍ରେସ'

**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ଯେପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକଟି ମହିଳାଙ୍କୁ ସୁରକ୍ଷା ନମିଳିଛି ସେପର୍ଯ୍ୟନ୍ତ କଂଗ୍ରେସ ଦଳ ମହିଳାଙ୍କ ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବ । ରାଜ୍ୟରେ ହୁ ହୁ ହୋଇ ବଢୁଥିବା ନାରୀ ନିର୍ଯାତନାକୁ ନେଇ ରବିବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶକ୍ରମେ କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କୁହାଯାଇଛି ।




ନାରୀ ନିର୍ଯାତନା ପାଇଁ ଗଠିତ ତଥ୍ୟ ଅନୁଧ୍ୟାନକାରୀ ଦଳ କମିଟି ଅଧ୍ୟକ୍ଷ ନଗେନ୍ଦ୍ର କୁମାର ପ୍ରଧାନ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ଗତ ଫେବୃଆରୀ ୨୧ ତାରିଖରୁ ଆଜି ମଧ୍ୟରେ ଶତାଧିକ ନାବାଳିକା ମାତୃତ୍ୱ ଲାଭ କରିବା ଏବଂ ନିରୀହ ଶିଶୁମାନେ ଦୁଷ୍କର୍ମ ଓ ହତ୍ୟାର ଶିକାର ହେବା ଆଜି ରାଜ୍ୟରେ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ନୂଆ ସରକାରଙ୍କ ୧୦ ମାସରେ ପ୍ରାୟ ୨ ହଜାରରୁ ଅଧିକ ନାରୀ ନିର୍ଯାତନା ଓ ହତ୍ୟା ମାମଲା ଓଡ଼ିଶାର ବିଭିନ୍ନ ଥାନାରେ ରୁଜୁ ହୋଇଛି । ଗତ ୨୫ ତାରିଖରେ ଗଞ୍ଜାମ ଜିଲ୍ଲାର ପାଟପୁର ଥାନା ଅନ୍ତର୍ଗତ ୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମପରେ ହତ୍ୟା ଘଟଣା ହେଉ ଅବା ଗତ ମାର୍ଚ୍ଚ ମାସ ଅନୁଗୁଳ ଜିଲ୍ଲାର ଦିସା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଅଞ୍ଚଳର ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ପରେ ହତ୍ୟ ଘଟଣା ହେଉ କିମ୍ବା ଢ଼େଙ୍କାନାଳ ଜିଲ୍ଲାର ହିନ୍ଦୋଳ ଥାନା ଅଞ୍ଚଳରେ ୭ ବର୍ଷର ଶିଶୁ କନ୍ୟାକୁ ଗଣଦୁଷ୍କର୍ମ ଘଟଣା ହେଉ । ଏହା ରାଜ୍ୟ ସରକାରଙ୍କର ଅପାରଗ ପଣିଆକୁ ଦର୍ଶାଉଛି । ଗତ ମାଟ୍ରିକ ପରୀକ୍ଷା ଚାଲୁଥିବା ବେଳେ ୨୧ ଫେବୃଆରୀରେ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ଜନୈକ ନାବାଳିକା ଛାତ୍ରୀ ବିଦ୍ୟାଳୟର ଛାତ ଉପରେ ସନ୍ତାନ ପ୍ରସବ କରିବା ଘଟଣା ହେଉ କିମ୍ବା ଯାଜପୁର ଜିଲ୍ଲାର ବରୀ ଥାନା ଅଞ୍ଚଳରେ ମାଟ୍ରିକ ପରୀକ୍ଷାର ଦ୍ୱିତୀୟଦିନରେ ଜନୈକ ନାବାଳିକା ଛାତ୍ରୀ ସନ୍ତାନ ପ୍ରସବ କରିବା ଘଟଣା ହେଉ ଏହା ସରକାରଙ୍କର ଆଇନକାନୁନ ରକ୍ଷା କରିବାରେ ବିଫଳତାକୁ ପ୍ରମାଣିତ କରୁଛି । ସେହିପରି ଗତ ୮ ମାର୍ଚ୍ଚରେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଥାନା ଅଞ୍ଚଳରେ ଏକ ନାବାଳିକାକୁ ଗଣଦୁଷ୍କର୍ମ ଘଟଣା ହେଉ କିମ୍ବା ଯୁକ୍ତ ଦୁଇ ପରୀକ୍ଷା ଦେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଜନୈକ ନାବାଳିକା ଛାତ୍ରୀ ଶିକ୍ଷକଙ୍କର ଦୁର୍ବ୍ୟବହାରରେ ମାନସିକ ଆଘାତ ପାଇ ଆତ୍ମହତ୍ୟା କରିବା ଘଟଣା ହେଉ ଏହା ପ୍ରମାଣିତ କରୁଛି ଯେ ଓଡ଼ିଶାର ଦକ୍ଷିଣ ପ୍ରାନ୍ତରୁ ଉପକୂଳ ପ୍ରାନ୍ତ ନେଇ ପଶ୍ଚିମାଞ୍ଚଳ ପର୍ଯ୍ୟନ୍ତ ମହିଳା ଓ ନାବାଳିକାମାନେ ସୁରକ୍ଷିତ ନୁହନ୍ତି । ଏଣୁ ଏ ସରକାରରୁ ଅଧିକା କିଛି ଆଶାନକରି ଓଡ଼ିଶାର ମା' ଭଉଣୀମାନେ ନିଜର ଆତ୍ମରକ୍ଷା ତଥା ଆତ୍ମ ମର୍ଯ୍ୟାଦା ନିଜେ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା କରିବା ଉଚିତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଯେହେତୁ ଓଡ଼ିଶା ପୁଲିସ ଦୁଷ୍କର୍ମକାରୀ ଓ ହତ୍ୟାକାରୀ ମାନଙ୍କ ବିରୁଦ୍ଧରେ କଠୋର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହେଉଛି ଏହାର ସୁଯୋଗ ନେଇ ଅପରାଧୀମାନେ ଏପରି ଘଟଣା ବାରମ୍ବାର କରିବାକୁ ସାହସ କରୁଛନ୍ତି ଏବଂ ଯେପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକଟି ମହିଳାଙ୍କୁ ସୁରକ୍ଷା ନମିଳିଛି ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଲଢ଼େଇ ଜାରି ରଖିବ ବୋଲି କମିଟିର ସଦସ୍ୟ ଆଡଭୋକେଟ ମାନସ ମଲ୍ଲିକ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, କଂଗ୍ରେସ ନେତା ଦେବାଶିଷ ନାୟକ, ଅନିମା ମିଞ୍ଜ ଓ ଅମ୍ରିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ମେ' ପହିଲା ଯାଏ ଓଡ଼ିଶାରେ ପ୍ରବଳ ବର୍ଷା

**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ମେ' ୧ ତାରିଖ ଯାଏଁ ଓଡ଼ିଶାରେ ପ୍ରବଳ ବର୍ଷା ହେବ । ବିଜୁଳି ଘଡ଼ଘଡ଼ି ସହ ଝଟକା ପବନ ଘଣ୍ଟାପ୍ରତି ୫୦ରୁ ୬୦ କିମି ବେଗରେ ବହିବ । ସାରା ରାଜ୍ୟରେ କୁଆପଥର ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ମୁଖ୍ୟତଃ ଅପରାହ୍ଣ ପରେ ପରେ କୁଆପଥର ବର୍ଷା ଓ ବିଜୁଳି ଘଡ଼ଘଡ଼ିର ମାତ୍ରା ଅଧିକ ରହିବ । ଯାହାକୁ ନେଇ କିଛି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ସେହିପରି ଆଗାମୀ ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ୩-୫ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । କୁଆପଥର, ବିଜୁଳି ଘଡ଼ଘଡ଼ି ଓ ଝଟକା ପବନର ଘଣ୍ଟାପ୍ରତି ବେଗ ୫୦ରୁ ୬୦ କିମି ରହିବ । ଯାହାକୁ ନେଇ ୯ଟି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ସମ୍ପୃକ୍ତ ଜିଲ୍ଲା ଗୁଡ଼ିକ ହେଉଛି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ । ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ମାଲକାନଗିରିକୁ ୟେଲୋ ୱାର୍ଣ୍ଣିଂ ଭିତରେ ରଖାଯାଇଛି । ଏସବୁ ଜିଲ୍ଲାରେ ବର୍ଷା, ବିଜୁଳି ଘଡ଼ଘଡ଼ି ସହ ପବନର ବେଗ ୪୦ରୁ ୫୦ କିମି ରହିବ ।

ଆସନ୍ତାକାଲି ବର୍ଷା ଆହୁରି ବଢ଼ିବ । ଏନେଇ ୯ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ଜିଲ୍ଲା ଗୁଡ଼ିକ ହେଉଛି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ ଗଜପତି । ଏସବୁ ଜିଲ୍ଲାରେ କୁଆପଥର ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନର ବେଗ ୫୦ରୁ ୬୦ କିମି ରହିବ । ସେପଟେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, ସୋନପୁର, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, ଅନୁଗୁଳ, ଦେବଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଓ ଢେଙ୍କାନଳ ଜିଲ୍ଲାରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନର ବେଗ ୪୦ରୁ ୫୦ କିମି ରହିବ । ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୯ ତାରିଖରେ ମଧ୍ୟ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ବିଜୁଳି ଘଡ଼ଘଡ଼ି ସହ ଝଟକ ପବନ ଓ କୁଆପଥର ବର୍ଷିବ । କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ଏସବୁ ଜିଲ୍ଲାରେ ୫୦ରୁ ୬୦ କିମି ବେଗରେ ପବନ ବହିବ । ସେହିପରି ସୁନ୍ଦଗଗଡ଼, ଦେବଗଡ଼, ଢେଙ୍କାନାଳ, ଯାଜପୁର ଓ କେନ୍ଦ୍ରାପଡ଼ାରେ ପବନର ବେଗ ୪୦ରୁ ୫୦ କିମି ରହିବ । ଏହାସାଙ୍ଗକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ବିଜୁଳି ଘଡ଼ଘଡ଼ି ରହବି । ଅନ୍ୟପଟେ ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, ବୌଦ୍ଧ, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜେଲ୍ଲାରେ ପ୍ରବଳ ବର୍ଷା, ବିଜୁଳି ଘଡ଼ଘଡ଼ି ସହ ଝଟକା ପବନ ୩୦ରୁ ୪୦ କିମି ବେଗରେ ବହିବ । ଏସବୁ ଜିଲ୍ଲାକୁ ୟେଲୋ ଆଲର୍ଟ ମଧ୍ୟରେ ରଖାଯାଇଛି । ୩୦ ତାରିଖରେ ଯଦିଓ ବର୍ଷାର ପରିମାଣ କମିବ ମାତ୍ର, କିଛି ଜିଲ୍ଲା ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ସମ୍ପୃକ୍ତ ଜିଲ୍ଲାଗୁଡ଼ିକ ହେଉଛି ଭଦ୍ରକ, ଯାଜପୁର, ଅନୁଗୁଳ, ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦଗରଡ଼, ନୟାଗଡ଼ ଓ ଗଞ୍ଜାମ । ସେହପିର କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ପୁରୀ, ଖୋର୍ଦ୍ଧା, କଟକ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ୪୦ରୁ ୫୦ କିମି ବେଗରେ ବହିବ । ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

ସେପଟେ ମେ' ମାସ ପହିଲାରୁ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ୧ ତାରିଖରେ କୋରାପୁଟ,ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନଗୁଳ, କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ ଓ ଝଟକା ପବନ ଘଣ୍ଟାପ୍ରତି ୫୦ରୁ ୬୦ କିମି ବେଗରେ ବହିବ । ସେପଟେ ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ବୌଦ୍ଧ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ବର୍ଷା ସହ ପବନର ବେଗ ୪୦ରୁ ୫୦ କିମି ରହିବ । ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

# ବାଇକ୍ ଦୁର୍ଘଟଣାରେ ୨ ମୃତ

**ଭଦ୍ରକ,୨୭।୪/ଏନ୍ଏନ୍ଏସ୍:** ଏକ ବାଇକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି । ୧୬ ନଂ ଜାତୀୟ ରାଜପଥ ବନ୍ତ ଛକ ଓଭର ବ୍ରିଜ ନିକଟରେ ଏକ ବାଇକରେ ୩ ଜଣ ଯୁବକ ପଶ୍ଚିମବଙ୍ଗରୁ କଟକ ଅଭିମୁଖେ ଯାଉଥିବା ବେଳେ ଭାରସ୍ୟାମ ହରାଇ ପ୍ରୋଟେକ୍ସନ ୱାଲରେ ବାଡେଇ ହୋଇ ରାସ୍ତା ମଝିରେ ଛିଟିକି ପଡ଼ିଥିଲେ । ଫଳରେ ଘଟଣା ସ୍ଥଳରେ ହିଁ ୨ ଜଣଙ୍କର ମୃତ୍ୟୁହୋଇଥିଲା । ଅନ୍ୟ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ମେଡିକାଲ ପଠାଇଥିଲେ । ଘଟଣା ସ୍ଥଳରେ ଟାଉନ ଥାନା ପୁଲିସ ପହଞ୍ଚି ୨ ମୃତଦେହକୁ ଆମ୍ବୁଲାନ୍ସରେ ଭଦ୍ରକ ମେଡିକାଲକୁ ପଠାଇ ବ୍ୟବଚ୍ଛେଦ କରାଇଛି । ମୃତକମାନେ ହେଲେ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର କିସ୍ମତ ନାଇକୁଣ୍ଡି ଅଞ୍ଚଳର ଆସେଦ ଅଲ୍ଲୀ ଓ ସେକ୍ ଅନ୍ସର ଅଲ୍ଲୀ । ଏମାନେ ଉଭୟେ ସମ୍ପର୍କୀୟ ଦୁଇ ଭାଇ ବୋଲି ଜଣାପଡ଼ିଥିଲା ବେଳେ ଆହତ ଜଣଙ୍କ ହେଲେ ସେକ୍ ୟାଦୁର ରହମାନ । ୟାଦୁର ରହମାନ ଅନ୍ସର ଅଲ୍ଲୀଙ୍କ ବାପା । ପୁଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ଓଡ଼ିଶାରେ କୃଷି ରପ୍ତାନିକୁ ମିଳିବ ପ୍ରୋତ୍ସାହନ

ଏପିଡା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ ପ୍ରାଧିକରଣ (ଏପିଡା) ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳିତ ଭାବେ ଭୁବନେଶ୍ୱରର ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଡ. ଏମ୍. ଏସ୍. ସ୍ୱାମୀନାଥନ କକ୍ଷରେ ଓଡ଼ିଶାର କୃଷି ଉତ୍ପାଦ ରପ୍ତାନୀକୁ ପ୍ରୋତ୍ସାହନ ଦେବା ଲାଗି ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କୃଷକ ଉତ୍ପାଦକ ସଂଗଠନ (ଏଫପିଓ)/କୃଷକ ଉତ୍ପାଦକ କମ୍ପାନୀ, ମହିଳା କୃଷି ଉଦ୍ୟୋଗୀ, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସମଗ୍ର ଓଡ଼ିଶାର ରପ୍ତାନିକାରୀଙ୍କ ପ୍ରତିନିଧିତ୍ୱରେ ୧୦ରୁ ଅଧିକ ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ଏହି ବିଶ୍ୱବିଦ୍ୟାଳୟରେ କୋରାପୁଟ କଳାଜିରା ଚାଉଳ, ନୟାଗଡ଼ କଣ୍ଟେଇମୁଣ୍ଡି ବାଇଗଣ, ଗଞ୍ଜାମ କିଆ ଫୁଲ ଉତ୍ପାଦ, କୋରାପୁଟ କଫି ଏବଂ କନ୍ଧମାଳ ହଳଦୀ ଭଳି ଜିଆଇ ଉତ୍ପାଦ, କେନ୍ଦ୍ରାପଡ଼ା ରସାବଳୀ, ସାଲେପୁର ରସଗୋଲା, ଖଜୁରୀ ଗୁଡ, ଢେଙ୍କାନାଳ ମଗଜୀ ଲଡୁ ଏବଂ ମୟୂରଭଞ୍ଜ କାଇ ଚଟଣୀ ଭଳି ରାଜ୍ୟର ଅନେକ ଜିଆଇ ଟ୍ୟାଗ୍ ଏବଂ କୃଷି ଉତ୍ପାଦ ପ୍ରଦର୍ଶିତ ହୋଇଥିଲା ।

ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ତାଙ୍କ ଅଭିଭାଷଣରେ ରାଜ୍ୟରୁ କୃଷି ରପ୍ତାନୀ, ବିଶେଷ କରି ଜୈବିକ ସାମଗ୍ରୀର ରପ୍ତାନୀ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ବିଶ୍ୱ ବଜାରରେ ପ୍ରୋତ୍ସାହନ ପାଇଁ ରାଜ୍ୟରୁ ଜିଆଇ ଉତ୍ପାଦ ସମେତ ଉତ୍ପାଦଗୁଡ଼ିକର ଅନୁସନ୍ଧାନ କରିବାକୁ ସେ ରପ୍ତାନିକାରୀମାନଙ୍କୁ ଉତ୍ସାହିତ କରିଥିଲେ । ରାଜ୍ୟରୁ କୃଷି ରପ୍ତାନୀ ବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ସହ ଏପିଡାର ସକ୍ରିୟ ସହଯୋଗକୁ ସେ ପ୍ରଶଂସା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କୃଷି ରପ୍ତାନୀ ବୃଦ୍ଧି ପାଇଁ ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରି ତିନୋଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ, ଏଫପିଓ, ଏଫପିସି ଏବଂ ପ୍ରଗତିଶୀଳ କୃଷକଙ୍କ ସମେତ ୪୦୦ରୁ ଅଧିକ ଅଂଶୀଦାର ଅଂଶଗ୍ରହଣ କରିଥିଲେ ।

କାର୍ଯ୍ୟକ୍ରମ ଅବସରରେ, ଜାତୀୟ ଜୈବିକ ଉତ୍ପାଦନ କାର୍ଯ୍ୟକ୍ରମ (ଏନପିଓପି)ର ସଚିବାଳୟ ଭାବେ ଏପିଡା ରାଜ୍ୟର ୩୦ରୁ ଅଧିକ ଜୈବିକ ଉତ୍ପାଦକ ଗୋଷ୍ଠୀ ଏବଂ ଓଡ଼ିଶାରେ କାର୍ଯ୍ୟ କରୁଥିବା ଜୈବିକ ପ୍ରମାଣନ ସଂସ୍ଥାଗୁଡ଼ିକ ସହିତ ଏକ ସହଭାଗୀ ବାର୍ତ୍ତାଳାପ ଆୟୋଜନ କରିଥିଲା ।ସାଂସଦ ତଥା କୃଷି, ପ୍ରାଣୀସମ୍ପଦ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସଂସଦୀୟ ସ୍ଥାୟୀ କମିଟିର ସଦସ୍ୟ ସୁକାନ୍ତ କୁମାର ପାଣିଗ୍ରହୀ ତାଙ୍କ ଅଭିଭାଷଣରେ ଓଡ଼ିଶାରୁ କୃଷି ରପ୍ତାନୀକୁ ସହାୟତା କରିବା ପାଇଁ ଏଗ୍ରୀ-ଇନଫ୍ରା ପାର୍କର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ ।ଏପିଡାର ଅଧ୍ୟକ୍ଷ ଅଭିଷେକ ଦେବ ତାଙ୍କ ସ୍ୱାଗତ ଭାଷଣରେ ଜୈବିକ ଉତ୍ପାଦ ଉପରେ ବିଶେଷ ଗୁରୁତ୍ୱ ଦେଇ କୃଷି ଉତ୍ପାଦ ପାଇଁ ରପ୍ତାନୀ ଭିତ୍ତିକ ରଣନୀତି ଉପରେ ଆଲୋକପାତ କରିଥିଲେ । ବିପୁଳ ବିବିଧତା ଏବଂ ଉତ୍ପାଦନର ପରିମାଣ କାରଣରୁ କୃଷି ରପ୍ତାନୀ କ୍ଷେତ୍ରରେ, ବିଶେଷ କରି ଜୈବିକ ଉତ୍ପାଦ କ୍ଷେତ୍ରରେ, ରାଜ୍ୟର ଅବ୍ୟବହୃତ ସମ୍ଭାବନା ଉପରେ ସେ ଜୋର ଦେଇଥିଲେ । ଏହି କର୍ମଶାଳା ତଥା କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରମୁଖ ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞମାନଙ୍କୁ ଏକାଠି କରିଥିଲା । ଶିଳ୍ପ ଏବଂ ଶିକ୍ଷା କ୍ଷେତ୍ରର ନୀତି ନିର୍ଦ୍ଧାରକମାନେ ଆଗାମୀ ଦିନରେ ରାଜ୍ୟରେ ଏକ ଦୃଢ ରପ୍ତାନି ଇକୋସିଷ୍ଟମ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ।

# ଶ୍ୱଶୁର ଘରେ ଶଳାର ଠେଙ୍ଗାମାଡ଼ରେ ଭିଣୋଇ ମୃତ

**ମୁଣ୍ଡମୁହାଣ,୨୭।୪/ଏନ୍ଏନ୍ଏସ୍:** ଶନିବାର ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଗ୍ରାମଣ୍ଡିହ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ନିଜ ଶ୍ୱଶୁର ଘରେ ସ୍ତ୍ରୀ ଓ ଶାଶୂଙ୍କୁ ହାଣିବା ପରେ ଶଳାର ଠେଙ୍ଗା ମାଡରେ ଭିଣୋଇଙ୍କ ଜୀବନ ଯାଇଛି । ମୃତ ବ୍ୟକ୍ତି ହେଲେ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଗୁନ୍ଥଳର ଦିବାକର ବସ୍ତିଆ । ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ମୃତାହତମାନଙ୍କୁ ଡାକ୍ତରଖାନା ପଠାଇଥିଲା । ଘଟଣା ସ୍ଥଳରୁ ହ୍ୱାଇଁ ଆଣିଥିବା ଖଣ୍ଡା, ଶଳା ବ୍ୟବହାର କରିଥିବା ଠେଙ୍ଗା ଓ ରକ୍ତଭିଜା ଲୁଗାପଟା ଜବତ କରିଛି ପୁଲିସ । ପୁଲିସ ଶଳା ରାଜେଶ୍‌ଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି । ଏନେଇ ମୃତକଙ୍କ ସାନଭାଇ ଇନଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ମୃତ ଦିବାକର ଗତ ୨୦୨୨ ମସିହାରେ ଗଙ୍ଗପଡା ପଞ୍ଚାୟତ ଗ୍ରାମଣ୍ଡିହ ଗ୍ରାମରେ ଲକ୍ଷ୍ମିପ୍ରିୟା ଜେନାଙ୍କୁ ବିବାହ କରିଥିଲେ । ବିବାହ ପରେ ଦିବାକର ମଦ ପିଇ ବହୁ ସମୟରେ ସ୍ତ୍ରୀକୁ ନିର୍ଯାତନା ଦେଇ ଆସୁଥିଲେ । ନିର୍ଯାତନା ଅସହ୍ୟ ହେବାରୁ ଗତ କିଛି ମାସ ହେବ ଲକ୍ଷ୍ମିପ୍ରିୟା ଆସି ବାପଘରେ ରହୁଥିଲେ । ବାପଘରେ ରହିବା ପରେ ମଧ୍ୟ ଦିବାକର ଏଠାକୁ ଆସି ସ୍ତ୍ରୀକୁ ମାରଧର କରୁଥିଲେ । ଗତକାଲି ରାତିରେ ଦିବାକର ଏକ ବାଇକ୍ ଯୋଗେ ଶ୍ୱଶୁରଘରକୁ ଆସି କିଛି ଦୂରରେ ଛପି ରହିଥିଲେ । ରାତି ପ୍ରାୟ ଦୁଇଟା ବେଳେ ଘର ପଛପଟେ ଥିବା ଝରକା ଦେଇ ଛାତ ଉପର ଶିଡ଼ିଘର ଦେଇ ଭିତରେ ପଶିଥିଲେ । କିଛି ବୁଝିବା ପୂର୍ବରୁ ଦିବାକର ସାଙ୍ଗରେ ଆଣିଥିବା ଖଣ୍ଡାରେ ହାଣି ପକାଇଥିଲେ । ଫଳରେ ଲକ୍ଷ୍ମିପ୍ରିୟାଙ୍କ ଆଙ୍ଗୁଠି ସବୁ ଛିଣ୍ଡି ଯାଇଥିଲା । ଲକ୍ଷ୍ମିପ୍ରିୟାଙ୍କ ଚିତ୍କାର ଶୁଣି ତାଙ୍କ ବୋଉ ଉଠି ଅଟକାଇବା ପାଇଁ ଚେଷ୍ଟା କରିଥିଲେ । ତାଙ୍କୁ ମଧ୍ୟ ଦୁଇ ଚୋଟ ମାରିଥିଲେ । ଫଳରେ ଲକ୍ଷ୍ମିପ୍ରିୟାଙ୍କ ବୋଉ ବିଦ୍ୟୁତଲତାଙ୍କ ହାତ ଓ ମୁଣ୍ଡରେ ଗଭିର ଆଘାତ ଲାଗିଥିଲା । ଏହି ସମୟରେ ପାଟି ଶୁଣି ଶଳା ରାଜେଶ୍ ଉଠିପଡି ଏକ ଠେଙ୍ଗା ଧରି ରାଜେଶ୍‌ଙ୍କୁ ନିସ୍ତୁକ ପିଟିଥିଲେ । ଫଳରେ ଭିଣୋଇ ଦିବାକର ତଳେ ପଡ଼ିଯାଇଥିଲେ । ଏନେଇ ଇନଫୋଭ୍ୟାଲି ଥାନାକୁ ଖବର ଦେବା ସହ ପାଖ ପଡ଼ୋଶୀଙ୍କୁ ଡାକ ପକାଇଥିଲେ । ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତମାନଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ । କିନ୍ତୁ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ଦିବାକରଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟଦୁଇ ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ପୁଣି ଏମ୍ସ ଡାକ୍ତରଖାନାକୁ ପଠାଯାଇଥିଲା । ଏବେ ଲକ୍ଷ୍ମିପ୍ରିୟାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି ।

ସ୍ତ୍ରୀ ଓ ଶାଶୂଙ୍କୁ କରିଥିଲେ ମରଣାନ୍ତକ ଆକ୍ରମଣ

## 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଲେ ମନ୍ତ୍ରୀ ଓ ବିଧାୟକ



**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀର ବିଜେପି କାର୍ଯ୍ୟାଳୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଓ ଏକାମ୍ର ବିଧାୟକ ବାବୁ ସିଂ ସ୍ଥାନୀୟ କର୍ମକର୍ତ୍ତାଙ୍କ ସହପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍'ର ୧୨୧ତମ ସଂସ୍କରଣ ଶୁଣିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଯେ ପହଲଗମରେ ହୋଇଥିବା ଆତଙ୍କୀ ଆକ୍ରମଣ ସମଗ୍ର ଦେଶବାସୀଙ୍କୁ ଦୁଃଖ ଦେଇଛି। ଆତଙ୍କବାଦୀଙ୍କ ବିରୋଧେର ସାରା ଦେଶ ଏକାଠି ହୋଇଛି। ଉଭୟ ଆକ୍ରମଣକାରୀ ଏବଂ ଷଡ଼ଯନ୍ତ୍ରକାରୀଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

ସେହିପରି ବିଧାୟକ ଶ୍ରୀ ସିଂ କହିଛନ୍ତି ଯେ 'ମନ୍ କି ବାତ୍' କେବଳ ଏକ ସଂଳାପ ନୁହେଁ, ଏହା ଏକ ଜନ ଆନ୍ଦୋଳନ। ଯାହା ଦେଶବାସୀଙ୍କ ଭାବନା, ସ୍ୱପ୍ନ ଓ ସଂକଳ୍ପକୁ ଦିଗଦର୍ଶନ ଦିଏ ଏବଂ ଆମ ସମସ୍ତଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ନିରନ୍ତର ପ୍ରେରଣା ଯୋଗାଏ।

ଏହି ଅବସରରେ କର୍ପୋରେଟର ମଧୁସ୍ମିତା ପ୍ରଧାନ, ରାମଚନ୍ଦ୍ର ରଣସିଂହ, ଭୁବନେଶ୍ୱର ବ୍ଲକ୍ ଚେୟାରମ୍ୟାନ ନିରୁପମା ସାହୁ, ମଣ୍ଡଳ ସଭାପତି ପ୍ରଶାନ୍ତ ପ୍ରଧାନ, ମନୋଜ ପାତ୍ର, ସ୍ଥାନୀୟ ନେତୃତ୍ୱ ତାପସ ଦଳାଇ, ସୁଭାଷିନୀ ପୃଷ୍ଟି, ଧିରେନ ପାତ୍ର, ସୁରେନ୍ଦ୍ର ପ୍ରଧାନ , ସୁମିତ୍ରା ଆଚାର୍ଯ୍ୟ, ବିଦ୍ୟୁଲତା ବଳିୟାରସିଂ, କେଦାର ରଣସିଂ, ସବିତା ପଟ୍ଟନାୟକଙ୍କ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପୁଣି ଚମକିଲେ ଓଡ଼ିଆ ପୁଅ

# ଯଶ୍ ଜୈନ ସର୍ବଭାରତୀୟ ନିଟ୍ ଏସ୍ଏସ୍ ପରୀକ୍ଷାରେ ପ୍ରଥମ

**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ସର୍ବ ଭାରତୀୟ ପ୍ରବେଶିକା ପରୀକ୍ଷାରେ ପୁଣି ଜଣେ ଓଡ଼ିଆ ପୁଅ ଚମକିଛନ୍ତି। ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିବାସୀ ଯସ ଜୈନ ସର୍ବ ଭାରତୀୟ ନିଟ୍ ଏସ୍ଏସ୍(ସୁପର ସ୍ପେଶାଲିଟି ଏଣ୍ଟ୍ରାନ୍ସ ପରୀକ୍ଷା)-୨୦୨୫ରେ ସର୍ବ ପ୍ରଥମ ହୋଇଛନ୍ତି। ସେ ସୁନିଲ ଜୈନ ଓ ମାତା ପୁଜା ଜୈନଙ୍କ ସୁପୁତ୍ର ଅଟନ୍ତି।




ଶ୍ରୀ ଜୈନ ମୁମ୍ବାଇର ପ୍ରତିଷ୍ଠିତ କେଇଏସ୍ ମେଡିକାଲ କଲେଜରୁ ଏମବିବିଏସ୍‌ରେ ୧୪୭(ନିଟ୍)ର ଡିଗ୍ରି ହାସଲ ପରେ ମହାରାଷ୍ଟ୍ର ନାଗପୁର ମେଡିକାଲ କଲେଜରେ ସାଧାରଣ ସର୍ଜରିରେ ମାଷ୍ଟର ଡିଗ୍ରି ହାସଲ କରିଛନ୍ତି। ଗଣମାଧମକୁ ଯଶ୍ କହିଛନ୍ତି, ୧୦ ରୁ ୧୨ ମାସ ହେଲା ମୁଁ କାମ ନକରି ପଢ଼ାପଢ଼ି କରୁଥିଲି। ଅନଲାଇନରେ କୋଚିଂ ନେଉଥିଲି। ସିନିଅର ଏବଂ ଶିକ୍ଷକ ବହୁତ ସାହାଯ୍ୟ କରିଥିଲେ। ପ୍ରତ୍ୟକ ଦିନ ଆଠରୁ ଦଶ ଘଣ୍ଟା ପଢୁଥିଲି ଏବଂ ଶେଷ ସମୟରେ ୧୪ ଘଣ୍ଟା ପର୍ଯ୍ୟନ୍ତ ପାଠ ପଢୁଥିଲି। ୧ ରୁ ୨ ମାସ ହେଲା ମୋ ସମୟ ଲାଇବ୍ରେରୀରେ ବିତୁଥିଲା। ମୁଁ ପାଠ ପଢ଼ା ସରିବା ପରେ ଓଡ଼ିଶା ଆସିବି। କଣ୍ଟାବାଞ୍ଜିର ହସ୍ପିଟାଲରେ କାମ କରିବା ସହ ସମସ୍ତଙ୍କୁ ସାହାଯ୍ୟ କରିବି।

ନିଟ୍-ସୁପର ସ୍ପେଶାଲିଟି ପରୀକ୍ଷାରେ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅର୍ଜନ କରି ଓଡ଼ିଶାକୁ ଗର୍ବିତ କରିଥିବା କଣ୍ଟାବାଞ୍ଜିର ଯଶ୍ ଜୈନ୍‌ଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ଏନ୍ଇଇଟି ସୁପର ସ୍ପେଶାଲିଟି ପରୀକ୍ଷାରେ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅର୍ଜନ କରିଥିବା ଯଶ୍ ଜୈନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଶୁଭେଚ୍ଛା ଜଣାଇଛନ୍ତି । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏନଇଇଟି-ସୁପର ସ୍ପେଶାଲିଟି ପରୀକ୍ଷାରେ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅର୍ଜନ କରି ଓଡ଼ିଶାକୁ ଗର୍ବିତ କରିଥିବା ବଲାଙ୍ଗିର କଣ୍ଟାବାଞ୍ଜିର ଯଶ୍ ଜୈନ୍‌ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଯଶ୍ ଙ୍କର ଏହି ଉପଲବ୍ଧି ଓଡ଼ିଆ ବିଦ୍ୟାର୍ଥୀଙ୍କ ଅସୀମ ସାମର୍ଥ୍ୟର ଏକ ଜ୍ୱଳନ୍ତ ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯଶଙ୍କର ସଫଳତା ରାଜ୍ୟର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ସହ ସ୍ୱପ୍ନ ଦେଖିବାର ସାହସ ଯୋଗାଇଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଆଗାମୀ ଦିନରେ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ସେହିପରି ସୋସିଆଲ ମିଡିଆରେ କେଭି ସିଂହଦେଇ ଲେଖିଛନ୍ତି ଯେ ଆଜି ଆମ ବଲାଙ୍ଗିର ଜିଲ୍ଲା ପାଇଁ ଏକ ଅତ୍ୟନ୍ତ ଗୌରବର ଦିନ। ଆଜି ଏନଇଇଟି ସୁପର ସ୍ପେଶାଲିଟି ପରୀକ୍ଷାରେ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅର୍ଜନ କରି ଓଡ଼ିଶାକୁ ଗର୍ବିତ କରିଥିବା ଯଶ୍ ଜୈନ୍‌ଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ଯଶ୍‌ଙ୍କର ଏହି ଉପଲବ୍ଧି ଓଡ଼ିଆ ବିଦ୍ୟାର୍ଥୀଙ୍କ ଅସୀମ ସାମର୍ଥ୍ୟର ଏକ ଜ୍ୱଳନ୍ତ ପ୍ରମାଣ। ଯଶଙ୍କର ସଫଳତା ରାଜ୍ୟର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବ ବୋଲି ମୋର ଆଶା ଓ ବିଶ୍ୱାସ।

### ଆତଙ୍କବାଦୀ ବିରୋଧରେ ଲଢ଼େଇ ପ୍ରସଙ୍ଗ

## ପୂରା ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ ସହ ଅଛନ୍ତି : ମନମୋହନ



**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର 'ମନ କି ବାତ୍' କାର୍ଯ୍ୟକ୍ରମର ୧୨୧ ତମ ସଂସ୍କରଣରେ କଶ୍ମୀରର ପହଲଗାମରେ ଆତଙ୍କବାଦୀ ବର୍ବୋରଚିତ ଆକ୍ରମଣ ଘଟଣାକୁ ମନେ ପକାଇ ଦୁଃଖବ୍ୟକ୍ତ କରିଛନ୍ତି। ପୀଡ଼ିତ ଏବଂ ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ପୀଡ଼ିତଙ୍କ ପରିବାରକୁ ନିଶ୍ଚିନ୍ତ ନ୍ୟାୟ ମିଳିବ ଏବଂ ଆତଙ୍କବାଦୀମାନଙ୍କୁ କଡ଼ା ଜବାବ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଭରସା ଦେଇଛନ୍ତି। ତେବେ ଆତଙ୍କବାଦୀ ବିରୋଧ ଲଢ଼େଇରେ ପୂରା ଦେଶବାସୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସହ ଅଛନ୍ତି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ।

ଶ୍ରୀ ସାମଲ କହିଛନ୍ତି ଯେ, ବିଜେପି ସରକାର ଜମ୍ମୁ କାଶ୍ମୀରରୁ ୩୭୦ ଉଚ୍ଛେଦ କରି ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କରିବା ପରେ ସେଠାରେ ଶାନ୍ତି ଫେରୁଥିଲା। ଗଣତନ୍ତ୍ର ମଜଭୁତ ହେଉଥିଲା। ସ୍କୁଲ, କଲେଜ ସ୍ୱାଭାବିକ ଭାବରେ ଚାଲୁଥିଲା। ପର୍ଯ୍ୟଟକଙ୍କ ସଂଖ୍ୟାରେ ଅଭୁତପୂର୍ବ ବୃଦ୍ଧି ସହ ସ୍ଥାନୀୟ ଲୋକଙ୍କ ରୋଜଗାର ବଢୁଥିଲ। ଯୁବଗୋଷ୍ଠୀଙ୍କ ଲାଗି ନୂତନ ସମ୍ଭାବନା ସୃଷ୍ଟି ହେଉଥିଲା। ହେଲେ ଆତଙ୍କବାଦୀମାନେ ଏହାକୁ ସହି ନପାରି ଧର୍ମ ଆଧାରରେ କାଶ୍ମୀରରେ ଯେଉଁ ଅମାନବୀୟ କାଣ୍ଡ କଲେ ତାହାକୁ ବିଜେପି କଡ଼ା ନିନ୍ଦା କରୁଛି। ନୀରିହ ପର୍ଯ୍ୟଟକମାନଙ୍କୁ ଆକ୍ରମଣ କରି ଆତଙ୍କବାଦୀମାନେ ନିଜର କାପୁରୁଷତାର ପରିଚୟ ଦେଲେ। ଏହାର ଆକ୍ରୋଶ ପୂରା ଦେଶବାସୀଙ୍କ ମନରେ ରହିଛି । ସେମାନଙ୍କୁ ଜବାବ ଦେବା ପାଇଁ ମୋଦିଜୀ ଯେଉଁ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଏବଂ ଆଗକୁ ଦେଶର ହିତ ପାଇଁ ଯାହା ସବୁ ପଦକ୍ଷେପ ନେବେ ସେଥିରେ ସଭିଏଁ ତାଙ୍କୁ ପୂର୍ଣ୍ଣ ସହଯୋଗ କରିବେ ବୋଲି ଶ୍ରୀ ସାମଲ କହିଛନ୍ତି ।

ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଧାମରାଠାରେ ଶ୍ରୀ ସାମଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ଜିଲ୍ଲାର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଇଟିକିଲି ମିଟିକିଲି ଚିତ୍ରାଙ୍କନ ଉତ୍ସବ

## ରଙ୍ଗତୂଳୀରେ ଖରାଦିନିଆ ଟ୍ରାଫିକ୍ ଛକର ଚିତ୍ର

**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ସମଗ୍ର ରାଜ୍ୟରେ ଏବେ ଅନୁଭୂତ ହେଉଛି ଗ୍ରୀଷ୍ମ ଋତୁର ଅସହ୍ୟ ତାତି। ଏତେ ଖରାରେ ବି ଟ୍ରାଫିକ୍ ଛକରେ ଟ୍ରାଫିକ୍ ପୁଲିସ କରିଚାଲିଛନ୍ତି ନିଜ ନିଜର କର୍ତ୍ତବ୍ୟ। ପିଲାମାନଙ୍କୁ ଏହି ଅଙ୍ଗେନିଭା ବିଷୟରେ ଅଧିକ ସଚେତନ କରିବା ପାଇଁ ଖରାଦିନର ଟ୍ରାଫିକ୍ ଛକ ପରି ଏକ ମୁଖ୍ୟ ବିଷୟବସ୍ତୁକୁ ଆଧାର କରି ଆଜି ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଇଟିକିଲି ମିଟିକିଲି ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ଅନୁଷ୍ଠାନର ପ୍ରତିଯୋଗିତା ମୂଳକ ୩୦ତମ ଚିତ୍ରାଙ୍କନ ଉତ୍ସବ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭୨ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣ ବର୍ଗର ପିଲାମାନଙ୍କ ସହିତ ଭିନ୍ନକ୍ଷମ ଓ ବସ୍ତି ପିଲାମାନେ ମଧ୍ୟ ବହୁ ସଂଖ୍ୟାରେ ଭାଗ ନେଇଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀର ପିଲାଙ୍କ ପାଇଁ ଏକ ସୁନ୍ଦର ଫୁଲକୁଣ୍ଡ, ଚତୁର୍ଥରୁ ସପ୍ତମ ଶ୍ରେଣୀ ପାଇଁ ଆମ ଘର ଏବଂ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପାଇଁ ଖରାଦିନର ଏକ ଟ୍ରାଫିକ୍ ଛକ, ଏହିପରି ତିନିଗୋଟି ବିଷୟବସ୍ତୁକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିବା ପିଲାମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁକୁ ବେଶ୍ ସୁନ୍ଦର ଓ ସାବଲୀଳ ଭାବରେ ନିଜ ରଙ୍ଗ ଓ ତୂଳୀ ମାଧ୍ୟମରେ ରୂପ ଦେଇଥିଲେ। ଚିତ୍ରାଙ୍କନ କାର୍ଯ୍ୟକ୍ରମ ପରେପରେ ଅଂଶଗ୍ରହଣ କରିଥିବା ସବୁ ପିଲାଙ୍କ ନିମନ୍ତେ ଇଟିକିଲି ମିଟିକିଲି ସୌଜନ୍ୟରୁ ପ୍ଲାନେଟାରିୟମରେ ସ୍ୱତନ୍ତ୍ର ସୋ' ଦେଖିବାର ବ୍ୟବସ୍ଥା କରାଯାଇଥିଲା। ଚିତ୍ରାଙ୍କନ ଉତ୍ସବକୁ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ନିର୍ଦ୍ଦେଶିକା ଊର୍ମିପ୍ରଭା ମହାରଣା ଓ ଖୋରଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଅତିଥି ଭାବରେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟରେ ପିଲାମାନଙ୍କ ଉଦ୍ଦେଶ୍ୟରେ ଏକ ଉଦ୍‌ବୋଧନ ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଜାମ୍ମୁ-କାଶ୍ମୀରର ପହଲଗାଁଠାରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ପାଇଁ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଉପ-ସଭାପତି ଚିତ୍ତ ମହାପାତ୍ର ସ୍ୱାଗତ ସୂଚନା ପ୍ରଦାନ କରିଥିବାବେଳେ ସଚିବ ଶରତ କୁମାର ନାୟକ ଇଟିକିଲି ମିଟିକିଲର ବିଗତ ତିରିଶ ବର୍ଷର କାର୍ଯ୍ୟାବଳୀ ସମ୍ପର୍କରେ ସମ୍ୟକ ଆଲୋକପାତ ସହିତ ଚଳିତ ବର୍ଷର ଚିତ୍ରାଙ୍କନ ପ୍ରତିଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାଂସ୍କୃତିକ ସମ୍ପାଦିକା ଅନିତା ରଥ, ସଂଗଠନ ସମ୍ପାଦକ ପ୍ରିୟଦର୍ଶୀ ଶୁଭକାନ୍ତଙ୍କ ସମେତ ସଦସ୍ୟ ରଜନୀକାନ୍ତ ରାଉତ, ଜୟପ୍ରକାଶ ମିଶ୍ର, ଜ୍ୟୋତିରଞ୍ଜନ ଦାସ, ସବିତା ତ୍ରିପାଠୀ, ପ୍ରବୀଣା ପରିଡ଼ା, ଶିଳ୍ପୀତା ବିଶ୍ୱାଳ, ପ୍ରିୟଦର୍ଶୀ ସୌମ୍ୟକାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚଳିତ ବର୍ଷ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ, ମୁଁ ବି ଜଣେ ପାଠକ, ଓଡ଼ିଆ କବିତା ଆବୃତ୍ତି, ଓଡ଼ିଆ ସମ୍ବାଦପାଠ, କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ସଙ୍ଗୀତଭିତ୍ତିକ ନୃତ୍ୟ ଓ ନୃତ୍ୟର ବିଶେଷ କାର୍ଯ୍ୟକ୍ରମ ନାଦମ୍ବିକା ଇତ୍ୟାଦି ଆଗାମୀ ମେ ୧୦, ୧୧ ଓ ୧୨ତାରିଖ ତିନିଦିନ ଧରି ପ୍ରତ୍ୟହ ସକାଳ ଦଶଟାରୁ ରାତି ନଅଟା ପର୍ଯ୍ୟନ୍ତ ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସ୍ଥିତ ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଅଡ଼ିଟୋରିଅମ୍‌ଠାରେ ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଜୁନ୍ ୨୮ତାରିଖ ଦିନ ଜୟଦେବ ଭବନରେ ଆୟୋଜିତ ହେବ ବୋଲି ଅନୁଷ୍ଠାନର ସଚିବ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।



## ଅନଶନ ଭାଙ୍ଗିଲେ ଏବିଭିପି କାର୍ଯ୍ୟକର୍ତ୍ତା

**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଲିଖିତ ପ୍ରତିଶ୍ରୁତି ପରେ ୪ ଦିନର ଅନଶନ ଭାଙ୍ଗିଲେ ଏବିଭିପି କାର୍ଯ୍ୟକର୍ତ୍ତା। ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରକୁ ନିଶା ଏବଂ ଅଣଛାତ୍ର ମୁକ୍ତ କରିବା ସହ ୫ ଦଫା ଦାବି ନେଇ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଫାଟକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ ଏବିଭିପି କାର୍ଯ୍ୟକର୍ତ୍ତା। ଆଜି ଉଚ୍ଚ ଶିକ୍ଷା ବିଭାଗର ସଚିବ ପହଞ୍ଚି ଆନ୍ଦୋଳନରତ ପିଲା ଓ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ମିଳିବା ସମସ୍ତେ ଅନଶନରୁ ଉଠିଛନ୍ତି। ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା।



## 'ଭାରତୀୟଙ୍କ ଏକତା ହିଁ ଆତଙ୍କବାଦ ବିରୋଧରେ ସବୁଠାରୁ ବଡ଼ ଶକ୍ତି'

**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ଭାରତୀୟମାନଙ୍କ 'ଏକତା' ହିଁ ଆତଙ୍କବାଦ ବିରୋଧରେ ସବୁଠାରୁ ବଡ଼ ଶକ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ମନ କି ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାଶ୍ମୀର ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ସମଗ୍ର ଦେଶ ଦୁଃଖିତ। ଏହି ଆକ୍ରମଣ ଆତଙ୍କବାଦୀଙ୍କ କାପୁରୁଷତାକୁ ଦର୍ଶାଉଛି। କାଶ୍ମୀରକୁ ପୁଣି ଅଶାନ୍ତ କରିବା ଲକ୍ଷ୍ୟରେ ଆତଙ୍କବାଦୀ ଏଭଳି ଆକ୍ରମଣ କରିଛନ୍ତି। କିନ୍ତୁ ଦେଶର ୧୪୦ କୋଟି ଭାରତୀୟ ଆଜି ଏକଜୁଟ ହୋଇଛନ୍ତି। ଭାରତୀୟମାନଙ୍କ ଏହି 'ଏକତା' ହିଁ ଆତଙ୍କବାଦ ବିରୋଧରେ ସବୁଠାରୁ ବଡ଼ ଶକ୍ତି। ଆତଙ୍କବାଦ ବିରୋଧରେ ଲଢ଼େଇରେ ସାରା ବିଶ୍ୱ ଭାରତ ସହିତ ଅଛି। ଏହି ଆକ୍ରମଣ ଘଟଣାରେ ପୀଡ଼ିତ ପରିବାରକୁ ନିଶ୍ଚିତ ନ୍ୟାୟ ମିଳିବ। ଷଡ଼ଯନ୍ତ୍ରକାରୀଙ୍କୁ ନିଶ୍ଚୟ ଦଣ୍ଡ ମିଳିବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ତାର ସହ କହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

### 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକ ସମାରୋହ

## ତରୁଣକାନ୍ତି ମିଶ୍ର ପାଇଲେ ସତ୍ୟବାଦୀ ସାରସ୍ୱତ ସମ୍ମାନ-୨୦୨୪



**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ନବମ ବାର୍ଷିକ ସମାରୋହ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରସ୍ଥ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟରେ ରବିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଲୋକସେବକ ମଣ୍ଡଳର ସଭାପତି ରାଜକୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା ଓ କ୍ରୀଡ଼ା, ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟବକ୍ତାଭାବେ ଲବ୍ଧପ୍ରତିଷ୍ଠ ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର ଏବଂ ସମ୍ମାନିତ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ଓଡ଼ିଆ ସାହିତ୍ୟ ଜଗତକୁ ଅନବଦ୍ୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ ସ୍ୱାଗତ ଭାଷଣରେ ପତ୍ରିକାର ସଂଘର୍ଷପୂର୍ଣ୍ଣ ଯାତ୍ରା ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର ଜେନା ମଞ୍ଚାସୀନ ଥିଲେ। 'ସମାଜ'ର ସମ୍ପାଦକ ତଥା କାର୍ଯ୍ୟବାହୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ର ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଅବସରରେ ସତ୍ୟବାଦୀ ସାରସ୍ୱତ ସମ୍ମାନ-୨୦୨୪ ଲବ୍ଧପ୍ରତିଷ୍ଠ ସାରସ୍ୱତ ସାଧକ ତରୁଣକାନ୍ତି ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ସତ୍ୟବାଦୀ ସାହିତ୍ୟ ସମ୍ମାନ-୨୦୨୪ ଡ. ବାବାଜୀ ଚରଣ ପଟ୍ଟନାୟକ(ପ୍ରବନ୍ଧ), ମମତା ଦାଶ(କବିତା), ପ୍ରଫେସର ଶରତ ଚନ୍ଦ୍ର ଶତପଥୀ(ଗଳ୍ପ), ଡ. ନାରାୟଣ ଚନ୍ଦ୍ର ଶତପଥୀ (ରମ୍ୟ ରଚନା), ଡ. ରମେଶ ପତ୍ରୀ(ଶିଶୁ ଗଳ୍ପ), ହରିହର ଶୁକ୍ଳ(ଶିଶୁ କବିତା)ଙ୍କୁ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଲେଖକ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ 'ଆମ ସଂସ୍କୃତିର ସୌରଭ' ପୁସ୍ତକ ପାଠକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମର ସହଯୋଗୀ ଓମ୍‌ଫେଡର ଚେୟାରମ୍ୟାନ୍ କିଶୋର ଚନ୍ଦ୍ର ପ୍ରଧାନୀ, ଓୟୁଟିଆରର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଜିଏମ୍ ଶରତ କର, ଇପିକଲ, ଇଡ୍‌କୋ ଅଧିକାରୀ ଓ କଲୋମ୍ବୋ ଇଞ୍ଜିନିୟରିଂର ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରକାଶ ରାୟଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଆଠଗଡ଼ସ୍ଥିତ ଗୋପବନ୍ଧୁ ନର୍ସିଂ କଲେଜର ଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଲୋକସେବକ ମଣ୍ଡଳର ବରିଷ୍ଠ ଆଜୀବନ ସଦସ୍ୟ ନିରଞ୍ଜନ ରଥ ଧନ୍ୟବାଦ୍ ଦେଇଥିଲେ।

## 'ଜୀବନୀ ସାହିତ୍ୟକୁ ନେଇ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ହୋଇପାରିବ'



**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** ଜୀବନୀ ସାହିତ୍ୟକୁ ନେଇ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ହୋଇପାରିବ। ଭାଷା, ସାହିତ୍ୟ ଓ ସଂସ୍କୃତି, ସାମାଜିକ ଓ ରାଜନୈତିକ ବ୍ୟକ୍ତିମାନଙ୍କ ଜୀବନର ଆଧାର ହୋଇଥାଏ। ରାଜନୀତି, ଭାଷା, ସାହିତ୍ୟ ଓ ସଂସ୍କୃତି ବ୍ୟକ୍ତିର ନୁହେଁ ଜନ ସମୂହର ବୋଲି ଚଲାପଥର ୫୧ତମ ହୀରକ ଜୟନ୍ତୀ ପ୍ରାରମ୍ଭ ବର୍ଷ ପାଳନ ଅବସରରେ ଡାକ୍ତର ଶରତ ଚନ୍ଦ୍ର ମିଶ୍ରଙ୍କ ସାରସ୍ୱତ ସୃଷ୍ଟି ସଂଘର୍ଷ ଓ ସଫଳତା ପୁସ୍ତକର ଉନ୍ମୋଚନ ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଶାର ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଚ଼ହିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଜ୍ଞ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଥିଲେ ଯେ ଜୀବନର ଅନୁଭବକୁ ନେଇ ବାସ୍ତବ ସାହିତ୍ୟ ସୃଷ୍ଟି ହୋଇଥାଏ। ରାଜନୈତିକ ଓ ସାମାଜିକ ଚିନ୍ତା ଓ ଚେତନାକୁ ନେଇ ସୃଷ୍ଟି ହେଉଥିବା ଜୀବନୀ ସାହିତ୍ୟ ହେଉଛି ନିଛକ ସତ୍ୟର ପ୍ରତିଫଳନ। ସାହିତ୍ୟିକମାନେ ସେମାନଙ୍କର କଲମ ମୁନରେ ରାଜନୈତିକ ଦୃଶ୍ୟପଟ୍ଟକୁ ମଧ୍ୟ ବଦଳାଇ ଦେଇପାରିବେ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ନବୀନ ଦାସ କହିଥିଲେ ଯେ ଶାସନ ଓ ପ୍ରଶାସନ କ୍ଷେତ୍ରରେ ଦେଖା ଦେଉଥିବା ବିଶୃଙ୍ଖଳାକୁ ସମ୍ବାଦପତ୍ର ମାନେ ଏକ ସକରାତ୍ମକ ଢଙ୍ଗରେ ଉପସ୍ଥାପିତ କରି ସମାଜର କଲ୍ୟାଣ ଲାଗି କାର୍ଯ୍ୟ କରିବା ଉଚିତ । ସାରସ୍ୱତ ସାଧକମାନଙ୍କର ଚଲାପଥ କୁସୁମିତ ନହେଲେ ସାହିତ୍ୟ, ସଂସ୍କୃତି ଓ ପ୍ରଗତୀର ନନ୍ଦୀଘୋଷ ଅଟକି ଯିବ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ତଥା ଓଡ଼ିଶା ସାମ୍ବାଦିକ ୟୁନିୟନର ସଭାପତି ପ୍ରସନ୍ନ ମହାନ୍ତି କହିଥିଲେ ଯେ କଳା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ଓ ଉନ୍ନତି ଲାଗି ସରକାରଙ୍କର ଯେତିକି ଭୂମିକା ରହିଛି ସମ୍ବାଦପତ୍ର ମାନଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଜୀବନୀ ସାହିତ୍ୟ ପୁସ୍ତକ ଜନ ଜୀବନର ଚିନ୍ତା ଓ ଚେତନାକୁ ପ୍ରଭାବିତ କରିଥାଏ । ଭାଷା ଓ ସାହିତ୍ୟ ଶାସନ ଓ ପ୍ରଶାସନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଥାଏ । ଡାକ୍ତର ଶରତ ଚନ୍ଦ୍ର ମିଶ୍ରଙ୍କ ଲିଖିତ ପୁସ୍ତକ ସଂଘର୍ଷ ଓ ସଫଳତାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଚଲାପଥର ପ୍ରତିଷ୍ଠାତା ହଳଧର ଧୀର ଚଲାପଥର ୫୧ ବର୍ଷର ଦୀର୍ଘ ଯାତ୍ରାପଥର କାହାଣୀ ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ଚଲାପଥର ସଭାପତି ବିଜୟଲକ୍ଷ୍ମୀ ମହାନ୍ତିପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ପଣ୍ଡା, ଚଲାପଥର ଉପସଭାପତି ତଥା ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି, ପ୍ରଫେସର ଗୀତାଶ୍ରୀ ପ୍ରିୟମ୍ବଦା, ଯୋଗେନ୍ଦ୍ର କୁମାର ନାୟକ, ସାହିତ୍ୟିକା ଗିରୀଜା ମଞ୍ଜରୀ ପାଢ଼ୀ, ବୀଣାପାଣି ଚୌଧୁରୀ, ଅଧାପିକା ଗୀତାଞ୍ଜଳି ଦଳେଇ, ମଧୁସ୍ମିତା ଶା ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ସାରସ୍ୱତ ପ୍ରତିଭା ସଲୀଳା ମହାନ୍ତି, ତରୁଣବାଳା ମହାପାତ୍ର, ବିଜୟ କୁମାର ଦାସ, ନଟବର ସାହାଣୀ, ବିକାଶ ରଞ୍ଜନ ଦାସ, ବୀଣାପାଣି ଚୌଧୁରୀ ପ୍ରମୁଖଙ୍କୁ ଚଲାପଥ ସମ୍ମାନ ପ୍ରଦାନ କରାଯାଇଥିଲା।

ନିତିଦିନ NITIDIN

# ଜଳ ବିତରଣ କେନ୍ଦ୍ର ଆରମ୍ଭ

**ଫୁଲନଖରା,୨୭।୪/ଏନ୍‌ଏନ୍‌ଏସ୍:** ସଦର ଥାନା ଅନ୍ତର୍ଗତ ଗଙ୍ଗେଶ୍ୱରଗଡ଼ରେ ଗ୍ରୀଷ୍ମକାଳୀନ ଜଳ ବିତରଣ କେନ୍ଦ୍ର ଆରମ୍ଭ ହୋଇଛି । ଯୁବ ସମାଜସେବୀ ବିକ୍ରମ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଖୋଲିଥିବା ଏହି କେନ୍ଦ୍ରକୁ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଭିରାମ ପାତ୍ର ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସୁନ୍ଦରପ୍ରଭାତ ଦାସ, ରମାକାନ୍ତ ପାତ୍ର, ସୁକାନ୍ତକୁମାର ପାତ୍ର, ମହେନ୍ଦ୍ର ପରିଡ଼ା, ସାମ୍ବାଦିକ ପ୍ରତାପକେଶରୀ ପାତ୍ର ଓ ଛବି ପାତ୍ର ପ୍ରମୁଖ ଉପସ୍ଥିତ ରହି କୁରାଙ୍ଗ-ଭିଙ୍ଗାରପୁର ରାସ୍ତାରେ ଯାଉଥିବା ଯାତ୍ରୀ ଓ ପଥଚାରୀଙ୍କୁ ଦହିପଣା ବଣ୍ଟନର ଶୁଭାରମ୍ଭ କରିଥିଲେ । ଏହା ଗ୍ରୀଷ୍ମପ୍ରବାହ ଜାରି ରହିବା ପର୍ଯ୍ୟନ୍ତ ବଳବତ୍ତର ରହିବବୋଲି ଜଣାଯାଇଛି ।



### ଗଛରେ ପିଟିହେଲା କାର୍

## ଝିଅ ସମ୍ମୁଖରେ ଚାଲିଗଲା ମା'ର ଜୀବନ

**ଦଶପଲ୍ଲା,୨୭।୪/ଏନ୍‌ଏନ୍‌ଏସ୍:** ଦଶପଲ୍ଲା ଥାନା ରଙ୍ଗମାଟିଆ ନିକଟରେ ଏକ ଗଛରେ ମାରୁତି ଓମିନି (ଓଡ଼ି ୧୦ ଏସ୍ ୫୦୩୮) ଗାଡ଼ି ଧକ୍କାହେବା ଫଳରେ ଝିଅ ଆଖି ଆଗରେ ଚାଲିଯାଇଛି ମା'ର ଜୀବନ । ଗୋଟିଏ ପରିବାର ଗାଡ଼ିରେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଯାଇଛି । ଏହି ଦୁର୍ଘଟଣାରେ ମା'ର ମୃତ୍ୟୁ ହୋଇଥିବା ବେଳେ ବାପା ଓ ଦୁଇଝିଅ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଅବସ୍ଥାରେ ଆହତମାନଙ୍କୁ ପ୍ରଥମେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ ଯେ ନୟାଗଡ଼ ଗମ୍ଭାରୀଡ଼ିହି ଗ୍ରାମର ରଞ୍ଜନ ପଟନାଏକ ତାଙ୍କ ସ୍ତ୍ରୀ ରଶ୍ମିରେଖା ପଟନାଏକ, ଦୁଇଝିଅ ରେବିକା ପଟନାଏକ ଓ ରିକସିତା ପଟ ନାଏକ ଜୟପୁର ହୋମ୍ ଫିଲ୍ କମ୍ପାନୀରେ କାମକରିବା ସହ ଆହୁଜା ନଗରରେ ବାସ କରନ୍ତି । ସ୍କୁଲ ଛୁଟି ଥିବାରୁ ରଞ୍ଜନ ସପରିବାର ନିଜ ଘର ଗମ୍ଭାରୀଡ଼ିହି ଓ ଶ୍ୱଶୁର ଘର କଟକ ଯିବା ପାଇଁ ନିଜ ଓମିନି କାର୍‌ରେ ଆସୁଥିବା ବେଳେ ଆଖି ପଡ଼ିଯିବାରୁ ଗାଡ଼ି ଚଲାଉଥିବା ରଞ୍ଜନ କାର୍‌ଟିକୁ ଏକ ଗଛରେ ଧକ୍କା କରିଥିଲେ । ଫଳରେ ଗାଡ଼ିରେ ବସିଥିବା ରଞ୍ଜନଙ୍କ ସ୍ତ୍ରୀ ରଶ୍ମିରେଖାଙ୍କ ମୃତ୍ୟୁ ହୋଇଥିବା ବେଳେ ଗାଡ଼ିରେ ଥିବା ଦୁଇଝିଅ ରେବିକା ଓ ରିକ୍‌ସୀତା ଗୁରୁତର ଆହତ ହୋଇଥିଲେ । ସେହିପରି ଗାଡ଼ି ଚାଳକ ରଞ୍ଜନଙ୍କ ଗୋଡ଼ ଗାଡ଼ି ମଧ୍ୟରେ ଚାପିହୋଇ ରହିଯିବାରୁ ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ । ପ୍ରଥମେ ରଞ୍ଜନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପରେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ।

## ଚୋରି ଅଭିଯୋଗରେ ଯୁବକ ଗିରଫ

**ମୁଣ୍ଡମୁହାଣ,୨୭।୪/ଏନ୍‌ଏନ୍‌ଏସ୍:** ଚନ୍ଦକା ଥାନା ଅନ୍ତର୍ଗତ ଛାତବର ଗ୍ରାମରେ ଦ୍ୱିନଦୁଇପହରେ ତାଲା ଭାଙ୍ଗି ଚୋରି କରୁଥିବା ବେଳେ ଧରାପଡ଼ିଲେ ଯୁବକ । ଗିରଫ ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଗ୍ରାମର ଆନନ୍ଦ ଦାସ । ପୁଲିସ ସୂଚନା ମୁତାବକ ଆଜି ଛାତବର ଗ୍ରାମର ସୁଧାଂଶୁ ବେହେରାଙ୍କ ଭଡ଼ା ଦେଇଥିବା ଘରେ ଦିନ ଗୋଟାଏ ସମୟରେ ତାଲା ଭାଙ୍ଗି ଘର ଭିତରକୁ ପଶିଥିଲେ ଆନନ୍ଦ । ସେ ଏକ ବାଇକ୍ ଧରି ପିତାପଲ୍ଲୀ ଦେଇ ଛାତବର ଗାଁ ଭିତରେ ପଶିଥିଲେ । ଯେଉଁ ଘରେ କିଛି ଭଡ଼ାଟିଆ ରୁହନ୍ତି ସେମାନେ ନିକଟ କମ୍ପାନୀରେ କାମ କରନ୍ତି । ଏହାର ସୁଯୋଗ ନେଇ ଆନନ୍ଦ ଘରେ ପଶିଥିଲା ସମୟରେ ଭଡାଟିଆମାନେ ଫେରି ଦେଖିଥିଲେ ଘରେ କିଏ ଜଣେ ପଶି ଚୋରି କରୁଛି । ବାହାର ପଟେ କବାଟ ବନ୍ଦକରି ଘର ମାଲିକକକୁ ଖବର ଦେଇଥିଲେ । ମାଲିକ ଘଟଣାସ୍ଥଳରେ ପହଞ୍ଚି ଚନ୍ଦକା ଥାନାକୁ ଜଣାଇବା ପରେ ପୁଲିସ ଆନନ୍ଦକୁ ଗିରଫ କରିଥିଲା । ତା'ଠାରୁ ଏକ ବାଇକ୍, କିଛି ଟଙ୍କା ଓ ମୋବଇଲ ଫୋନ୍ ଜବତ କରି ଅଦାଲତ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

## ନୟାହାଟରେ କ୍ୟାଣ୍ଡଲ୍ ଶୋଭାଯାତ୍ରା




**ନୟାହାଟ,୨୭।୪/ଏନ୍‌ଏନ୍‌ଏସ୍:** ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ ରବିବାର ପୁରୀ ଜିଲ୍ଲା ଗୋପ ବ୍ଲକ ନୟାହାଟ ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀମାନେ ଏକ କ୍ୟାଣ୍ଡଲ୍ ଶୋଭାଯାତ୍ରା କରିଥିଲେ । ଏହି ଶୋଭାଯାତ୍ରାରେ ଚିତ୍ତରଞ୍ଜନ ମିଶ୍ର, ସୁରଜିତ ସାହୁ, ବିନୋଦ ମିଶ୍ର, କଳିଙ୍ଗ ପାତ୍ର, ରିୟାସତ୍ ଅଲ୍ଲୀ, ଫକୀର ବାରିକଙ୍କ ନେତୃତ୍ୱରେ ନୟାହାଟ ମେଡିକାଲ ଛକଠାରୁ ଏକ ବିଶାଳ ପଟୁଆରରେ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ପୁରାତନ ଛାତ୍ରଛାତ୍ରୀ କ୍ୟାଣ୍ଡଲ୍ ଶୋଭାଯାତ୍ରାରେ ସାମିଲ ହୋଇ ନୟାହାଟ ବଜାର ପରିକ୍ରମା କରିଥିଲେ । ଏଥିରେ ଭାରତୀୟମାନେ ଏକ୍‌ଜୁଟ୍ ହୁଅ ଆତଙ୍କବାଦୀ ଓ ପାକିସ୍ତାନକୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ସ୍ଲୋଗାନ ଦେଇଥିଲେ । ପରେ ମୃତ ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ ।

## ଗଣ୍ଡଗୋଳ ଘଟଣାରେ ୭ କୋର୍ଟଚାଲାଣ

**ବାରଙ୍ଗ,୨୭।୪/ଏନ୍‌ଏନ୍‌ଏସ୍:** ପାଚେରୀ ନିର୍ମାଣକୁ ନେଇ ଦୁଇ ପରିବାରଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ରବିବାର ବାରଙ୍ଗ ପୁଲିସ ୭ଜଣଙ୍କୁ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ନରଣପୁର ଗ୍ରାମର ଧିରେନ୍ଦ୍ର ବିଶ୍ୱାଳ(୫୬), ରାଜେନ୍ଦ୍ର ବିଶ୍ୱାଳ(୩୪), ଅମିତ୍ ବିଶ୍ୱାଳ(୨୨), ଯାଜପୁର ଅଞ୍ଚଳର କାଶିନାଥ ଗୋଛି(୫୧), ରାହୁଲ୍ ଗୋଛି(୨୪), ଜୟନ୍ତି ଗୋଛି(୪୨),କଟକ ତଳତେଲେଙ୍ଗା ବଜାର ଆଲୋକ ପଠାଲ୍ (୨୯)ଏଠାରେ ସୂଚନା ଯୋଗ୍ୟ ଶନିବାରଦିନ ନରଣପୁର ଗ୍ରାମର ରାଜେନ୍ଦ୍ର ବିଶ୍ୱାଳଙ୍କ ଘରକୁ ଲାଗି ଯାଜପୁର ଅଞ୍ଚଳରେ ଜୟନ୍ତୀ ଗୋଛି ନାମକ ମହିଳା ଜାଗା କିଣି ତିନି ମହଲା ଘର କରିଥିଲେ । ଉଭୟ ସୀମାକୁ ଲାଗି ମଝି ଅଂରେ ଜୟନ୍ତୀ ପାଚେରି କରିବାକୁ ନେଇ ରାଜେନ୍ଦ୍ରଙ୍କ ପରିବାର ବିରୋଧ କରି ଆସୁଥିଲେ । ଏହାକୁ ନେଇ ସ୍ଥାନୀୟ ଭଦ୍ରଲୋକଙ୍କ ଦ୍ୱାରା ଅପୋସ ବୁଝାମଣା କରାଯାଇଥିଲା । ଭଦ୍ର ଲୋକଙ୍କ ଉପସ୍ଥିତିରେ ପାଚେରୀ ନିର୍ମାଣ କରାଯିବ ବୋଲି ନିଷ୍ପତି ହୋଇଥିଲା । ହେଲେ ଶନିବାର ଜୟନ୍ତୀ ୫ ଜଣ ଶ୍ରମିକଙ୍କୁ ନେଇ ପୁନର୍ବାର ପାଚେରି ନିର୍ମାଣ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ପରେ ଇଟା, ଠେଙ୍ଗା, ଲୁହା ରଡ଼ ସାହାଯ୍ୟରେ ମା ?ପିଟ ହୋଇଥିଲା ଗଣ୍ଡଗୋଳରେ ଉଭୟ ପରିବାର ପକ୍ଷରୁ ୯ ଜଣ ଆହତ ହୋଇଥିଲେ । ଖବରପାଇ ବାରଙ୍ଗ ଥାନା ପୁଲିସ ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇବା ସହ ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ ।

### ଶୃଙ୍ଖଳା ପଡ଼ିଛି କୋଣାର୍କ ଏନ୍‌ଏସିର ୩୧ ପୋଖରୀ

# ହେଉନି ପୁନରୁଦ୍ଧାର, ହୀନସ୍ତା ଭୋଗୁଛନ୍ତି ୱାର୍ଡ଼ବାସୀ

**କୋଣାର୍କ,୨୭।୪/ଏନ୍‌ଏନ୍‌ଏସ୍:** ଗ୍ରୀଷ୍ମଦିନରେ ରାଜ୍ୟରେ ଥିବା ବିଭିନ୍ନ ସହର, ମ୍ୟୁନିସିପାଲିଟି ଏନ୍‌ଏସି ଓ ପଞ୍ଚାୟତରେ ପାଣି ବ୍ୟବସ୍ଥାର ପୂର୍ବପ୍ରସ୍ତୁତି କରି ରଖିବାକୁ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଥିଲା ବେଳେ ଓ ଏବେ ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବୃଦ୍ଧି ଓ ଗୁଳିଗୁଳି ବଢି ଚାଲିଥିବାବେଳେ ୧୩ଗୋଟି ୱାର୍ଡକୁ ନେଇ ଗଠିତ କୋଣାର୍କ ଏନଏସିରେ ୧୩ଗୋଟି ୱାର୍ଡରେ ସମୁଦାୟ ୨୨ଟି ପୋଖରୀ ଏବେ ଦଳପୂର୍ଣ୍ଣ ହୋଇ ସମ୍ପୂର୍ଣ୍ଣ ଶୁଷ୍କ ହୋଇ ପଡ଼ିରହିଥିବା ଦେଖିବାକୁ ମିଳିଛି । ବିଶେଷ ଭାବେ ୧ନଂ ୩ଟି ପୋଖରୀ ଓ ୨ନଂ ୱାର୍ଡ କୁଣେଇ ଗ୍ରାମରେ ଗୋଟିଏ ପୋଖରୀ ୩ନଂ ୱାର୍ଡ ମୁଳିସାହିରେ ଥିବା ୫ଗୋଟି ପୋଖରୀ, ୪ନଂ ୱାର୍ଡ କରମଙ୍ଗାରେ ଥିବା ସମୁଦାୟ ୮ଗୋଟି ପୋଖରୀ, ୬ନଂ ୱାର୍ଡ ରାଉଳପଟଣା ଗ୍ରାମରେ ଥିବା ୧ଟି ପୋଖରୀ, ୭ନଂ ୱାର୍ଡ ବାଣପଦା ନିକଟ ଶାମୁକା ପୋଖରୀ ଓ ନଳାମୁହଁ ସମ୍ମୁଖରେ ଥିବା ୧ଟି ପୋଖରୀ, ୮ନଂ ୱାର୍ଡ ନୋଳିଆବସ୍ତିରେ ଥିବା ୧ଟି ପୋଖରୀ, ୯ନଂ ୱାର୍ଡରେ ଥିବା ୧ଟି ମଠ ପୋଖରୀ, ୧୦ନଂ ୱାର୍ଡରେ ଥିବା ସମୁଦାୟ ୪ଗୋଟି ପୋଖରୀ, ୧୨ନଂ ୱାର୍ଡରେ ଥିବା ୨ଗୋଟି ପୋଖରୀ ଓ ୧୩ନଂ ୱାର୍ଡରେ ଥିବା ୩ଟି ପୋଖରୀ ସମେତ ସମୁଦାୟ ୩୧ଗୋଟି ପୋଖରୀ ଏବେ କୋଣାର୍କ ଏନ୍‌ଏସିର ବେପରୁଆ ନୀତି ଓ ଅବହେଳା ପାଇଁ ପୋଖରୀ ଗୁଡ଼ିକର ପୁନରୁଦ୍ଧାର କରାନଯାଇ ଏହାକୁ ଶୁଷ୍କ ଭାବେ ପକାଇ ରଖାଯାଇଥିବା ଦେଖିବାକୁ ମିଳିଛି । ଏନେଇ ବିଭିନ୍ନ ୱାର୍ଡରେ ୱାର୍ଡବାସୀମାନେ ନିଜର ନିତିଦିନିକିଆ କାର୍ଯ୍ୟ କରିବାରେ ପାଣି ପାଇଁ ହଇରାଣ ହରକତ ହେଉଥିବା କ୍ଷୋଭର ସହ କୁହନ୍ତି ।

ବିଶେଷ ଭାବେ ପୋଖରୀରେ ପାଣିର ଅଭାବ ଓ ଶୁଷ୍କ ପଡ଼ିରହିଥିବା ପୋଖରୀକୁ ନେଇ ଗାଈଗୋରୁମାନେ ପିଇବା ପାଣି ମୁନ୍ଦେ ପାଇବା ଅସମ୍ଭବ ହୋଇପଡ଼ିଛି । ଅନେକ ପୋଖରୀକୁ କେତେକ ବ୍ୟକ୍ତି ଏହାକୁ ଜବର ଦଖଲ ରେ ରଖିଥିବା ଜଣାଯାଏ । ମାତ୍ର କୋଣାର୍କ ଏନଏସି ଏ ଦିଗରେ କୌଣସି ପଦକ୍ଷେପ ନନେଇ ଚୁପଚାପ ବସିରହିବା କୁ ନେଇ ସାଧାରଣରେ ଚିନ୍ତା ପ୍ରକାଶ ପାଇଛି । ଏ ନେଇ କୋଣାର୍କ ଏନଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀଙ୍କୁ ପଚାରିବାରେ ସେ କୁହନ୍ତି ମୁକ୍ତା ଯୋଜନାରେ ଆମ ପୋଖରୀ ଜଳାଶୟ ନବୀକରଣରେ ଏହି ୩୧ଗୋଟି ପୋଖରୀର ପୁନରୁଦ୍ଧାର କରାଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ମାତ୍ର ଏହି ମୁକ୍ତା ଯୋଜନାକୁ ନୂତନ ସରକାର ବନ୍ଦ୍ କରିଦେଇଥିବାରୁ ଏହା କାର୍ଯ୍ୟକାରୀ ହୋଇପାରି ନଥିଲା । ମାତ୍ର ଗତ ୧୯ ତାରିଖରେ ବସିଥିବା କାଉନସିଲ୍‌ର ବୈଠକରେ କୋଣାର୍କ ଏନଏସିର ପ୍ରମୁଖ ମୁଖ୍ୟ ବଡ଼ପୋଖରୀଗୁଡିକ ଯଥା ୧ ନଂ ୱାର୍ଡ କୁଣେଇରେ ଥିବା ନୋଇଚିଆ ପୋଖରୀ ପାଇଁ ୫ଲକ୍ଷ ଟଙ୍କା, ୨ନଂୱାର୍ଡ ହାଟ ପୋଖରୀ ପାଇଁ ୩ ଲକ୍ଷ, ୭ନଂ ୱାର୍ଡ ବାଣପଦା ଗ୍ରାମ ସମ୍ମୁଖ ଶାମୁକା ପୋଖରୀ ପାଇଁ ୫ଲକ୍ଷ ଟଙ୍କା, ୧୦ନଂ ୱାର୍ଡ ରାଣୀହାଟ ଫିଲିମହଲ ପୋଖରୀ ପାଇଁ ୨ ଲକ୍ଷ ଓ ମାଧିପୁର ତ୍ରିବେଣୀସ୍ୱର ପୋଖରୀ ପାଇଁ ୨ ଲକ୍ଷ ଟଙ୍କା ସମୁଦାୟ ୧୭ ଲକ୍ଷ ଟଙ୍କା ବ୍ୟୟରେ ଏହି ୫ ଗୋଟି ପୋଖରୀର ତୁରନ୍ତ ପୁନରୁଦ୍ଧାର କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି ।



## ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ଘଣ୍ଟିଆ ରୋଗୀ ସେବା ଦାବି

**କଣ୍ଟିଲୋ,୨୭।୪/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ସମେତ ଆଖପାଖ ପଞ୍ଚାୟତର ପ୍ରାୟ ୮୦ହଜାର ଜନସାଧାରଣଙ୍କ ଦୁର୍ଭାଗ୍ୟ ଯେ, ଆଜି ସୁଦ୍ଧା ୨୪ଘଣ୍ଟିଆ ରୋଗୀ ସେବା ଯୋଗାଇବା ପାଇଁ ନୂତନ ଗୃହ ନିର୍ମାଣର ଶୁଭ ଉଦ୍ଘାଟନ କାହା ଦ୍ୱାରା ହୋଇପାରୁ ନାହିଁ । ସୂଚନାରୁ ଜଣାପଡ଼ିଛି ଯେ, ପ୍ରାକ୍ତନ ବିଜେଡି ସରକାର କଣ୍ଟିଲୋରେ ଚବିଶି ଘଣ୍ଟିଆ ରୋଗୀ ସେବା ଯୋଗାଇବା ପାଇଁ ଗତ ୨୦୨୨ ମସିହାରୁ ୨କୋଟି ୨୦ଲକ୍ଷ ଟଙ୍କା ଅର୍ଥ ରାଶି ମଞ୍ଜୁର କରିଥିଲେ । ସେ ସମୟରେ ଗୃହ ନିର୍ମାଣ ପାଇଁ ଶୁଭ ପଡ଼ିପାରିଲା ନାହିଁ । ବର୍ତ୍ତମାନର ବିଜେପି ସରକାର ସମୟରେ ସ୍ଥାନୀୟ ବିଧାୟକ ଉକ୍ତ ଗୃହ ନିର୍ମାଣର ଶୁଭ ଉଦ୍ଘାଟନ ପାଇଁ ବହୁଥର ପ୍ରତିଶ୍ରୁତି ଦେଇ ବିଫଳ ହୋଇଥିବା ଦେଖିବାକୁ ମିଳିଛି । ବର୍ତ୍ତମାନର ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ଭୁଲିଯିବା ପାଇଁ, ଲୋକଦେଖାଣିଆ ଭାବେ ବିଜେଡି ସରକାର ସମୟେ ମଞ୍ଜୁର ହୋଇଥିବା ଅର୍ଥ ରାଶିକୁ ପରିବର୍ତ୍ତନ କରି ୩କୋଟି ୪୫ଲକ୍ଷ ୭୪ହଜାର ୭୦୭ଟଙ୍କା ବୃଦ୍ଧି କରିଥିବା ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ସର୍ବସାଧାରଣ ଜନତା ବିଜେପି ସରକାର ଓ ସ୍ଥାନୀୟ ବିଧାୟକଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ଭୁଲିଯିବା ପାଇଁ ଏହି ବର୍ଦ୍ଧିତ ଅର୍ଥ ରାଶି ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ବୋଲି ଅଭିଯୋଗ କରୁଛନ୍ତି । ଏହି ମାସରେ ବିଭିନ୍ନ ବିଭାଗର ମନ୍ତ୍ରୀ ସ୍ଥାନୀୟ ବିଧାୟକଙ୍କ ସହ କଣ୍ଟିଲୋ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ନିଜ ଦଳୀୟ କର୍ମୀମାନଙ୍କ ସହ ରହି ପ୍ରସ୍ଥାନ କରୁଥିଲେ ହେଁ ଚବିଶି ଘଣ୍ଟିଆ ରୋଗୀ ସେବା ପାଇଁ ନୂତନ ଗୃହ ନିର୍ମାଣ ସମ୍ପର୍କରେ ଶୁଭ ଦେବା କଥା କେହି ହେଲେ ଉଠାଉ ନାହାନ୍ତି । ଯଥାଶୀଘ୍ର ଯଦି ଚବିଶି ଘଣ୍ଟିଆ ରୋଗୀ ସେବା ପାଇଁ ନୂତନ ଗୃହର ଶୁଭ ଉଦ୍ଘାଟନ କରାନଯାଏ ତେବେ ଆଠଖଣ୍ଡ ପଞ୍ଚାୟତର ହଜାର ହଜାର ଅଧିବାସୀ ଆଇନକୁ ବାଧ୍ୟ ହୋଇ ହାତକୁ ନେବା ପାଇଁ ସ୍ଥାନୀୟ ବିଧାୟକ, ନୟାଗମଡ଼ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଥିବା ଖବର ହସ୍ତଗତ ହୋଇଛି ।

## ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ତ୍ରୟୋଦଶ ବାର୍ଷିକୋତ୍ସବ

**ପୁରୀ,୨୭।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ର ତ୍ରୟୋଦଶ ବାର୍ଷିକୋତ୍ସବ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରତିମା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଷା, ସାହିତ୍ୟ ଓ ସଂସ୍କୃତି ହେଉଛି ଜୀବନର ତ୍ରିବେଣୀ ଧାରା ବୋଲି ତାଙ୍କ ବକ୍ତବ୍ୟରେ ଅଭିହିତ କରିଥିଲେ ।

ବିଶିଷ୍ଟ ଶିଶୁ ସାହିତ୍ୟିକ, ସ୍ତମ୍ଭକାର ଦାଶ ବେନହୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ଚେତନା, ଭାବନା, ଆଚାର ଓ ଉଚ୍ଚାରଣରେ ଓଡ଼ିଆତ୍ୱ କିପରି ଫୁଟି ଉଠିଥାଏ ସେ ସମ୍ପର୍କରେ ସୁନ୍ଦର ଉପସ୍ଥାପନା କରିବା ସହିତ ସାହିତ୍ୟ ହେଉଛି ସଂସ୍କୃତିର ମୁହଁ । ଅସ୍ତିତ୍ୱର ପରିଚୟ ମିଳେ ସଂସ୍କୃତିରୁ । ଓଡ଼ିଆ ଜାତି ଭଳି ଉଦାର ଜାତି ନାହିଁ । ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆତ୍ୱର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ । ସାହିତ୍ୟିକ ପ୍ର. ଅଦ୍ୱୈତ ଚରଣ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ବକ୍ତବ୍ୟ ରଖିଥିଲେ । ପ୍ର. ପ୍ରଭାତ ରଞ୍ଜନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଶିଶୁ ସାହିତ୍ୟିକ ସତ୍ୟନାରାୟଣ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସାତପାହାଚ' ଲୋକାର୍ପିତ ହେବା ସହିତ ରାଧାମାଧବ ରଥଙ୍କ ଉପନ୍ୟାସ 'ନୂତନ ପୃଥିବୀ' ଓ ଶିଶୁ କିଶୋର ଉପନ୍ୟାସ 'କୁଆଟି' ଉନ୍ମୋଚିତ ହୋଇଥିଲା । ଏଥିସହିତ ପ୍ରଫେସର ଡକ୍ଟର କୃଷ୍ଣଚନ୍ଦ୍ର ମିଶ୍ର ଙ୍କୁ ସାରସ୍ୱତ ସମ୍ମାନ, କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ରଙ୍କୁ ସଂସ୍କୃତି ସମ୍ମାନ ଏବଂ ବରିଷ୍ଠ ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କୁ 'ଶିଶୁ-କିଶୋର ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା ।

ଓଡ଼ିଶା ସଙ୍ଗୀତ ପରିଷଦ ପକ୍ଷରୁ ସମବେତ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ସଭା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ କବି କ୍ରିଷ୍ଣା ମହାପାତ୍ର, ଶ୍ୟାମ ପ୍ରକାଶ ସେନାପତି,କମଳ କୁମାର ଦାଶ ସଂଯୋଜନା କରିଥିଲେ । ପୀତାମ୍ବର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ବରିଷ୍ଠ କବି ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଏବଂ କବି ଚିନ୍ମୟ ବିବେକ ଅତିଥି ଭାବେ ଯୋଗଦେଇ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ମନ୍ଦାକିନୀ ପଟ୍ଟନାୟକ, ଡକ୍ଟର କଲ୍ୟାଣୀ ନନ୍ଦୀ, ଶକୁନ୍ତଳା ଓଝା ଏବଂ କମଳିନୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଚାଳିଶ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଡକ୍ଟର ଶଙ୍କର୍ଷଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ବିଜୟଲକ୍ଷ୍ମୀ ଦାଶ, ମଞ୍ଜୁଶ୍ରୀ ମିଶ୍ର, ବୀଣାପାଣି ମହାପାତ୍ର, କରୁଣାକର ଭୋଳ, ସହଦେବ ସାହୁ, ସୌମ୍ୟ ରଞ୍ଜନ ମଲ୍ଲିକ, ଦେବାଶିଷ କର ପ୍ରମୁଖ ସହଯୋଗ କରିଥିଲେ ।


## ପ୍ରିୟଦର୍ଶିନୀ କଳା ପରିଷଦର ନୂତନ ପରିଚାଳନା କମିଟି ଗଠିତ



**ସାକ୍ଷୀଗୋପାଳ,୨୭।୪/ଏନ୍‌ଏନ୍‌ଏସ୍:** ସାଂସ୍କୃତିକ କଳା ଅନୁଷ୍ଠାନ ପ୍ରିୟଦର୍ଶିନୀ ସାଂସ୍କୃତିକ କଳାପରିଷଦର ନୂତନ ପରିଚାଳନା କମିଟି ଗଠିତ ହୋଇଛି । ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସୁକଳ ପଞ୍ଚାୟତର ବାଣପୁର ସୁକଳପଡ଼ା ଛକରେ ଥିବା ଅନୁଷ୍ଠାନକୁ ସୁଚାରୁରୂପେ ପରିଚାଳନା କରିବା, ଗ୍ରାମାଞ୍ଚଳ ଛାତ୍ରଛାତ୍ରୀ ମାନଙ୍କ ଅନ୍ତର୍ନିହିତ କଳାର ବିକାଶ ଓ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ପାଇଁ ବିହିତ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା । ଆଜି ଅପରାହ୍ନରେ ଅନୁଷ୍ଠାନର କକ୍ଷ ମଧ୍ୟରେ କଳା ପରିଷଦର ପ୍ରତିଷ୍ଠାତା ରମାକାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବିତ୍‌ମାନଙ୍କ ଉପସ୍ଥିତିରେ ଏକ ନୂତନ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବୟୋଜ୍ୟେଷ୍ଠ ତଥା ଗ୍ରାମ ମୁରବି ଚନ୍ଦ୍ରଭାନୁ ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ନବ ଗଠିତ ସଭାପତି ରୂପେ ମନୋନୀତ କରାଯାଇଛି । ଆବାହକ ରବିନାରାୟଣ ମହାନ୍ତି, ଉପସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଅଭିମନ୍ୟୁ ଜେନା, ସହ ସମ୍ପାଦକ ନିରଞ୍ଜନ ବରାଳ, ମୁଖ୍ୟ ଉପଦେଷ୍ଟା ବାସନ୍ତୀ ମହାପାତ୍ରଙ୍କୁ ନେଇ ଏକ ଏକ ପୂର୍ଣ୍ଣାଙ୍ଗ କମିଟି ଗଠିତ ହୋଇଛି । ନୂତନ ପରିଚାଳନା କମିଟି ସଭାପତି ଚନ୍ଦ୍ରଭାନୁ ପ୍ରଧାନ ଓ ଆବାହକ ରବିନାରାୟଣ ମହାନ୍ତି ଅନୁଷ୍ଠାନର ବିକାଶ ଦିଗରେ ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିବା ସହ ସମସ୍ତଙ୍କ ସହଯୋଗରେ ଛାତ୍ରଛାତ୍ରୀମାନଙ୍କ ଲୁକ୍କାୟିତ ପ୍ରତିଭାକୁ ବିକାଶ ହୋଇପାରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଚ୍ଚିକାନ୍ତ ସାହୁ, ଅକ୍ଷୟ କୁମାର ପ୍ରଧାନ, ପିତବାସ ପ୍ରଧାନ, ଧବଳେଶ୍ୱର ପ୍ରଧାନ, ନିରଞ୍ଜନ ବିଶ୍ୱାଳ, ରବିନ୍ଦ୍ର ବସ୍ତି, ଅକ୍ଷୟ କୁମାର ବରାଳଙ୍କ ସମେତ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ପରିଷଦର ଅଜୟ କୁମାର ସେଠୀ ଓ ଲକ୍ଷ୍ମୀଧର ରାଉତ, ପ୍ରଭାକର ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗ ଉତ୍ସବ

**ବାରଙ୍ଗ,୨୭।୪/ଏନ୍‌ଏନ୍‌ଏସ୍:** ଆସନ୍ତା ଜୁନ୍ ୨୧ ତାରିଖରେ ପାଳନ ହେବାକୁ ଥିବା ଆନ୍ତର୍ଜାତିକ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ଦେଶବ୍ୟାପୀ ୧୦୦ ଦିନିଆ ଅବଗଣନା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ରବିବାର ୫୫ତମ ଦିନ ଅବଗଣନା କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ବିଶାଳ ଯୋଗ ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଅଭିଭାଷଣରେ ଏହି ସୂଚନା ଦେଇଛନ୍ତି । ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ ପାଇଁ ଅବଗଣନା କାର୍ଯ୍ୟକ୍ରମର ଅଂଶ ଭାବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଅଧୀନସ୍ଥ ମୋରାରଜୀ ଦେଶାଇ ଜାତୀୟ ଯୋଗ ସଂସ୍ଥା ସହଯୋଗରେ 'ଯୋଗୋତ୍ସବ' ନାମକ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ବିଶେଷକରି ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗଗତ ସମାନତା ଏବଂ ଜଳବାୟୁ କାର୍ଯ୍ୟ ଭଳି କ୍ଷେତ୍ରଗୁଡ଼ିକ ସହିତ ଯୋଗର ସମ୍ପୃକ୍ତିକୁ ସର୍ବ ସମ୍ମୁଖକୁ ଆଣିବା ମଧ୍ୟ ହେଉଛି ଏହି ଦିବସ ପାଳନର ଲକ୍ଷ୍ୟ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗର ସହକାରୀ ପ୍ରାଧ୍ୟାପକ ପିଣ୍ଟୁ ମାହାତୋଙ୍କ ୪୦ ମିନିଟର ଯୋଗ ଅଧିବେଶନରେ ଏନ୍‌ଡିଆର୍‌ଏଫ୍‌ରୁ ୧୧୦, ସିଆର୍‌ପିଏଫ୍‌ରୁ ୮୧ ଏବଂ ସିଆଇଏସ୍‌ଏଫ୍‌ରୁ ୨୧୪ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ । ଏଥିସହ ଜବାହର ନବୋଦୟ ବିଦ୍ୟାଳୟରୁ ୧୦୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ୭୬, ଗୁରୁକୁଳ ଅରିହନ୍ତରୁ ୧୨ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୨୫୫ଜଣଙ୍କୁ ମିଶାଇ ସମୁଦାୟ ୮୦୦ରୁ ଅଧିକ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ । ଯୋଗ ବିଜ୍ଞାନ କାର୍ଯ୍ୟକ୍ରମର ୫ ଜଣ ଶିକ୍ଷାର୍ଥୀ ବିଭିନ୍ନ ଯୋଗମୁଦ୍ରା ପ୍ରଦର୍ଶନ କରିଥିଲେ । ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଧାନ ମାର୍ଗଦର୍ଶନରେ କାର୍ଯ୍ୟକ୍ରମଟି ସମାପନ ହୋଇଥିଲା । କାର୍ଯ୍ୟକ୍ରମଟିରେ ସ୍ୱାମୀ ସତ୍ୟଚୈତନ୍ୟଙ୍କ ସହିତ ଭୁବନେଶ୍ୱରସ୍ଥିତ ସିଆରପିଏଫ୍ ଇନ୍ସପେକ୍ଟର ଶୀତଲ କୁମାର ଘୋଷ, ମୁଣ୍ଡଳିସ୍ଥିତ ଏନଡିଆଏଫ୍ ଇନ୍ସପେକ୍ଟର କେ. ଏସ୍. ଯାଦବ, ସିଆଇଏସ୍‌ଏଫ୍ ସବ୍ ଇନ୍ସପେକ୍ଟର ଅଲି ଅମଜାଦ୍, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରାଧ୍ୟାପକ ଜୟପ୍ରକାଶ ଭଞ୍ଜ, ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ ଡିନ୍ ପ୍ରାଧ୍ୟାପକ (ଡଃ.) ତୀର୍ଥଙ୍କର ଘୋଷ ଏବଂ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଡିନ୍, ଅଧ୍ୟାପକ, ପ୍ରାଧ୍ୟାପକ, କର୍ମଚାରୀ ଓ ଶିକ୍ଷାର୍ଥୀ ପ୍ରମୁଖ ଉପସ୍ଥିତ ଥିଲେ ।



## ୨୦୦୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ସାଲେପୁର,୨୭।୪/ଏନ୍‌ଏନ୍‌ଏସ୍:** ମହସିଂହପୁର ଉଚ୍ଚ ବିଦ୍ୟାଳୟର ୨୦୦୮ମସିହା ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା କମିଟିର ଉପସଭାପତି କବି ଚନ୍ଦ୍ରମଣି ଭୂୟାଁ, ମହସିଂହପୁର ଏମ.ଇ. ସ୍କୁଲର ପୂର୍ବତନ ଅଧକ୍ଷ୍ୟ ମିନକେତନ ଖଟୋଇ, ମହସିଂହପୁର ଉଚ୍ଚ ବିଦ୍ୟାଳୟର ପୂର୍ବତନ ଅଧକ୍ଷ୍ୟ ବୈକୁଣ୍ଠ ବିଶ୍ୱାଳ, ଶିକ୍ଷକ ଆବୁ ବକର ସିଦିକ, ଶିକ୍ଷକ ଅରୁଣ କୁମାର ବଳ, ଶିକ୍ଷୟିତ୍ରୀ ନଳିନୀ ନନ୍ଦ, ଶିକ୍ଷୟିତ୍ରୀ ନିରୁପମା ସାମଲ, ଶିକ୍ଷୟିତ୍ରୀ ସସ୍ମିତା ଶତପଥୀ, ଶିକ୍ଷକ ପିତାବାସ ଶତପଥୀ, ଶିକ୍ଷୟିତ୍ରୀ ସୁଷମା ସାହୁଙ୍କ ସମେତ ଅନେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ତଥା ମହାସିଂହପୁର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ଶେଖ ଅବ୍ରାର ଅହମ୍ମଦ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଓ ଚାନ୍ଦିର କଲମ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି ବନ୍ଧୁମିଳନର ଆଭିମୁଖ୍ୟ ପ୍ରଦାନ କରିବା ସହ ଉଦ୍‌ବୋଧନ ଦେଇଥିଲେ । ପୂର୍ବତନ ଛାତ୍ର ଅବଦୁଲ ରହମାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଞ୍ଜୁଆମୂଲ ବକ୍ସ, ମହମ୍ମଦ ଶୋଲେମାନ, ଶେଖ ଅବ୍ରାର ଅହମ୍ମଦ, ତନବୀର ହୁସେନ, ରାଶିଦ ରବାନି, ମିର୍ଜା ଇଫ୍ଟେଖାର, ଆଲାମ ବେଗ, ମହମ୍ମଦ ହେଦାୟତ ଉଲ୍ଲା, ମିର୍ଜା ଜାବୀର ବେଗ ପ୍ରମୁଖ ପରିଚାଳନା କରିଥିଲେ ।



ଯେଉଁ ସୈନିକମାନେ ସେମାନଙ୍କର ମାତୃଭୂମି ପ୍ରତି ବିଶ୍ୱସ୍ତ ରହିଥାନ୍ତି, ଯେଉଁମାନେ ମାତୃଭୂମିର ସୁରକ୍ଷା ନିମନ୍ତେ ପ୍ରାଣବଳି ଦେବାକୁ ସଦାସର୍ବଦା ପ୍ରସ୍ତୁତ ରହିଥାନ୍ତି, ସେମାନେ ଅପରାଜେୟ । - ସୁଭାଷ ଚନ୍ଦ୍ର ବୋଷ

ନିତିଦିନ NITIDIN
ସୋମବାର, ୨୮ ଏପ୍ରିଲ୍, ୨୦୨୫

# ଶ୍ରୀଜଗନ୍ନାଥ, ଓଡ଼ିଆ ଅସ୍ମିତା ଓ ମଧୁବାବୁ

'କୋଟିଏ ଓଡ଼ିଆ ଗୋଟିଏ ସ୍ୱରରେ ଡାକ ଛାଡ଼ି ଜଗନ୍ନାଥ/ ଆଖିର ଭ୍ରୂକ୍ଷେପ ନିଷ୍ଠ ଦେଖିବ ଜାତିର ଉନ୍ନତି ପଥ/ ସୁଦର୍ଶନ ଚକ୍ର ଗରଜି ଉଠିବ ବଳିୟାର ବାହୁ କରେ/ ମାତାଙ୍କ ଶ୍ରୀଅଙ୍ଗ ପୂର୍ବବତ ଦେଖି ଶତ୍ରୁ ପଳାଇବେ ଡରେ।' ଯାହାଙ୍କୁ ଖ୍ରୀଷ୍ଟିଆନ କହି ମନ୍ଦିର ତ ଦୂରର କଥା, ନିଜ ଘରେ ପ୍ରବେଶାଧିକାର ଅନାସ୍ଥା ଥିଲେ ସେହି ଜାତିପ୍ରାଣ ଉତ୍କଳ ଗୌରବ ମଧୁସୂଦନଙ୍କ ଶ୍ରୀଜଗନ୍ନାଥଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଏ ଉକ୍ତିରୁ ଧାଡ଼ି ଦେଉଛି ଅନୁମେୟ ନିର୍ଦ୍ଧାରିତ। ଅବସ୍ଥାଚକ୍ରରେ ପଡ଼ି ଅବଶ୍ୟ ମଧୁବାବୁ ଧର୍ମାନ୍ତରିତ ହୋଇଥିଲେ, କିନ୍ତୁ ତାଙ୍କ ପାଇଁ ସବୁଠାରୁ ବଡ଼ ଧର୍ମ ଥିଲା ମାନବ ଧର୍ମ। ତାଙ୍କର ଆରାଧ୍ୟ ଦେବୀ ଥିଲେ ଉତ୍କଳ ଜନନୀ। ଆଉ ଉତ୍କଳୀୟ ସଂସ୍କୃତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଥିଲେ ତାଙ୍କର ଇଷ୍ଟ।

ଆଜକୁ ପ୍ରାୟ ୧୪୦ ବର୍ଷ ତଳର ଘଟଣା। ପୁରୀ ଶ୍ରୀମନ୍ଦିରକୁ ନିଜ କବ୍‌ଜାକୁ ନେବା ପାଇଁ ବ୍ରିଟିଶ୍ ସରକାର ଏକ ମିଥ୍ୟା ମାମଲାରେ ସେତେବେଳର ଗଜପତି ଦିବ୍ୟସିଂହ ଦେବଙ୍କୁ ଦ୍ୱୀପାନ୍ତର ଦଣ୍ଡରେ ଦଣ୍ଡିତ କରିଥିଲେ। ତାଙ୍କ ପୁଅ ଜଗନ୍ନାଥ ଜେଜେମାଙ୍କ ଶିଶୁ। ଏ ପରିପ୍ରେକ୍ଷୀରେ ଦିବ୍ୟସିଂହ ଦେବଙ୍କ ମାତା ସୂର୍ଯ୍ୟମଣି ପାଟମହାଦେଈ ଅଣ୍ଟା



ପ୍ରହଲ୍ଲାଦ କୁମାର ସିଂହ

ଭିଡ଼ିଲେ ଗଜପତି ପରମ୍ପରାର ସୁରକ୍ଷା ସହିତ ଶ୍ରୀମନ୍ଦିରକୁ ବ୍ରିଟିଶ୍ ଚକ୍ରାନ୍ତରୁ ମୁକ୍ତ କରିବା ପାଇଁ। କିନ୍ତୁ ନଇଁପଡ଼ିବା ପ୍ରଶାସନ ରାଜମାତାଙ୍କୁ ଉପେକ୍ଷା କରି କଟକ ଜିଲ୍ଲା ଜଜ୍‌ଙ୍କ କୋର୍ଟରୁ ଏକ ମାମଲାରେ ଡିଗ୍ରୀ ଆଣି ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଚାବି ଛଡ଼ାଇ ନେଇ ଜୋରି ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଜଉମୁଦ୍ରା ଦିଆ କରାଇଲେ। ଏ ଘଡ଼ିସନ୍ଧି ମୁହୂର୍ତ୍ତରେ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ରାଜମାତାଙ୍କ ଅନୁରୋଧକୁ ସେତେବେଳର ବହୁ ନାମୀଦାମୀ ଓକିଲ ଏଡ଼ାଇ ଗଲେ। ତାଙ୍କ ନିମନ୍ତ୍ରଣ କ୍ରମେ ମଧୁବାବୁ ଆସିଲେ ଶ୍ରୀନଅରକୁ। ଶ୍ରୀଜଗନ୍ନାଥ ଓ ଗଜପତି ପରମ୍ପରାକୁ ନେଇ ଗର୍ବ କରୁଥିବା ଓଡ଼ିଆମାନଙ୍କ ନିରବତା ଖୁବ୍ ବାଧୁଥିଲା ରାଜମାତାଙ୍କୁ। ରାଜମାତା ସେଥିପାଇଁ ସହ ମଧୁବାବୁଙ୍କୁ କହିଲେ, ପରିଣତ ବୟସରେ ଏବେ ବି ଅଶ୍ରୁପ୍ଲୁତ ହୋଇ ବ୍ରିଟିଶ୍ ବାହିନୀ ବିରୁଦ୍ଧରେ ଅସି ଚାଳନା କରିବାକୁ ମୁଁ ପ୍ରସ୍ତୁତ। ଆପଣ କଲିକତା ହାଇକୋର୍ଟରେ ମାମଲା ରୁଜୁ କରନ୍ତୁ। ଯଦି ସେଥିରେ ଆମେ ହାରିଯିବା, ତେବେ ସଶସ୍ତ୍ର ସଂଗ୍ରାମ କରି ଲଢ଼େଇର ମଇଦାନରେ ଶ୍ରୀମନ୍ଦିରର ସୁରକ୍ଷା ପ୍ରସଙ୍ଗରେ ମୁଁ ଜୀବନ ବାଜି ଲଗାଇବାକୁ ପଛାଇବି ନାହିଁ। ରାଜମାତା ସୂର୍ଯ୍ୟମଣି ପାଟମହାଦେଈଙ୍କ ଏହି ସୌର୍ଯ୍ୟଦୀପ୍ତ ଆହ୍ୱାନ ଗ୍ରହଣ କଲେ ମଧୁବାବୁ। ଶ୍ରୀମନ୍ଦିର ଓ ଗଜପତି ପରମ୍ପରା ସମ୍ପର୍କରେ ବ୍ୟାପକ ଅନ୍ୱେଷଣ କରି ଏକ ଐତିହାସିକ ଅର୍ଜି ପ୍ରସ୍ତୁତ ହେଲା। ମଧୁବାବୁଙ୍କ ଖର୍ଚ୍ଚରେ କଲିକତା ହାଇକୋର୍ଟରେ ଆଉ ଜେନେରେଲ ନାମୀଦାମୀ ଓକିଲ ଏ ମାମଲାରେ ସହାୟତା କଲେ। ଶେଷରେ ଶ୍ରୀଜଗନ୍ନାଥଙ୍କର ଅପାର କରୁଣାରୁ ମଧୁବାବୁ କଲିକତା ହାଇକୋର୍ଟରେ ଗଜପତି ପରମ୍ପରା ପାଇଁ ବିଜୟ ତିଳକ ଆଣି ପାରିଲେ। ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ତୁଳନାରେ ମଧୁବାବୁଙ୍କ ନେତୃତ୍ୱରେ ସୂର୍ଯ୍ୟମଣି ପାଟମହାଦେଈଙ୍କ ଏହି ଅଦାଲତି ଅଭିଯାନ କୌଣସି ଗୁଣରେ କମ୍ ନଥିଲା।

ଏହି ଘଟଣା ସେତେବେଳେ ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ହାଇକୋର୍ଟର ରାୟ ଧରି ବିଜୟୀ ବୀର ମଧୁବାବୁ ଫେରିଲେ ଓଡ଼ିଶା। ସେତେବେଳେ ପୁରୀକୁ ରେଳ କିମ୍ବା ବସ୍ ସେବା ନଥିଲା। କଟକରୁ ପାଲିଙ୍କିରେ ମଧୁବାବୁ ବଡ଼ଜାଗି ଅଗିବା ବାଟରେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଲୋକେ ତାଙ୍କୁ ଯେପରି ସମ୍ବର୍ଦ୍ଧନା ଜଣାଇ ଥିଲେ, ତାହା ଅଭୂତପୂର୍ବ। ଏମିତିକି ସାକ୍ଷୀଗୋପାଳରୁ ପୁରୀ ପର୍ଯ୍ୟନ୍ତ ଜନଗହଳି ଏତେ ବଢ଼ି ଯାଇଥିଲା ଯେ ଲୋକେ ଏ ଭାବବିହ୍ୱଳ ହୋଇ ପଡ଼ିଥିଲେ ଯେ ବଡ଼ଦାଣ୍ଡରେ ଯେମିତି ମଧୁବାବୁଙ୍କୁ ପାଲିଙ୍କିରୁ ଓହ୍ଲାଇ ନେଇ କାନ୍ଧରେ ବସାଇ ବସାଇ ପୁରୀ ଅଭିମୁଖେ ସଂକୀର୍ତ୍ତନ ଏବଂ ହରିବୋଲ ଓ ହୁଳହୁଳି ଧ୍ୱନି ମଧ୍ୟରେ ପାଛୋଟି ନେଇଥିଲେ। ଯେ କୌଣସି ଦିଗ୍‌ବିଜୟୀ ସମ୍ରାଟଙ୍କ ବିଜୟ ଉତ୍ସବ ତୁଳନାରେ ଏ ସମ୍ବର୍ଦ୍ଧନା କମ୍ ନଥିଲା। ଏ ଘଟଣା ଥିଲା ୧୮୮୭ ମସିହାର। ମଧୁବାବୁଙ୍କ ଏହି ସଂଗ୍ରାମ ଯୋଗୁଁ ଶ୍ରୀମନ୍ଦିରର ସମ୍ପତ୍ତି ସହିତ ଗଜପତି ପରମ୍ପରା ସୁରକ୍ଷିତ ରହି ପାରିଲା ଏବଂ ସୂର୍ଯ୍ୟମଣି ପାଟମହାଦେଈଙ୍କ ନାତି ଜଗନ୍ନାଥ ଜେଜେମାଙ୍କ ମୁକୁନ୍ଦ ଦେବ ନାମରେ ନାମିତ ହୋଇ ଗଜପତି ଆସନ ଅଳଙ୍କୃତ କରିଥିଲେ। କଥା ଏଇଠି ସରିନି। ପୁରୀ ରାଜନଅର ନିଲାମ ହେବାକୁ ଯାଉଥିବା ବେଳେ ମଧୁବାବୁ ଏହାର ସୁରକ୍ଷା ବି କରିଥିଲେ। ମନ୍ଦିର ପରିଚାଳନା କ୍ଷେତ୍ରରେ ବରାବର ତାଙ୍କର ପରାମର୍ଶ ଲୋଡ଼ା ଯାଉଥିଲା। ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଓ ଗଜପତି ପରମ୍ପରାକୁ ସୁରକ୍ଷା ଦେବା ପାଇଁ ସବୁବେଳେ ମଧୁବାବୁ ଆଗେଇ ଆସିଥିଲେ।

ଶ୍ରୀଜଗନ୍ନାଥଙ୍କ ପ୍ରତି ମଧୁବାବୁଙ୍କ ଅନ୍ୟ ଏକ ଭକ୍ତିଅର୍ଘ୍ୟ ଦେଖିବାକୁ ମିଳେ ୧୯୦୦ ମସିହାରେ। ତାଙ୍କ ନିମନ୍ତ୍ରଣ କ୍ରମେ ଭାରତର ବଡ଼ଲାଟ ଲର୍ଡ କର୍ଜନ ପୁରୀ ଓ ଭୁବନେଶ୍ୱର ପରିଦର୍ଶନରେ ଆସିଥିଲେ। ପୁରୀରେ ରାଧାବଲ୍ଲଭ ମଠ ଛାତରୁ ଶ୍ରୀମନ୍ଦିର ଦର୍ଶନ କରିବା ପରେ କର୍ଜନଙ୍କୁ ମଧୁବାବୁ ଉପଢୌକନ ଭାବେ ଚାରବସ୍ତି ଚାମର ଶ୍ରୀମନ୍ଦିର ପ୍ରତିକୃତି ପ୍ରଦାନ କରିଥିଲେ। ଏଥି ସହିତ ପ୍ରଶ୍ନ, ଉପରେ ଖୋଦେଇ ଯେଉଁ ଅଭିନନ୍ଦନପତ୍ର ଦିଆ ଯାଇଥିଲା, ସେଥିରେ ଲେଖା ଥିଲା- 'ଦ୍ୱାର ମୁକ୍ତିଳ ଦେଶସ୍ୟ ଜଗନ୍ନାଥସ୍ୟ ମନ୍ଦିରମ୍/ ଐତିହାସିକତତ୍ତ୍ୱସ୍ୟ ଜ୍ଞାପକଞ୍ଚ ବିଶେଷତଃ।'

ଦିଲ୍ଲୀର ଇମ୍ପେରିଆଲ କାଉନ୍‌ସିଲ୍ ବୈଠକରୁ ଫେରୁଥିବା ମଧୁବାବୁଙ୍କୁ ୧୯୧୩ ଫେବୃଆରୀ ମାସରେ କଟକ ରେଳ ଷ୍ଟେସନରେ ସମ୍ବର୍ଦ୍ଧନା ଜଣାଇବା ପାଇଁ ବିପୁଳ ଜନସମାଗମ ହୋଇଥିଲା। ଲୋକେ ଏକ ଘୋଡ଼ାବିହୀନ ଘୋଡ଼ାଗାଡ଼ିରେ ମଧୁବାବୁଙ୍କୁ ବସାଇ ଟାଣି ଟାଣି ସହର ପରିକ୍ରମା କରାଇବା ଯୋଜନାରେ ଥାଆନ୍ତି। ଜନତାର ଭାବାବେଗକୁ ନମ୍ରତାର ସହ ଗ୍ରହଣ କରିଥିଲେ ମଧ୍ୟ ମଧୁବାବୁ କିନ୍ତୁ ମଣିଷଟଣା ଗାଡ଼ିରେ ବସିଲେ ନାହିଁ। ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରି ସେଦିନ ମଧୁବାବୁ ଯେଉଁ କେଇ ପଦ ଦୂରଦୃଷ୍ଟିକ କଥା କହିଥିଲେ, ତାହାକୁ ମଧୁପ୍ରେମୀ ସୁରେନ୍ଦ୍ର ପଟ୍ଟନାୟକ ତାଙ୍କ ପ୍ରଣୀତ ଆମ ମଧୁସୂଦନ ପୁସ୍ତକରେ ଏପରି ଲେଖିଛନ୍ତି- 'ହେ ଭ୍ରାତୃମଣ୍ଡଳୀ! ଆପଣମାନେ ମହିମାମୟ ଶ୍ରୀଜଗନ୍ନାଥଙ୍କର ପୁଣ୍ୟ ରଥକୁ ଟାଣି ନେବା ପାଇଁ ଏକାନ୍ତ ଅଧିକାରୀ। ଏହା ଆପଣଙ୍କର ଜନ୍ମସିଦ୍ଧ ଅଧିକାର। ମାତ୍ର ସ୍ୱାଧୀନ ରାଜ୍ୟ, କେବେହେଲେ ମନୁଷ୍ୟର ଦାସ ହେବା ପାଇଁ ପ୍ରୟାସ କରିବ ନାହିଁ।'

ଉତ୍କଳ ସମ୍ମିଳନୀଠାରୁ ଆରମ୍ଭ କରି ଇମ୍ପେରିଆଲ କାଉନ୍‌ସିଲ୍, ଏମିତିକି ଇଂଲଣ୍ଡରେ ବିଭିନ୍ନ ଭାଷଣରେ ମଧୁବାବୁ ଶ୍ରୀଜଗନ୍ନାଥଙ୍କ ଜୟ ଜୟକାର କରିବାକୁ ଭୁଲି ନାହାନ୍ତି। ବାରମ୍ବାର ସେ ଦେଶରେ ଦେଖାଉଛନ୍ତି ଯେ ଓଡ଼ିଆ ଶିଶୁଟିଏ ଜନ୍ମ ହେବା ପରେ ତା'ର ଜାତକ ପ୍ରସ୍ତୁତ ହୁଏ ଶ୍ରୀଜଗନ୍ନାଥ ଓ ଗଜପତିଙ୍କ ନାମରୁ। ସୁପ୍ତ ଓଡ଼ିଆ ଜାତିକୁ ଜଗାଇବା ପାଇଁ ବାରମ୍ବାର ମଧୁବାବୁ ଜଗନ୍ନାଥ ସଂସ୍କୃତିର ଗୌରବବହ ଇତିହାସ ସ୍ମୃତି ରୋମନ୍ଥନ କରାଉଥିଲେ। ବାଲିରେ ପୋତି ହୋଇଥିବା ବଡ଼ଦେଉଳ ରାଜାଙ୍କ ଘୋଡ଼ା ଟାପୁରେ ବାଜି ଯେଉଁଭଳି ପୁନରୁଦ୍ଧାର ହେଲା, ସେହି ଭଳି ଏ ଜାତିର ବଡ଼ଦେଉଳକୁ ପୁନରୁଦ୍ଧାର କରିବା ପାଇଁ ସବୁ ଓଡ଼ିଆ ନିଜ ଦେଶମାତୃକା ପାଇଁ ଦିନକୁ ମାତ୍ର ୫ ମିନିଟ୍ ଭାବିବାକୁ ୧୯୦୮ରେ ଉତ୍କଳ ସମ୍ମିଳନୀରେ ତାଙ୍କ ଆହ୍ୱାନ ଥିଲା ଅନନ୍ୟ। ଉତ୍କଳ ଜନନୀ ଓ ଭାରତଜନନୀ ବାବଦରେ କୌଣସି ପ୍ରଭେଦ ଦେଖି ନଥିବା ମଧୁବାବୁ କହୁଥିଲେ ଯେ ଉତ୍କଳର ଚିନ୍ତିତ ଉଦ୍ଦେଶ୍ୟ ହେଉଛି ଭାରତର ଉନ୍ନତି। ଦେଶମାତୃକା ପାଇଁ ତାଙ୍କ ବ୍ୟଥିତ ପ୍ରାଣ ଗାଉଥିଲା- 'ଜନ୍ମ ହେଲା ଯେଣି ସ୍ତନ୍ୟ ଦାନ କରି/ ମାତା ମନ୍ତ୍ର ଦେଲେ ପରାଙ୍ଗେ ଜୀବନ/ ଆଶା ଥିଲା ମନେ ଦେଖିବି ଜୀବନେ/ ଉତ୍କଳ ମାତାର ସହାସ୍ୟ ବଦନ/ ସେ ଆଶା ତୁଟିଲା ସ୍ୱପନ ଭାଙ୍ଗିଲା/ ନଦେଖି ଉତ୍କଳେ କରଉଦ୍ୟ ଜ୍ଞାନ।' ଓଡ଼ିଆ ଜାତିର ପୁନରୁତ୍ଥାନ ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ମଧୁବାବୁଙ୍କ ସମଗ୍ର ଜୀବନ ଥିଲା ସମର୍ପିତ। ଏଥିପାଇଁ ନିଜ ରୋଜଗାରର ଅର୍ଦ୍ଧ କରି କରି ସେ ହୋଇ ଯାଇଥିଲେ ସର୍ବସ୍ୱାନ୍ତ, ଦେବାଳିଆ। ତଥାପି ବି ସେ ଓଡ଼ିଆ ଜାତିକୁ ଗୁରୁମନ୍ତ୍ର ଦେବାରେ କେବେ କାର୍ପଣ୍ୟ କରି ନାହାନ୍ତି। ସେ କହିଥିଲେ- 'ଜାତି ନିର୍ମାଣ ଚାଲିବ କି ଭାଇ ସ୍ୱାର୍ଥକୁ ସାରଥି କଲେ/ ଟାଣେକିରେ ଗଡ଼ି ବସାର ଗେନ୍ଦ୍ରା ଘୋଡ଼ା ମୁହେଁ ବେଖ ଥିଲେ ?'

ପର ଧନରେ ପୁନେଇ କରିବା ମଧୁବାବୁଙ୍କ ସ୍ୱଭାବ ବାହାରେ। ତାଙ୍କ ଭାଷାରେ, 'ଉତ୍କଳର ଦେଶ ମିଶ୍ରଣ ଆନ୍ଦୋଳନ ପାଇଁ ମୁଁ ଦେବାଳିଆ ଓ ଉତ୍କଣ୍ଠିତ। ମୋର ଅବସ୍ଥାକୁ ଗେରି ମୁଁ ବିବ୍ରତର ଖିନ୍ନ କରିବି ନାହିଁ। ପରମାତ୍ମାଙ୍କ ମାଗି ଦେଶସେବା କାର୍ଯ୍ୟ ମୁଁ ଜାଣେନାହିଁ। ଆମର ପାପ ନ କରିଲେ ଉତ୍କଳ ମାତାଙ୍କର ଦୁର୍ଦ୍ଦଶା ଦୂର ହେବନାହିଁ।' ପର ଧନ ଉପରେ ଆଶ୍ରିତ ମାଗଣାଖିଆ ଲୋକ କେବେ ଜାତିର ଉନ୍ନତି କରି ପାରିବେ ନାହିଁ। ସେଥି ଲାଗି ମଧୁବାବୁଙ୍କ ଗୁରୁମନ୍ତ୍ର ଆଜିର ଦିନରେ ବିଶେଷ ପ୍ରାସଙ୍ଗିକ। ତାଙ୍କ ଭାଷାରେ, 'ଯେଉଁ ହାତରେ ରୁଟି ଖାଉଛ, ସେହି ହାତର ପରିଶ୍ରମରେ ସେହି ରୁଟିକୁ ଉପାର୍ଜନ କରିବାକୁ ପଡ଼ିବ।'

ମୃତ୍ୟୁର କେଇ ଘଣ୍ଟା ପୂର୍ବରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ମାଧ୍ୟମରେ ଓଡ଼ିଆ ଜାତି ଉଦ୍ଦେଶ୍ୟରେ ସେ ତାଙ୍କ ଶେଷ ବାର୍ତ୍ତାରେ କହିଥିଲେ- 'ଓଡ଼ିଶାର ଲୋକଙ୍କୁ କହିବ, ପେଟରେ ଯାହାକିଛି ମଇଳା ଅଛି ପରିଷ୍କାର କରନ୍ତୁ। ତା' ହେଲେ ଆତ୍ମା ସବୁକାରେ ପରିଷ୍କାର ହୋଇଯିବ...। ମୁଁ ତ ଯାଉଛି। ମନେ ରଖିବୁ...' ୧୮୪୮ ଏପ୍ରିଲ ୨୮ ତାରିଖରେ ସତ୍ୟଭାମାପୁର ଗାଁରେ ଜନ୍ମ ହୋଇଥିବା ଏହି ମହାମାନବଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା ୧୯୩୪ ଫେବୃଆରୀରେ। ତାଙ୍କ ଅବର୍ତ୍ତମାନର ୯ ଦଶନ୍ଧି ପରେ କେତେ ମଇଳା ସଫା ହୋଇଛି ଓ ଏ ଜାତିର ଆତ୍ମା କେତେ ପରିଷ୍କାର ହୋଇଛି, ଆଜି ତାହାର ସମୀକ୍ଷା କରିବା କଥା। ତାଙ୍କ ସମସାମୟିକ ବ୍ୟାସକବି ଫକୀରମୋହନ ସେନାପତି ପ୍ରସ୍ତୁତିରେ କହିଥିଲେ- 'ଯାଉଥିଲା ଗୋଟେ ଜାତିଟା ଭାସି/ ରକ୍ଷା କରି ଅଛ ସ୍ୱର୍ଗରୁ ଆସି ... ପତିତ ଉତ୍କଳ ଦେଶ ଉଦ୍ଧାର କାରଣ/ ଅବତାର ରୂପେ ଜନ୍ମି ଅଛ ନାରାୟଣ।' ଉତ୍କଳ ଗୌରବ ମଧୁସୂଦନ ଓଡ଼ିଆ ଅସ୍ମିତାର ମହାମହିମ। ତାଙ୍କ ଅମ୍ଳାନ ସ୍ମୃତି ଅମର। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଭାଷାରେ, 'କିଏ ରହେ ନାହିଁ ରହିବ/ ଧରା ତଳେ ଯେହୁ କିରତି ରଖଇ ସେହି ଏକା ଜିଇଁ ଥାଇ।'


ଯେଉଁ ସ୍ୱାଭିମାନୀ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ନିଜ ଜୀବନ ଦୀପକୁ ତିଳତିଳ କରି ମଧୁବାବୁ ଜଳି ଦେଇଥିଲେ, ସେହି ରାଜ୍ୟରେ ସ୍ୱାଭିମାନ ଓ ସମୃଦ୍ଧି କେତେ ଅଛନ୍ତି। ଓଡ଼ିଶାର ଭାଷା, ସଂସ୍କୃତି ଉପରେ ପ୍ରଶ୍ନବାଚୀ ଲାଗିଛି। ଦାରିଦ୍ର୍ୟ, ବେକାରୀ, ଶୋଷଣାଦି, ଅଳସ, ବେରୋଜଗାରୀ, ଦୁର୍ନୀତି, ଭ୍ରଷ୍ଟାଚାର ଆଦି ବ୍ୟାଧିରେ ଏବେ ବି ଉତ୍କଳ ଜନନୀ ଜର୍ଜରିତ। ସ୍ୱାଭିମାନ ଓ ସ୍ୱାବଲମ୍ବନ ଏଠାରେ କେମିତି ରକ୍ଷା ପାଇଛି! ସନ୍ଦେହକାରୀଙ୍କ ଉଦ୍ୟମରେ ଏକ ଆଲୋକବର୍ତ୍ତିକା ଗିରିଶୃଙ୍ଗ ଆଡ଼କୁ ମଧୁବାବୁ ଯେଉଁ ଅଭିଯାନ ଆରମ୍ଭ କରିଥିଲେ, ତାହା ଏବେ ବି ଅଧୁରା ରହିଛି। ଏଥିପାଇଁ ଆହୁରି ଅନେକ ସଂଗ୍ରାମ ଲୋଡ଼ା। କିନ୍ତୁ ମଧୁବାବୁଙ୍କ ଭଳି ଜୀବନ ପଣ କରି ଏ ସଂଗ୍ରାମ ଚଳାଇବ କିଏ ? କିଏ ନିଜକୁ ଘୋଷଣା କରିବ ଏ ଜାତିର ଉନ୍ନତି ପାଇଁ ଅଗ୍ରଦୂତ ହେଉ ଶ୍ରୀଜଗନ୍ନାଥଙ୍କୁ ଭକ୍ତିକ କିଏ ? ମଧୁବାବୁଙ୍କ ଭାଷାରେ, 'ଯିଏ ମରିବା ପାଇଁ ପ୍ରସ୍ତୁତ ନୁହେଁ, ବଞ୍ଚିବା ପାଇଁ ସେ ସଂଗ୍ରାମ କରି ପାରିବ କିପରି ?' ଓଡ଼ିଆ ଜାତି, ଓଡ଼ିଆ ଭାଷା ଓ ଓଡ଼ିଶା ରାଜ୍ୟ ଯେତେ ପର୍ଯ୍ୟନ୍ତ ଥିବ ଯେତେ ଦିନ ଧରି ଶ୍ରୀଜଗନ୍ନାଥ ପୂଜା ପାଉଥିବେ, ସେତେ ଦିନ ଯାଏଁ ମଧୁବାବୁଙ୍କ ନାମ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ, ଆଉ ଜାତିର ବିପଦି ବେଳେ ମନେ ପଡୁଥିବ 'ବିପଦେ ମଧୁସୂଦନ' ମନ୍ତ୍ର।

ମୋ: ୯୪୩୭୦୧୯୩୯୫
prahalladsinha@gmail.com

# ଆଇନ ପେସାର ଅଭିଭାବକତ୍ୱ ଓ ମଧୁବାବୁ

ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀକୁ ରାଜ୍ୟ ଆଇନଜୀବୀ ପରିଷଦ ଆଇନଜୀବୀ ଦିବସ ଭାବେ ପାଳନ କରୁଛି। ଏହି ଅବସରରେ ରାଜ୍ୟର ସମସ୍ତ ଆଇନଜୀବୀ ଦପ୍ତରଗୁଡ଼ିକରେ ସଭା ସମିତିର ଆୟୋଜନ କରାଯାଇଛି। ଆଇନ ପେସାରେ ଏକବିଂଶତମ ଶତାବ୍ଦୀରେ ଯେଉଁ ନିରନ୍ତର ରୂପାନ୍ତରଣ ଚାଲିଛି, ସେତିକି ବେଳେ ମଧୁ ଆଦର୍ଶ, ମଧୁ ବିଚାରର ମୌଳିକତା ମଳିନ ପଡ଼ିନି କିମ୍ବା ଏହି ରୂପାନ୍ତରଣ ପ୍ରକ୍ରିୟା ମଧୁବାବୁଙ୍କ ବ୍ୟକ୍ତିତ୍ୱକୁ ଆବଦ୍ଧ କରି ରଖିପାରି ନାହିଁ। ବରଂ ମଧୁ ଆଦର୍ଶର ପ୍ରାସଙ୍ଗିକତା ଆହୁରି ସୁସ୍ପଷ୍ଟ ହୋଇ ପଡ଼ିଛି।

ଆଜି ଆଇନ ପେସାର ଅଭିଭାବକତ୍ୱଟି ଧୀରେ ଧୀରେ ହଜିବାରେ ଲାଗିଛି। ପେସାର ସ୍ୱାଧୀନତା, ମର୍ଯ୍ୟାଦା ଓ ସ୍ୱାଭିମାନ ପ୍ରସଙ୍ଗ ସମ୍ପର୍କରେ ନୂଆ ପିଢ଼ିର ଓକିଲମାନେ



ବିଭୁ ପ୍ରସାଦ ତ୍ରିପାଠୀ

ଅବଗତ ନଥିବା ବେଳେ ସେମାନଙ୍କ ନିମନ୍ତେ ମଧୁବାବୁଙ୍କ ଜୀବନ ଦର୍ଶନ ପଢ଼ିବାର ଆବଶ୍ୟକତା ରହିଛି। କେବଳ କୋର୍ଟ କଚେରିରେ ବିଚାରପତି ଆସନ ଅଳଙ୍କୃତ କରି କିମ୍ବା ଆଇନ ପେସାରେ ନିମଜ୍ଜିତ ରହି ନ୍ୟାୟିକ ପ୍ରକ୍ରିୟାରେ ମହକିଲଙ୍କ ପାଇଁ ମକଦ୍ଦମା ଲଢ଼ିବା, ଆଇନ ପାଠକୁ ବ୍ୟବହାର କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ମଧୁବାବୁ ନିଶ୍ଚିତ ଭାବରେ ଏକ ବିସ୍ମୟକର କାହାଣୀ ହେବେ। କୋର୍ଟ କଚେରିର ପରିସୀମା ବାହାରେ ନିଜର ଆଇନ ଜ୍ଞାନକୁ ସମାଜ ପାଇଁ ବ୍ୟବହାର କରିବା କ୍ଷେତ୍ରରେ ମଧୁବାବୁ ଥିଲେ ଜଣେ ବିଚକ୍ଷଣ ଓ ପ୍ରତିଭାବାନ ବ୍ୟକ୍ତିତ୍ୱ। କେବେ କାହାକୁ ପ୍ରଭାବିତ କରିବା ଅଥବା କୋର୍ଟ କଚେରିରେ ବିଚାରପତି ଦେଖି ଓକିଲାତି କରିବାର ସମ୍ପୂର୍ଣ୍ଣ ବିରୋଧୀ ଥିଲେ ମଧୁବାବୁ। ତାଙ୍କ ଭାବମୂର୍ତ୍ତି ଓ ସାଧୁତା ସମ୍ପର୍କରେ କଲିକତା ହାଇକୋର୍ଟର ଜଣେ ପୂର୍ବତନ ବିଚାରପତି ଏସ୍‌ସି ମଲ୍ଲିକ ଲେଖିଛନ୍ତି ଯେ ସେ ପାଞ୍ଚ ବର୍ଷ ଧରି ମଧୁବାବୁ ରହୁଥିବା ଘର ପାଖ ସରକାରୀ ବଙ୍ଗଳାରେ ରହୁଥିଲେ। ତାଙ୍କ ପତ୍ନୀଙ୍କ ସହିତ ମଧୁବାବୁଙ୍କ ପୋଷ୍ୟକନ୍ୟା ଶୈଳବାଳାଙ୍କ ସମ୍ପର୍କ ଘନିଷ୍ଠ ଥିଲେ ମଧ୍ୟ ମଧୁବାବୁ କୌଣସି ଗୋଟିଏ ହେଲେ ମକଦ୍ଦମାରେ ତାଙ୍କ କୋର୍ଟରେ କେବେ ଆସି ଜବାବ ସୁଆଲ କରି ନଥିଲେ।

ସେହି ବିଚାରପତିଙ୍କ ନିକଟରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଫୌଜଦାରୀ ମକଦ୍ଦମାର ଶୁଣାଣି ହେଉଥିବାରୁ ମଧୁବାବୁ କାହିଁକି ତାଙ୍କ କୋର୍ଟକୁ ମକଦ୍ଦମା ପରିଚାଳନା ପାଇଁ ଆସୁ ନାହାନ୍ତି ଏହି ପ୍ରଶ୍ନଟି ପଚାରିବା ପାଇଁ ସେହି ବିଚାରପତି ତାଙ୍କ କାର୍ଯ୍ୟକାଳ ସମୟରେ ଅନେକ ସମୟରେ ମଧୁବାବୁଙ୍କୁ ଭେଟିଥିଲେ ମଧ୍ୟ ପ୍ରଶ୍ନ ପଚାରିବାକୁ ସାହସ ଜୁଟାଇ ପାରୁ ନଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶା ଛାଡ଼ିବା ପରେ ସେହି ବିଚାରପତି ଜାଣି ପାରିଥିଲେ ଯେ ଯଦିଓ ସେ ସମୟରେ ଅନେକ ମକଦ୍ଦମା ମଧୁବାବୁଙ୍କ ପାଖକୁ ଆସୁଥିଲା ଓ ମହକିଲମାନେ ଅଧିକ ଅର୍ଥ ଦେବା ପାଇଁ ପ୍ରସ୍ତୁତ ଥିଲେ, କିନ୍ତୁ ନ୍ୟାୟପାଳିକାର ଭାବମୂର୍ତ୍ତି ରକ୍ଷା ପାଇଁ ଓ ପେସାଗତ ସାଧୁତା ଦୃଷ୍ଟିରୁ ମଧୁବାବୁ ସେହି ମକଦ୍ଦମାଗୁଡ଼ିକୁ ଗ୍ରହଣ କରି ନଥିଲେ। ଆଜି ଆମ ପେସାଗତ ସଂସ୍କୃତିରେ ମଧୁବାବୁଙ୍କ ଏଭଳି ଅଭିଭାବକତ୍ୱର ଆବଶ୍ୟକତା ପରିଲକ୍ଷିତ ହେଉଛି।

ପେସାଗତ ଅଭିଭାବକତ୍ୱ ଗୋଟିଏ ପ୍ରକ୍ରିୟା। ରାତି ପାହିଲେ ଜଣେ ଆଇନ ଛାତ୍ର ସିଧାସଳଖ ରାଜ୍ୟ ଆଇନଜୀବୀ ପରିଷଦରୁ ଲାଇସେନ୍ସ ପ୍ରାପ୍ତି କଲା ପରେ ଯଦିଓ ଆଇନଜୀବୀ ଭାବରେ ପରିଗଣିତ ହୁଏ, କିନ୍ତୁ ଆଇନଜୀବୀ ପେସାରେ ନିରନ୍ତର ଆଇନ ଜ୍ଞାନ ଆହରଣ ଓ ଅନ୍ତଃକରଣ ଆଇନଜୀବୀକୁ ତା'ର ସହଜାତ ବ୍ୟକ୍ତିତ୍ୱ ସହିତ ମୌଳିକ ଆତ୍ମପ୍ରତ୍ୟୟ ସମ୍ପନ୍ନ ଚେତନାକୁ ବଳ ଦିଏ ଓ ସାମର୍ଥ୍ୟ ହୁଏ।

ମଧୁବାବୁଙ୍କ ସମ୍ପର୍କରେ କେହି ବିଷୋଦ୍‌ଗାର, ସମାଲୋଚନା ଅଥବା ବିରୋଧ ଭାବସମ୍ପନ୍ନ ମତ ଦେଲେ ସେ ଗୋଟିଏ କଥା କହୁଥିଲେ- ମୁଁ ବିଶ୍ୱାସ କରେନାହିଁ ଯେ ସମସ୍ତେ ମୋ ସପକ୍ଷରେ କହିବେ। ଯୀଶୁଙ୍କୁ କ୍ରୁଶବିଦ୍ଧ କରା ଯାଇଥିବା ବେଳେ ମଧୁବାବୁ ଯେ ଏଥିରୁ କିଭଳି ବାଦ୍ ପଡ଼ିବେ ବୋଲି ସେ ଯୁକ୍ତି ବାଢୁଥିଲେ। ଏପରିକି ୧୯୨୫ ମସିହାରେ ନିଜ ଘର ଓ ସମ୍ପତ୍ତି କୋର୍ଟ ମାଧ୍ୟମରେ ବିକ୍ରି ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲେ ମଧ୍ୟ ମଧୁବାବୁ ନିଜେ ବିଚଳିତ ନହୋଇ ଭଗବାନଙ୍କ ନିକଟରେ ନିଜକୁ ସମର୍ପିତ କରିଥିଲେ।

ଆଇନ ପେସାର ନେତୃତ୍ୱରେ ଏବେ ସଙ୍କଟ ଦେଖା ଦେଇଛି। ବରିଷ୍ଠ ଆଇନଜୀବୀମାନେ ନିଜ ପେସାଗତ ଜୀବନ ବ୍ୟତିରେକେ ବାର୍ ଆସୋସିଏସନ୍ କିମ୍ବା ବାର୍ କାଉନସିଲ୍‌ର ନେତୃତ୍ୱ ନେବାକୁ ଉତ୍ସାହ ପ୍ରକାଶ କରୁ ନାହାନ୍ତି, ଯାହାର ଫଳ ସ୍ୱରୂପ ସମ୍ବଲପୁରର ଆଇନଜୀବୀମାନେ ଅଠାବନ ଦିନ ଜେଲରେ ରହିବା ଓ ରାଜ୍ୟର ଆଇନଜୀବୀମାନଙ୍କର ସାମୂହିକ ସ୍ୱର ନିରବି ଯିବା ଭଳି ଘଟଣାର ଭିନ୍ନ ରୂପର ପୁନରାବୃତ୍ତି ଦେଖିବାକୁ ମିଳୁଛି। ବାର୍ ଆସୋସିଏସନ୍‌ଗୁଡ଼ିକର କାର୍ଯ୍ୟାବଳୀ ଜନସାଧାରଣଙ୍କ ନିକଟରେ ଦୃଷ୍ଟାନ୍ତମୂଳକ ପ୍ରଭାବ ସୃଷ୍ଟି କରିପାରୁ ନାହିଁ। ସମାଜରେ ଘଟୁଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା, ଯେଉଁଥିରେ ଆଇନଜୀବୀମାନଙ୍କ ସମ୍ପୃକ୍ତି ଆଇନ ଶାସନ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରି ପାରନ୍ତା, ତା'ର ଅଭାବ ପରିଲକ୍ଷିତ ହେଉଛି।

ମଧୁବାବୁଙ୍କ ଆଇନଜୀବୀ ପେସାର ଅଭିଭାବକତ୍ୱ ସମ୍ପର୍କରେ ତାଙ୍କ ନିକଟରେ ୧୦ ବର୍ଷ ଧରି ଜୁନିୟର ଓକିଲ ଭାବେ କାମ କରିଥିବା ଗୋପାଳ ଚନ୍ଦ୍ର ପ୍ରହରାଜ ଲେଖିଛନ୍ତି ଯେ ୧୦ ବର୍ଷ କାଳ ମଧୁବାବୁଙ୍କ ଅଫିସରେ କାର୍ଯ୍ୟ କରିବା ପରେ ଯେତେବେଳେ ସେ ସରକାରୀ ଓକିଲ ଭାବେ କାର୍ଯ୍ୟରେ ଯୋଗ ଦେଲେ, ସେ ମଧୁବାବୁଙ୍କୁ ଏ କଥାଟି ଜଣାଇ ନଥିଲେ। ମଧୁବାବୁ ଏକଥା ଜାଣିବା ପରେ କହିଲେ, 'ଗୋପାଳ, ତୁମେ ଏବେ

## (ଜୟନ୍ତୀ ଅବସରରେ)

ଓଡ଼ିଶା ପାଇଁ ମୃତ। ହୁଏତ ତୁମେ ଏବେ ଖୁବ୍ ପ୍ରଭାବଶାଳୀ ଓ ଧନୀ ହୋଇପାର, କିନ୍ତୁ ଏ ଜାତି ପାଇଁ ଏବଂ ଓଡ଼ିଶା ମାଟି ପାଇଁ ତୁମର ଆଉ କୌଣସି ଆବଶ୍ୟକତା ରହିବ ନାହିଁ।' ମଧୁବାବୁଙ୍କ ଶାଣିତ ମନ୍ତବ୍ୟ ଜୁନିୟର ଓକିଲମାନଙ୍କୁ ଅନେକ ସମୟରେ ନିରୁତ୍ସାହିତ କରୁଥିଲେ ମଧ୍ୟ ମଧୁବାବୁଙ୍କ ଜାତୀୟ ପ୍ରୀତି ଓ ଆଇନ ପେସା ପ୍ରତି ନିଷ୍ଠା ଓ ପ୍ରତିବଦ୍ଧତା ତାଙ୍କ ନିକଟରେ କାର୍ଯ୍ୟ କରୁଥିବା ଜୁନିୟର ଓକିଲମାନଙ୍କୁ ଅନୁପ୍ରାଣିତ କରୁଥିଲା। କୌଣସି ଆଇନଗତ ବିଷୟବସ୍ତୁ ସମ୍ପର୍କରେ କୋର୍ଟର ରାୟ କିମ୍ବା ଆଇନଗତ ପୁସ୍ତିକାକୁ ସେ ନିଜେ ତନ୍ନତନ୍ନ କରି ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଅଧ୍ୟୟନ କରୁଥିଲେ। ଅନେକ ସମୟରେ ବହି ପଢୁ ପଢୁ ଟେବୁଲ ଉପରେ ସେ ଶୋଇ ପଡୁଥିଲେ।

ସ୍ୱର୍ଗତଃ ଗୋପାଳ ଚନ୍ଦ୍ର ପ୍ରହରାଜ ଜଣେ ଜୁନିୟର ଭାବେ କାର୍ଯ୍ୟ କରୁଥିଲା ବେଳେ ଅନେକ ସମୟରେ ମଧୁବାବୁ କିଭଳି ତାଙ୍କୁ ଡାକି ଆର୍ଥିକ ସହାୟତା ଦେଉଥିଲେ, ସେ ବିଷୟରେ ବର୍ଣ୍ଣନା କରି କହିଛନ୍ତି ଯେ ମଧୁବାବୁ ତାଙ୍କ ମୁହଁକୁ ଦେଖି କହୁଥିଲେ, 'ମୁଁ ଜାଣିଛି ତୁମର ଅର୍ଥର ଆବଶ୍ୟକତା ଅଛି ଓ ମୁହଁକୁ ଦେଖି ଆବଶ୍ୟକତାକୁ ଉପଲବ୍ଧି କରି ପାରୁଛି।' ଠିକ୍ ସେହିପରି ନିଜ ଜୁନିୟରମାନଙ୍କୁ କଟକ ବାହାରର କୋର୍ଟକୁ ନେଇ ଗଲାବେଳେ ମଧୁବାବୁ ସେମାନଙ୍କ ସହିତ ରହିବା ଓ ଜୁନିୟରମାନେ ନ ଖାଇବା ପର୍ଯ୍ୟନ୍ତ ନିଜେ ନ ଖାଇବା ଗୁଣ ତାଙ୍କ ପେସାଗତ ଜୀବନ ଦର୍ଶନର ଅନ୍ୟ ଏକ ଦିଗ ଥିଲା। ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ବାପା ତାଙ୍କ ପୁଅ ଆଇନଜୀବୀ ପେସାରେ ଯୋଗ ଦେବା ପୂର୍ବରୁ ମଧୁବାବୁଙ୍କଠାରୁ କିଛି ଅର୍ଥ ଋଣ ଆକାରରେ ନେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ତାଙ୍କ ବାପା ସେହି ଅର୍ଥ ଫେରସ୍ତ ପାଇଁ ଯାଇଥିବା ବେଳେ ସେ ସମସ୍ତ ଅର୍ଥ ମଧୁବାବୁ ନିଜ ଜୁନିୟରଙ୍କୁ ପ୍ରଦାନ କରି ଏହା ଆଇନଜୀବୀ ପେସାର ପ୍ରଥମ ଅବସ୍ଥାରେ ଆବଶ୍ୟକତା ହେଉଥିବା ଖର୍ଚ୍ଚ ବୋଲି କହି ତାଙ୍କୁ ଦେଇଥିଲେ। ଏହି ଘଟଣା ଜଣେ ବରିଷ୍ଠ ଓ କନିଷ୍ଠ ଆଇନଜୀବୀ ମଧ୍ୟରେ ଥିବା ନିବିଡ଼ ସଂପର୍କର ପରିଚାୟକ।

ଆଇନ ପେସାରେ ମହକିଲଙ୍କ ପାଇଁ ଅର୍ଥସର୍ବସ୍ୱ ନ ହୋଇ ଦିନ ଦିନ ଧରି କୋର୍ଟ କଚେରୀରେ ମକଦ୍ଦମା ଲଢ଼ିବା ଓ ସେଥିରେ ବିଜୟ ଲାଭ କଲା ପରେ ମଧ୍ୟ ଅର୍ଥ ଗ୍ରହଣ ନ କରିବାର ଅଭିଭାବକତ୍ୱ କିମ୍ବା ଉଦାହରଣ ଆମ ନିକଟରେ ନାହିଁ। ପେସାଗତ ଜୀବନରେ ଜଣେ ଆଇନଜୀବୀ ପେସାରେ ଯୋଗଦେବା ସମୟରେ ପେସାଗତ ସଂସ୍କୃତି ତାକୁ ସ୍ୱତଃ ପ୍ରାପ୍ତହୁଏ ନାହିଁ। ଔପଚାରିକ ଭାବରେ ଆଇନ ବିଦ୍ୟାଳୟରେ ପଢ଼ା ଯାଉଥିବା ପେସାଗତ ନୈତିକତା ବରଂ ସେ ଅନୌପଚାରିକ ଭାବେ ନିଜ ପେସାଗତ ବନ୍ଧୁ ଓ ବରିଷ୍ଠ ଆଇନଜୀବୀ ଗୁରୁଙ୍କଠାରୁ ଶିଖିଥାଏ। ଆମ ନିକଟରେ ସେଭଳି ଆଇନଜୀବୀଙ୍କ ସଂଖ୍ୟା ହ୍ରାସ ପାଉଥିଲା ବେଳେ ଆଇନ ପେସାରେ ଶିକ୍ଷାଦାନ ସମୟରେ ମଧୁବାବୁଙ୍କ ଭଳି ଆଇନଜୀବୀଙ୍କ ଜୀବନଧାରଣର ମାନ ଓ ଆଦର୍ଶର ମଧ୍ୟ ଅଧ୍ୟୟନ କରିବାର ଆବଶ୍ୟକତା ଅଛି। ବ୍ୟକ୍ତିଗତ ଜୀବନ ନଗଲେ ଜାତୀୟ ଜୀବନ ଉଠିବ ନାହିଁ। ଆମ୍ବ ଟାକୁଆ ପୋତିଲେ ଆଗେ ଆମ୍ବ ଟାକୁଆ ନ ପଚିବା ପର୍ଯ୍ୟନ୍ତ ଆମ୍ବ ଗଛ ଉଠିବ ନାହିଁ। ଠିକ୍ ସେହିପରି ଯହିଁରୁ ଜାତୀୟ ଜୀବନ ଉଠିବ, ସେ ମରିବ ଓ ପଚିବ। ପେସାଗତ ଜୀବନରେ ନିଜ ମହକିଲଙ୍କ ପାଇଁ ମଧୁବାବୁଙ୍କ ଅବଦାନ ତାଙ୍କୁ ମାନବିକତାର ଉଦାତ୍ତ ବ୍ୟକ୍ତିତ୍ୱ ଭାବେ ପରିଗଣିତ କରିଛି।

ବରିଷ୍ଠ ଆଇନଜୀବୀ
ସଭାପତି, ନିଖିଳ ଓଡ଼ିଶା ଆଇନଜୀବୀ ସଂଘ
ମୋ: ୯୪୩୭୦୧୨୪୬୦

# ଆତଙ୍କୀ ଝଡ଼

ଜାମ୍ମୁ-କାଶ୍ମୀରର ପହଲଗାମ୍‌ରେ ସଂଘଟିତ ନିରୀହ ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଏବେ ଧୀରେ ଧୀରେ ଏକ ଭୀଷଣ ଝଡ଼ର ରୂପ ନେବାକୁ ଆରମ୍ଭ କରିଛି। ଏହି ଝଡ଼ର ବଡ଼ ପ୍ରାକ୍-ସୂଚନା ଭାବରେ ଭାରତ ଛଅ ଦଶନ୍ଧିର ସିନ୍ଧୁ ନଦୀ ଜଳ ଚୁକ୍ତିକୁ ବାତିଲ କରିବା ସଙ୍ଗେ ସଙ୍ଗେ ପାକିସ୍ତାନ ସହିତ କାର୍ଯ୍ୟକ୍ଷମ ଏକମାତ୍ର ଭୂଭାଗର ଅଟାରୀ ସୀମାରେ ଅବସ୍ଥିତ ଯାତାୟାତ ପଥ ସମନ୍ୱିତ ଚେକ୍ ପୋଷ୍ଟକୁ ବନ୍ଦ କରିବା ସହିତ ଭିସା ରଦ୍ଦ କରିବା ଇତ୍ୟାଦି ଭଳି ଅନ୍ୟାନ୍ୟ କୂଟନୀତିକ ପଦକ୍ଷେପ ନେଇ ସାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଦୃଢ଼ ପଦକ୍ଷେପ ନେବାକୁ ମନସ୍ଥ କରି ସାରିଛନ୍ତି ଯାହା ଗୁରୁବାର ଦିନ ବିହାରରେ ଅନୁଷ୍ଠିତ ଏକ ଜନସଭାରେ ଉଦ୍‌ବୋଧନ ଦେବା ବେଳେ ସେ ଘୋଷଣା କରି ସାରିଛନ୍ତି- 'ଭାରତ ପ୍ରତ୍ୟେକଟି ଆତଙ୍କବାଦୀ ଏବଂ ସେମାନଙ୍କର ସମର୍ଥକଙ୍କୁ ଚିହ୍ନଟ କରିବ, ସେମାନଙ୍କ ଗତିବିଧି ଉପରେ ନଜର ରଖି ସେମାନଙ୍କୁ ବାହାର କରିବ ଏବଂ ଅବଶ୍ୟ ସେମାନଙ୍କୁ ଦଣ୍ଡିତ କରିବ; ଆମେ ସେମାନଙ୍କୁ ପୃଥିବୀର କୋଣ ଅନୁକୋଣରୁ ଖୋଜି ବାହାର କରିବା ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବୁ।' ଇଂରାଜୀ ଭାଷାରେ ପ୍ରଦତ୍ତ ତାଙ୍କର ଏହି ଦୃପ୍ତ ବାର୍ତ୍ତା ସାରା ବିଶ୍ୱରେ ଅବଶ୍ୟ ଗୁଞ୍ଜରିତ ହୋଇଥିବ ଏବଂ ଏହା ସୂଚାଇ ଦେଉଛି ଯେ ଏଥର ଭାରତ ନିଶ୍ଚିତ କିଛି ଅଧିକ ବଡ଼ ପଦକ୍ଷେପ ନେବ। ଏହା ହେବାର ମଧ୍ୟ ଆବଶ୍ୟକତା ରହିଛି। କେବଳ ଏତିକି ନୁହେଁ, ଏହି ଘଟଣାରେ ଉତ୍‌କ୍ଷିପ୍ତ ହୋଇ ପଡ଼ିଥିବା ଦେଶର ସବୁ ବିରୋଧୀ ରାଜନୀତିକ ଦଳ ସରକାରଙ୍କ ସପକ୍ଷରେ ରହିଥିବାକୁ ଦର୍ଶାଇବା ମଧ୍ୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେମାନେ ନିରୀହ ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କବାଦୀମାନଙ୍କ ଆକ୍ରମଣକୁ ଘୋର ନିନ୍ଦା କରିବା ସହିତ ପାକ୍-ସମର୍ଥିତ ଆତଙ୍କୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କୁ ସମର୍ଥନ ଯୋଗାଇ ଦେବାକୁ ଆଗେଇ ଆସିଛନ୍ତି। ଆକ୍ରମଣ ଘଟଣା ପରେ ହୋଇଥିବା ସର୍ବଦଳୀୟ ବୈଠକରେ ସେମାନେ ଏକ ସ୍ୱରରେ ଆତଙ୍କ ସୃଷ୍ଟିକାରୀ ପାକିସ୍ତାନ ବିରୁଦ୍ଧରେ ସରକାର ଗ୍ରହଣ କରିଥିବା ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନକୁ ଖୋଲାଖୋଲି ସମର୍ଥନ କରିଛନ୍ତି। କେବଳ ପାକିସ୍ତାନକୁ ବାଦ୍ ଦେଲେ ସମଗ୍ର ବିଶ୍ୱ ମଧ୍ୟ ବହୁ ଆଗରୁ ସୂଚାଇ ସାରିଛନ୍ତି ଯେ ଏହାର ଦୁଃଖ ସମୟରେ ସେମାନେ ଭାରତ ସହିତ ଅଛନ୍ତି। ପହଲଗାମ୍‌ରେ ପ୍ରାୟୋଜିତ ଆତଙ୍କବାଦୀ ଘଟଣାରେ ଗଭୀର ଭାବରେ ମର୍ମାହତ ଏବଂ କ୍ରୋଧାନ୍ୱିତ ହୋଇ ପଡ଼ିଥିବା ୧୪୫ କୋଟି ଭାରତୀୟଙ୍କ ମଧ୍ୟରେ ଦେଖା ଦେଇଛି ଏକତା, ଯାହାକୁ ମଧ୍ୟ ସରକାର ବିଚାରକୁ ନେବା ଉଚିତ। ସେମାନେ ଚାହାନ୍ତି ଇସଲାମୀୟ ଆତଙ୍କବାଦକୁ ଉତ୍ସାହିତ କରୁଥିବା, ପାଣ୍ଠି ଯୋଗାଉ ଥିବା, ପ୍ରଶିକ୍ଷଣ ପ୍ରଦାନ କରୁଥିବା ଏବଂ କାର୍ଯ୍ୟକ୍ଷମ କରାଉ ଥିବା ରାଜନୀତିକ ପ୍ରତିଷ୍ଠାନ ଓ ଏହାର ସେନାର ଇସାରାରେ ପାକିସ୍ତାନୀ ସେନାର ଗୁପ୍ତଚର ଶାଖା ଉପରେ ଏକ ବଡ଼ ଧରଣର ଆକ୍ରମଣ, ଯାହା ସର୍ଜିକାଲ ଷ୍ଟ୍ରାଇକ୍‌ଠାରୁ ମଧ୍ୟ ଭୟାବହ ହେବ।

ପହଲଗାମ୍ ଘଟଣାରେ କେବଳ ଦେଶର ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ନୁହେଁ, ସଂସଦରେ ଏହାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏବଂ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାଡ୍‌ଗେ ମଧ୍ୟ ସରକାରଙ୍କୁ ସମର୍ଥନ ଜଣାଇଛନ୍ତି। କେନ୍ଦ୍ରରେ ଏନ୍‌ଡିଏ ଶାସନର ବିରୋଧ ନିର୍ବିଶେଷରେ ସମସ୍ତ ରାଜନୀତିକ ଦଳ ପାକିସ୍ତାନ ଓ ଏହାର ଖଳ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ନିମନ୍ତେ ଆଗକୁ ଆସୁଥିବା ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କ ପଛରେ ଛିଡ଼ା ହେବାର ସେମାନଙ୍କ ଇଚ୍ଛାକୁ ବ୍ୟକ୍ତ କରିଛନ୍ତି। ବସ୍ତୁତଃ, ଭାଇରାଲ ହୋଇଥିବା ଏକ ସାକ୍ଷାତକାରରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ସ୍ୱୀକାର କରିଛନ୍ତି ଯେ ତାଙ୍କ ଦେଶ ଆତଙ୍କବାଦକୁ ଦଶନ୍ଧି ଦଶନ୍ଧି ଧରି ସହାୟତା ପ୍ରଦାନ କରି ଆସୁଛି, ଯଦିଓ ଏହାର ଆତଙ୍କବାଦକୁ ପୃଷ୍ଠପୋଷକତା ପ୍ରଦାନ କରିବାର କାରଣ ଭାବରେ ଅନ୍ୟ ଉପରେ ଦୋଷ ଲଦିବାକୁ ଯାଇ ସେ କହିଛନ୍ତି କି ଆତଙ୍କବାଦକୁ ପ୍ରଶ୍ରୟ ଦେବା ଭଳି ଏକ 'ଘୃଣ୍ୟ କାର୍ଯ୍ୟ'ଆମେରିକା ଏବଂ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା କରାଯାଉଥିଲା। ଏସବୁ ସତ୍ତ୍ୱେ, ଏହା ମଧ୍ୟ ଆଦୌ ଅଣଦେଖା କରାଯିବା ଉଚିତ ନୁହେଁ ଯେ ପର୍ଯ୍ୟାପ୍ତ ପୁଲିସ ଏବଂ ସୁରକ୍ଷା ବଳଙ୍କ ଅନୁପସ୍ଥିତି ତଥା ଗୁପ୍ତଚରମାନଙ୍କ ବିଫଳତା ବୈସରଣ ଉପତ୍ୟକାରେ ଭ୍ରମଣ କରୁଥିବା ପ୍ରଚୁର ସଂଖ୍ୟକ ପର୍ଯ୍ୟଟକଙ୍କୁ ଆତଙ୍କୀ ଆକ୍ରମଣ ପ୍ରତି ଉନ୍ମୁଖ କରିଥିଲା। ଆଉ ଯେହେତୁ ଜାମ୍ମୁ ଓ କାଶ୍ମୀରରେ ସୁରକ୍ଷା ବ୍ୟବସ୍ଥାର ସମସ୍ତ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ଦ୍ୱାରା ଲ୍ୟୁଟନାଣ୍ଟ ଗଭର୍ଣ୍ଣରଙ୍କ ଜରିଆରେ ପରିଚାଳନା କରାଯାଏ, ତେଣୁ ଏହାକୁ କେନ୍ଦ୍ର ସରକାରଙ୍କର ବିଫଳତା କହିବା ସମ୍ଭବତଃ ଭୁଲ୍ ହେବନାହିଁ। ଏକଥା ସତ ଯେ ଜାମ୍ମୁ ଓ କାଶ୍ମୀର ପୁଣିଥରେ କଡ଼ା ସୁରକ୍ଷାର ବଳୟ ଭିତରକୁ ପ୍ରବେଶ କରିବ ଯାହା ପାଖାପାଖି ସ୍ୱାଭାବିକ ଅବସ୍ଥାଠାରୁ ଦୂରକୁ ଚାଲିଯିବ, ଯେଉଁଥିରେ ଏଠାକାର ବାସିନ୍ଦାମାନେ ବାସ କରୁଥିଲେ ଏବଂ ଗ୍ରୀଷ୍ମକାଳୀନ ପର୍ଯ୍ୟଟକମାନଙ୍କୁ ଲାଭ କରୁଥିଲେ ଯେଉଁମାନେ କି ସେମାନଙ୍କ ଜୀବନର ଅର୍ଥନୀତିକ ଜୀବନରେଖା। ଜାମ୍ମୁ ଓ କାଶ୍ମୀରରେ ହୋଇଥିବା ଅର୍ଥନୀତିକ ପ୍ରଗତି ତଥା ରାଜନୀତିକ ସ୍ୱାଭାବିକତା ଫେରି ଆସୁଥିବା କଥା ଏଠାରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ପ୍ରମାଣିତ ହୋଇ ସାରିଥିଲା ଏବଂ ଲୋକମାନେ ଏକ ଲୋକପ୍ରିୟ ସରକାରଙ୍କୁ ନିର୍ବାଚିତ କରିଥିଲେ। ବୋଧହୁଏ ଏହା ହିଁ ଉତ୍ତେଜିତ କରିଛି ସୁଖ ଶାନ୍ତିରେ ବ୍ୟାଘାତ ସୃଷ୍ଟି କରିବାର ଉଦ୍ଦେଶ୍ୟ ବହନ କରୁଥିବା ଆତଙ୍କୀମାନଙ୍କୁ ସେମାନଙ୍କର ଲକ୍ଷ୍ୟସ୍ଥଳୀ ସ୍ଥିର କରିବା ପାଇଁ ଏବଂ ସେମାନଙ୍କର ପ୍ରାୟୋଜକମାନଙ୍କୁ ସେମାନଙ୍କ ଖଳ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ନିମନ୍ତେ। ଜାମ୍ମୁ ଓ କାଶ୍ମୀରକୁ ଯଦି ଏକ ପୂର୍ଣ୍ଣାଙ୍ଗ ରାଜ୍ୟର ମାନ୍ୟତା ପ୍ରଦାନ କରାଯାଇ ଏକ ଲୋକପ୍ରିୟ ସରକାର ଦ୍ୱାରା ସ୍ୱାଧୀନ ଭାବରେ ଶାସନ କରିବାକୁ ଦିଆ ଯାଇଥାନ୍ତା, ତା'ହେଲେ ଏଭଳି ଘଟଣା ଘଟି ନଥାନ୍ତା ବୋଲି କହିବାର କୌଣସି କାରଣ ନାହିଁ। କିନ୍ତୁ ରାଜ୍ୟରେ ଶାନ୍ତି ଓ ସହାବସ୍ଥାନ ଫେରାଇ ଆଣିବା ନିମନ୍ତେ ଯଥାଶୀଘ୍ର କେନ୍ଦ୍ର ସରକାର ଓମାର ଅବ୍‌ଦୁଲ୍ଲାଙ୍କ ଅଧୀନରେ ଶାସକ ନ୍ୟାସନାଲ କନ୍‌ଫରେନ୍ସକୁ ତା'ର କର୍ତ୍ତବ୍ୟ ନିର୍ବାହ କରିବାର ଅଂଶ ପ୍ରଦାନ କରିବା ଏକ ଦାୟିତ୍ୱ ଏବଂ ସଙ୍ଗେ ସଙ୍ଗେ ଏହା ମଧ୍ୟ ଆତଙ୍କବାଦ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଜରୁରୀ। କେନ୍ଦ୍ର ସରକାରଙ୍କ ପକ୍ଷେ ଏହା ହିଁ ହେବ ସଠିକ୍ ତଥା ଯଥାର୍ଥ କାର୍ଯ୍ୟ।

# ଭରସା ଟିକକ ହରାଅ ନାହିଁ

ପରମାତ୍ମାଙ୍କ ଉପରେ ଭରସା ରଖିଲେ ଆଉ କାହାକୁ ହାତ ପାତିବାର ଆବଶ୍ୟକତା ନାହିଁ। ଯଦି ତାଙ୍କ ଉପରେ ଦୃଢ଼ ବିଶ୍ୱାସ ନାହିଁ, ତେବେ ଚାରି ପାଖରେ ଥିବା ମଣିଷଙ୍କ ଉପରେ ବିଶ୍ୱାସ ରଖିଲେ ବି କାମ ଚଳିଯାଏ। କିନ୍ତୁ କେବେ ବି ଯଦି ପରମାତ୍ମାଙ୍କ ଉପରେ ବିଶ୍ୱାସ ଆସିଛି, ସେ ବିଶ୍ୱାସ ଆଉ କାହା ଉପରେ ରଖନାହିଁ। ପରମାତ୍ମାଙ୍କ ଉପରେ ବିଶ୍ୱାସକୁ ନେଇ ଏହି ଉଦାହରଣ।

ଜଣେ ମହାଜନ ବନ୍ଧୁ ଘରକୁ ଯାଉଥିଲେ। ବାଟରେ ପଡ଼ିଲା ଗଭୀର ଓ ଖରସ୍ରୋତା ନଦୀ। ପାରି ହେବାକୁ ନାଆ ତ ଥିଲା, କିନ୍ତୁ ନାଉରୀ ନଥିଲେ। ଜଣେ ମାତ୍ର ବୃଦ୍ଧ ନାଉରୀ ବସିଥିଲା। ମହାଜନ ସେହି ନାଆରେ ପାରି ହେବାକୁ ଆସିଲେ। ନାଆରେ ବସି ମହାଜନ ନାଉରୀର ଭଲ ମନ୍ଦ ବିଷୟରେ ଜାଣିବାକୁ ଚାହିଁଲେ। ନାଉରୀ କହିଲା- 'ଆଜି ଗାଁରେ ମେଳା ଲାଗିଛି। ତେଣୁ ଅନ୍ୟ ନାଉରୀମାନେ ନାହାନ୍ତି। ସେମାନେ ଥିଲେ ମୋ ନାଆକୁ ଖୁବ୍ କମ୍ ଲୋକ ଆସନ୍ତି। ବାବୁ, ଏ ନାଆଟି ଫୁଟି ଯାଇଛି। ମୁଁ ତାଳି ପକାଇ ନାଆ ଚଳାଏ। ଏଥିରେ ପାରି ହେଲେ ଜୀବନ ପ୍ରତି ବିପଦ ଥାଏ। ଏହା ଜାଣି କିଛି ଲୋକ ଆଦୌ ଆସନ୍ତି ନାହିଁ। ତଥାପି ଏଇ ନାଆରେ ଗୁଜୁରାଣ ମେଣ୍ଟିଯାଏ।' ଜୀବନର କଥା କହିବା ଭିତରେ ନାଆ ଲାଗି ସାରିଥିଲା ଆର ପାରିରେ। ନାଉରିଆ ଉପରେ ମହାଜନ ଖୁବ୍ ଖୁସି ହୋଇଗଲେ। ନାଆରୁ ଓହ୍ଲାଇବା ବେଳେ କହିଲେ- 'କିଛିଦିନ ପରେ ତୁମ ପାଇଁ ମୁଁ ଗୋଟିଏ ନୂଆ ନାଆର ବ୍ୟବସ୍ଥା କରିଦେବି।'

ପଦାରବିନ୍ଦ

ମହାଜନ ଗୋଟିଏ ନୂଆ ନାଆ ଦେବେ। ଏକଥା ଶୁଣି ନାଉରୀ ମନରେ କିଛି ଭାବାନ୍ତର ନଥିଲା। କାରଣ ସେ ଜାଣିଥିଲା, ଯେଉଁ ଭଗବାନ ମୋ ପରିବାର ରୂପକ ନାଆକୁ ଆଜି ପର୍ଯ୍ୟନ୍ତ ଚଳାଇ ଆସିଛନ୍ତି, ତାଙ୍କଠାରୁ ବଡ଼ ଦାନୀ କ'ଣ କେହି ଥାଇ ପାରନ୍ତି ? ଏମିତି ଅନେକ ଲୋକ ତ ନାଆଟିଏ ସାହାଯ୍ୟ କରିବାକୁ କହି ଚାଲି ଯାଇଛନ୍ତି। ଆଉ ଆସି ନାହାନ୍ତି। ଯାଙ୍କ କଥା କେତେ ସତ, କେତେ ମିଛ କିଏ ଜାଣେ! ଦୁଇ ଦିନ ପରେ ମହାଜନ ସେହି ବୃଦ୍ଧଙ୍କ ନାଆରେ ପାରି ହେଲେ। ଗଲାବେଳେ କହିଲେ- 'ଆଗାମୀ ତିନିଦିନ ଭିତରେ ତୁମ ପାଇଁ ନୂଆ ନାଆର ବ୍ୟବସ୍ଥା କରୁଛି।'

ବୃଦ୍ଧ ନାଉରୀ ପକ୍ଷରେ ନୂଆ ନାଆ କରିବା ଅସମ୍ଭବ ଥିଲା। ତଥାପି ତିନି ଦିନ ଭିତରେ ନୂଆ ନାଆ ମିଳିବାର ପ୍ରତିଶ୍ରୁତିରେ ବୃଦ୍ଧ ନାଉରୀ ଖୁସି ହୋଇଗଲା। ନୂଆ ନାଆର ସ୍ୱପ୍ନରେ ବିଭୋର ହେଲା। ଆଉ ପୁରୁଣା ନାଆର ଯତ୍ନ ନେଲା ନାହିଁ। ତିନି ଦିନ ଗଡ଼ିଗଲା। ମହାଜନଙ୍କର ଦେଖା ନଥିଲା। ଦିନ ଯେତିକି ଗଡୁଥିଲା, ନାଉରୀର ସ୍ୱପ୍ନ ସେତିକି ଗାଢ଼ ହେଉଥିଲା।

ସାତ ଦିନ ପରେ ମହାଜନ ପହଞ୍ଚିଲା ବେଳକୁ ବୃଦ୍ଧ ନାଉରୀର ଜୁଇ ଜଳୁଥିଲା। ଲୋକେ କହୁଥିଲେ- 'ବିଚରା ନୂଆ ନାଆର ସ୍ୱପ୍ନ ଦେଖି ପୁରୁଣା ନାଆର ଯତ୍ନ ନେଲାନାହିଁ। ନଈ ଭଉଁରୀରେ ନାଆ ପଡ଼ିଗଲା। ସେଇଠାରେ ବୁଡ଼ିଗଲା...।'

ବନ୍ଧୁ! ଜୀବନରେ ଯଦି ଭଗବାନଙ୍କ ଉପରେ ଭରସା ଅଛି, ସଂସାରର ପ୍ରଲୋଭନରେ ତାହା ଦୁର୍ବଳ ନହେଉ। ଭରସାର କେନ୍ଦ୍ରବିନ୍ଦୁ ସ୍ୱୟଂ ଭଗବାନ ହୁଅନ୍ତୁ। ଜୀବନ ନାଆ ଦଦରା ହେଲେ ମଧ୍ୟ ଠିକ୍ ଚାଲିବ। ସେ ପରା ଆମ ସହିତ ଅଛନ୍ତି!

ନିତିଦିନ NITIDIN

## ଶିଳ୍ପପତିଙ୍କ ବିୟୋଗରେ ଶୋକସଭା

**ଆଠଗଡ଼,୨୭।୪/ଏନ୍ଏନ୍ଏସ୍:** ଆଠଗଡ଼ରେ ଆରତୀ ଷ୍ଟିଲ କାରଖାନାର ପ୍ରତିଷ୍ଠାତା ବିଶିଷ୍ଟ ଶିଳ୍ପପତି ସ୍ୱର୍ଗତ ଶିବପ୍ରସାଦ ମିତ୍ତଲଙ୍କ ବିୟୋଗରେ ନଦୀକୂଳ କାଖଡି ଅଞ୍ଚଳର ସଭାପତି ବେଣୁଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ କଖଡିଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାରେ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ଧଳ, ସ୍ଥାନୀୟ ସରପଞ୍ଚ ଶାନ୍ତିପ୍ରିୟା ମହାନ୍ତି, ଚନ୍ଦ୍ର ଶେଖର ଧଳ, ଗୌରାଙ୍ଗ ଅମହନ୍ତ, ମିହିର କୁମାର ଶତପଥି, ବଂଶୀଧର ଶତପଥି ଓ ବମାଦେବ ସୁତାର ପ୍ରମୁଖ ଯୋଗଦେଇ ସ୍ୱଗତ ମିତ୍ତଲଙ୍କ ଏହି କାରଖାନାର ନିର୍ମାଣ ପାଇଁ ଆଠଗଡ଼ ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ଘଟିଛି ବୋଲି ପ୍ରକାଶ କରିଥିଲେ। ନଦୀକୂଳ ଅଞ୍ଚଳର ବରିଷ୍ଠ ନେତା କିରଣ ବିହାରୀ ଖଟୁଆ କାର୍ଯ୍ୟକ୍ରମକୁ ସଂଯୋଜନ କରି ଧନ୍ୟବାଦ ପ୍ରଦାନ କରିଥିଲେ।



### କୁଆଁରିଆ ମହୋତ୍ସବ ଉଦ୍‌ଯାପିତ

## ‘ଦଶପଲ୍ଲାରେ ହେବ ବିଜ୍ଞାନ ପାର୍କ’

**ଦଶପଲ୍ଲା,୨୭।୪/ଏନ୍ଏନ୍ଏସ୍:** ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ରାମଲୀଳା ନାଟକ ଶେଷ ହୋଇଥିବା ବେଳେ ଶେଷ ହୋଇଛି ଚଳିତ ବର୍ଷର କୁଆଁରିଆ ମହୋତ୍ସବ। ତିନିଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ ବିଭାଗ ଓ ବିଜ୍ଞାନ ଏବଂ କାରୀଗର ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଡ଼ଃ ଅରୁଣ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ, ସଂସ୍କୃତି ସାହିତ୍ୟ ଗବେଷକ ନିରଞ୍ଜନ ପଣ୍ଡା,ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ମହୋତ୍ସବ କାହିଁକି ପାଳନ କରାଯାଏ ସେ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଦଶପଲ୍ଲାର କଳା ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ପାତ୍ର ଦଶପଲ୍ଲାରେ ଏକ ସାଇନ୍ସ ପାର୍କ କରାଯିବ ବୋଲି ପ୍ରକାଶ କରିଥିବା ବେଳେ ଅତିଥି ବିଧାୟକ ଡ଼ଃ ଅରୁଣ ସାହୁ ସୂଚନାଦେଇ କହିଥିଲେ ଯେ ରାଜ୍ୟରେ ନୟାଗଡ଼ ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିବା ବେଳେ ମହୋତ୍ସବ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ସହ ଓଡ଼ିଶା ଲୋକକଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିଛି। ଫଳରେ ଓଡ଼ିଶାର କଳାସଂସ୍କୃତିରେ ନବ ଉନ୍ମେଷ ହୋଇଛି। ଏ ଅବସରରେ ଚଳିତ ଲଙ୍କାପୋଡି ଯାତ୍ରାରେ ଭଲ କାର୍ଯ୍ୟ କରିଥିବା ଡ୍ରାଇଭର ସଙ୍ଘକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମୁଖ୍ୟ ଅତିଥିଙ୍କ ଦ୍ୱାରା କୁଆଁରିଆ ମହୋତ୍ସବର ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏହି ସଭାକୁ ଦିଲ୍ଲୀପ କୁମାରପଣ୍ଡା ପରିଚାଳନା କରିଥିଲେ। ପରେ ଓଡ଼ିଶା ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଏହି ନୃତ୍ୟ ଦେଖି ବିଭୋର ହୋଇ ଉଠିଥିଲେ ଦର୍ଶକ।

## ତ୍ରିଶୂଳିଆ ଛକରେ ଗାଡ଼ି ଚେକିଂ

**ବାରଙ୍ଗ,୨୭।୪/ଏନ୍ଏନ୍ଏସ୍:** ବାରଙ୍ଗ ତ୍ରିସୁଳିଆ ଛକ ଦେଇ ଯାଉଥିବା ବେନିୟମ ଗାଡି ଉପରେ ମାମଲା ରୁଜୁ କରାଯାଇ ଫାଇନ୍ ଆଦାୟ କରାଯାଇଛି। କଟକ ଆରଟିଓ ପକ୍ଷରୁ ରବିବାର ଅପରାହ୍ନରେ ତ୍ରିଶୂଳିଆ ଛକରେ ଗାଡିଗୁଡିକୁ ଯାଞ୍ଚ କରାଯାଇଥିଲା। ଏଇ ଯାଞ୍ଚ ବେଳେ ବାଇକ୍, ଅଟୋ, ଟ୍ୟାକ୍ସି, ମ୍ୟାଜିକ୍ ଆଦି ଅନ୍ୟାନ୍ୟ ଗାଡି ଗୁଡିକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ଗାଡିର କାଗଜ ପତ୍ର, ସିଟ୍‌ବେଲ୍ଟ, ହେଲମେଟ,କଳା ଜରି ସିଲିଂ, ଲାଇସେନ୍ସ ଓ ଫିଟ୍ ନେସ୍ ଠିକ୍ ନଥିବା ନେଇ ଜୋରିମାନା ଆଦାୟ କରାଯାଇଥିଲା। ତ୍ରିଶୁଳିଆ ଛକରେ ଗାଡ଼ିଗୁଡିକୁ ଏନ୍ଏଚ୍ ଆଇଆଇସି ଦୁର୍ଗାପ୍ରାସାଦ ଜେନା ଯାଞ୍ଚ କରିଥିଲେ।

## ବାରଙ୍ଗରେ ଗାଈ ଚୋରି ବୃଦ୍ଧି

**ବାରଙ୍ଗ,୨୭।୪/ଏନ୍ଏନ୍ଏସ୍:** ବାରଙ୍ଗରେ ବିଭିନ୍ନ ଗାଁ ମାନଙ୍କରେ ଦେଖିବାକୁ ମିଳୁଛି ଏକ ଅଜବ ଘଟଣା। ବାରଙ୍ଗ ଥାନା ଅନ୍ତର୍ଗତ ଫକିରପଡା ଗାଁରୁ ଏକ ବୋଲେରୋ ଗାଡି ଯୋଗେ ୩ଟି ଗାଈ ଚୋରି କରି ନେଇଥିବା ରବିବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। କିଛି ମାସ ବ୍ୟବଧାନ ପରେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେବା ଭଳି ୩ ଦୁର୍ବୃତ୍ତ ଆସି ଫକିରପଡା ଗାଁରୁ ରବିବାର ବିଳମ୍ବିତ ରାତିରେ ଏକ ବୋଲେରୋରେ ଗାଈ ଚୋରିକରି ନେଉଥିବା ସିସିଟିଭି ଫୁଟେଜରେ କଏଦ ହୋଇଛି।ଏହି ଘଟଣା ଉପରେ ଗୋରୁ ଚୋରଙ୍କ ନଜର ପଡ଼ିଥିବାରୁ ସ୍ଥାନୀୟ ପୁଲିସ ଏଥିପ୍ରତି ସତର୍କ ଦୃଷ୍ଟି ଦେବା ସହ ଚୋରୀ ରାକେଟକୁ ଖୁବ୍‌ଶୀଘ୍ର ଧରିବା ସହ ଅଞ୍ଚଳରେ କଡାକଡ଼ି ପୁଲିସ ପଟ୍ରୋଲିଙ୍ଗ କରି ଗୋରୁଗାଈଙ୍କୁ ସୁରକ୍ଷା ଦେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ବାରଙ୍ଗର ହିନ୍ଦୁ ଜାଗରଣ ମଞ୍ଚର ସାଧାରଣ ସମ୍ପାଦକ ତଥା ସୁନିଲ ସ୍ୱାଇଁଙ୍କ ଗାଈ ଚୋରି ହେବା ପରେ ଗାଈ ଚୋରି ର୍ୟାକେଟ୍‌କୁ ଖୁବ୍‌ଶୀଘ୍ର ଧରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ଟିଗିରିଆରେ ହିନ୍ଦୁ ସମାଜ ଗଠନ ପ୍ରସ୍ତୁତି



**ଟିଗିରିଆ,୨୭।୪/ଏନ୍ଏନ୍ଏସ୍:** ଟିଗିରିଆ ସଦର ମହକୁମା ମହାବୀର ବଜାରସ୍ଥ କଲ୍ୟାଣ ମଣ୍ଡପ ଠାରେ ପ୍ରଣବ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ବ୍ଲକ୍‌ସ୍ତରୀୟ ଏକ ହିନ୍ଦୁ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ହିନ୍ଦୁ ସମାଜର ବିକାଶ ଓ ଏକତା ରକ୍ଷା ପାଇଁ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ଆଗତ କରାଯାଇଥିଲା। ଏଥିରେ ଗୋ ମାତା ସୁରକ୍ଷା ଏବଂ ଗୋମାତା ହତ୍ୟାଭଳି ବର୍ବର କାର୍ଯ୍ୟ ନିଷିଦ୍ଧ ପାଇଁ ସମସ୍ତେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ପହଲଗାଁଓରେ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଭାରତୀୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପୂର୍ବକ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବିଭିନ୍ନ ପଞ୍ଚାୟତରୁ ଆସିଥିବା ମୁରବି ଓ ପ୍ରତିନିଧିମାନେ ଯୋଗଦେଇ ପୁଲିସ ଦ୍ୱାରା ଗୋ ହତ୍ୟା ଓ ଗୋ ଚାଲାଣ ରୋକାଯାଇଥିବାରୁ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ, ଆଠଗଡ଼ ଏସ୍‌ଡିପିଓ, ଟିଗିରିଆ ଥାନା ଆଇଆଇସି ସୌମେନ୍ଦ୍ର ପାଇକରାୟଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ବୈଠକର ନିଷ୍ପତ୍ତିକ୍ରମେ ଆଗାମୀ ବୈଠକ ପାଇଁ ଏକ ୯ଜଣିଆ ଆଂଶିକ ପରିଚାଳନା କମିଟି ଗଠନ କରାଯାଇଥିଲା। ଆଗାମୀ ବୈଠକ ପରେ ସମ୍ପୂର୍ଣ୍ଣ ପରିଚାଳନା କମିଟି ଗଠନ କରାଯିବା ପାଇଁ ସହମତି ପ୍ରଦାନ କରଯାଇଛି। ଆଗାମୀ ଦିନରେ ହିନ୍ଦୁମାନଙ୍କୁ ସଚେତନତା ଓ ଜାଗରଣ କରାଇବା ପାଇଁ ଅଧିକରୁ ଅଧିକ ପ୍ରଚାର ପ୍ରସାର ନିମନ୍ତେ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା।

### ଭଙ୍ଗା ଦଦରା ଘରେ ଚାଲିଛି ଦେଓଗାଁ ସେବା ସମବାୟ ସମିତି

# ଭୁଶୁଡ଼ିଗଲାଣି ଗୃହ, ତୁରନ୍ତ ନିର୍ମାଣ ଦାବି

**ଚିଲିକା,୨୭।୪/ଏନ୍ଏନ୍ଏସ୍:** ରାଜ୍ୟରେ ଥିବା ସମବାୟ ସମିତିକୁ ବିଭିନ୍ନ ଦିଗରୁ ସୁଦୃଢ଼ କରାଯିବା ଲାଗି ବହୁବିଧ ଯୋଜନା ପ୍ରଚଳନ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ ଭାଷଣବାଜି କରାଯାଉଥିଲେ ହେଁ ବାସ୍ତବରେ ତାହାର ସୁଫଳ ଚାଷୀଙ୍କ ପାଖରେ ପହଞ୍ଚିପାରୁ ନଥିବା ଅଭିଯୋଗ ହୋଇଛି। ଠିକ୍ ଯେପରି ଗମ୍ଭାରୀମୁଣ୍ଡା ନିକଟବର୍ତ୍ତୀ ସର୍ବପ୍ରାଚୀନ ଦେଓଗାଁ ପଞ୍ଚାୟତରେ ଥିବା ସେବା ସମବାୟ ସମିତିର ବିକଳ ଚିତ୍ର ଦେଖିଲେ ଏହା କେତେଦୂର ସେବା ଯୋଗାଇବାରେ ସକ୍ଷମ ହୋଇପାରୁଛି, ତାହା ସହଜରେ ଅନୁମେୟ। ଦୁଇବଖରା ଭଙ୍ଗା ଦଦରା ଟିଣଘରେ ଏହି ସମିତି ଚାଲିଥିଲେ ହେଁ ଏହାର ପୁନରୁଦ୍ଧାର ପାଇଁ ସାମାନ୍ୟତମ ପଦକ୍ଷେପ ନିଆଯାଉ ନଥିବା ଜଣାପଡ଼ିଛି। ବାଣପୁର ବ୍ଲକରେ ସମୁଦାୟ ୧୩ଟି ସେବା ସମବାୟ ସମିତି ଥିବାବେଳେ ଦେଓଗାଁ ସେବା ସମବାୟ ସମିତି ସେଥିମଧ୍ୟରୁ ଅନ୍ୟତମ। ପ୍ରାୟ ୫୦ ବର୍ଷ ପୂର୍ବେ ପ୍ରତିଷ୍ଠା କରାଯାଇଥିବା ଏହି ସମବାୟ ସମିତି ସମ୍ପ୍ରତି ନିଜସ୍ୱ ଅସ୍ତିତ୍ୱ ହରାଇବସିଛି। ପଞ୍ଚାୟତର ମଧ୍ୟସ୍ଥଳରେ ଥିବା ଏହି ସମିତି ସମ୍ପ୍ରତି ୨ ବଖରା ଟିଣ ଘରେ ଚାଲୁ ରହିଛି।



ଏଠାରେ ସାର ଏବଂ ଧାନ ଗଚ୍ଛିତ ରଖାଯିବା ଲାଗି ନିର୍ମାଣ କରାଯାଇଥିବା ଘର କେତେକାଂଶରେ ଭୁଶୁଡ଼ି ପଡ଼ିଲାଣି। ଏହି ସମବାୟ ସମିତି ବିଭିନ୍ନ ଦିଗରୁ ଅବହେଳିତ ହୋଇ ସମ୍ପ୍ରତି ନାନା ସମସ୍ୟା ଘେରରେ ରହିଛି। ଫଳରେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ସେମାନେ ପାଇବାରେ ଅସୁବିଧା ସୃଷ୍ଟି ହେଉଛି। ସେହିପରି ଏଠାରେ ଆବଶ୍ୟକତାନୁସାରେ ଗୃହ ନଥିବାରୁ ବାରଣ୍ଡାରେ ଅଫିସ କାର୍ଯ୍ୟ ଚାଲୁଥିବା ଲକ୍ଷ୍ୟ କରାଯାଇଛି। ଏହାଛଡ଼ା ଧାନମଣ୍ଡି ଖୋଲିବା ସମୟରେ ଏଠାରେ ଚାଷୀମାନେ ଅକଥନୀୟ ଯନ୍ତ୍ରଣା ଭୋଗିଥାନ୍ତି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସମିତିର ଗୃହ ସମ୍ପ୍ରତି ବିପଦସଂକୁଳ ହୋଇପଡ଼ିଛି। ଏହାର କାନ୍ଥରେ ଏକାଧିକ ଫାଟସୃଷ୍ଟି ହେବା ସହ ବର୍ଷାଦିନେ ପାଣି ଗଳୁଥିବା ଲକ୍ଷ୍ୟ କରାଯାଇଛି। ଏହାଛଡ଼ା ଏହି ସମିତିର ନୂତନ ଗୃହ ନିର୍ମାଣ ଲାଗି ଜମି ଚିହ୍ନଟ କରାଯାଇଥିଲେ ହେଁ ଏ ଦିଗରେ ସରକାରୀ କଳ ଯତ୍ନବାନ ହେଉ ନଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ସମିତିର ସଭାପତି ସୁକାନ୍ତ ପ୍ରଧାନ ଓ ସମ୍ପାଦକ ଭବାନୀ ବିଶୋୟୀ ତୁରନ୍ତ ଏହି ସମିତିର ପୁନରୁଦ୍ଧାର ଲାଗି ବାରମ୍ବାର ଜିଲାପାଳ ଓ ବିଡ଼ିଓଙ୍କୁ ଅବଗତ କରିଥିଲେ ହେଁ ସାମାନ୍ୟତମ ପଦକ୍ଷେପ ନିଆଯାଉ ନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଦେଓଗାଁ ସରପଞ୍ଚ ରେଣୁବାଳା ଛାଟୋଇଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଏ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ ଅବଗତ କରିଥିବା କହିଛନ୍ତି।

## ଟାଙ୍ଗୀ ପୁଲିସ ପକ୍ଷରୁ ଜନସମ୍ପର୍କ ସଭା



**ଟାଙ୍ଗୀ,୨୭।୪/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତ ହାଟ ଚଉରା ନିକଟରେ ଟାଙ୍ଗୀ ପୁଲିସ ପକ୍ଷରୁ ଜନସମ୍ପର୍କ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତାପସ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର, ଡ୍ରିମ୍ପ ଫାଣ୍ଡି ଅଧିକାରୀ ହରିହର ବେହେରା, ଏସ୍ଆଇ ବିକାଶ କୁମାର ସେଠୀ ଯୋଗଦେଇ ପୁଲିସ ଓ ଜନସାଧାରଣମାନଙ୍କ ସହ କିପରି ସୁ ସମ୍ପର୍କ ରହିବ ଯଦି ବ୍ୟକ୍ତି ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ତାକୁ ଉପଯୁକ୍ତ ନ୍ୟାୟ ପ୍ରଧାନ କରିବା ପୁଲିସ ର ମୁଖ୍ୟ କର୍ତ୍ତବ୍ୟ ତା ସହ ଜନସାଧାରଣ ମାନଙ୍କ ସହ ଯୋଗ ବିନା ଅପରାଧି ରୋକିବା ବା ଅପରାଧି ଙ୍କୁ ଧରିବା ଅସମ୍ଭବ ବୋଲି ଥାନା ଅଧିକାରୀ କହିବା ସହ ପୁଲିସ ସଦାସର୍ବଦା ସାଧାରଣ ମାନଙ୍କ ପାଇଁ ଅଛି ରହିଥିବ ବୋଲି କହିଥିଲେ। କୌଣସି ବ୍ୟକ୍ତି ଥାନାକୁ ଯାଇ ନିଜର ଅସୁବିଧା ଜଣାଇ ପାରିବେ ଯଦି କିଛି ଅଘଟଣ ଦେଖୁଛନ୍ତି ତୁରନ୍ତ ଥାନା ଅଧିକାରୀଙ୍କ ନଂ ୮୨୪୯୯୪ ୦୧୦୧୨ ରେ ଯୋଗାଯୋଗ କରିବାକୁ କହିଥିଲେ। ତାହା ସହ ବିଭିନ୍ନ ସମୟରେ ଲୁଟେରାମାନେ ମନ୍ଦିରମାନଙ୍କୁ ଟାର୍ଗେଟ କରି ଦେବାଦେବୀଙ୍କ ଅଳଙ୍କାର ଲୁଟି ନେଉଛନ୍ତି। ଯଦି ମନ୍ଦିରମାନଙ୍କରେ ସିସି କ୍ୟାମେରା ଲଗାଯାଆନ୍ତା ନିହାତି ଭାବରେ ଲୁଟେରା ମାନଙ୍କୁ ଧରିବାରେ ଅଧିକରୁ ଅଧିକ ସଫଳ ହୋଇପାରନ୍ତା। ଡିଜିଟାଲ ଠକ ବିଷୟରେ ସଚେତନ କରିବା ସହ କାହାକୁ ଓଟିପି, ଏଟିଏମ୍ ପିନ୍ ନ ଦେବାକୁ ଅନୁରୋଧ କରିଥିଲେ। ତାହା ସହ ପଞ୍ଚାୟତର ସରପଞ୍ଚ ପଞ୍ଚାୟତର ବିଭିନ୍ନ ଛକ ମାନଙ୍କରେ ସିସିଟିଭି ଲଗାଇବାକୁ ଥାନା ଅଧିକାରୀଙ୍କୁ କହିବା ସହ ଦିନ ସମୟରେ ଭାରୀଯାନ ବନ୍ଦ କରି ଦୁର୍ଘଟଣା ରୋକିବା ପାଇଁ ବିଦ୍ୟାଳୟ ନିକଟରେ ବ୍ୟାରିକେଡ୍ ରଖିବାକୁ ନିବେଦନ କରିଥିଲେ। ଜନସମ୍ପର୍କ ସଭାରେ ଭଟିମୁଣ୍ଡା ପୂର୍ବତନ ସମିତିସଭ୍ୟ ଡମ୍ବରୁଧର ସାହୁ, ବିରଷ୍ଠ ସାମ୍ବାଦିକ ନିରାକାର ସାହୁ, ରବିନ୍ଦ୍ର ସାହୁ, ପ୍ରକାଶ କୁମାର ସାହୁ, ସୂଚନା ଅଧିକାର କର୍ମୀ ନବକିଶୋର ଦାସ ସମେତ ଗ୍ରାମ ବହୁ ବରିଷ୍ଠ ବ୍ୟକ୍ତି ବୃଦ୍ଧି ଯିବି ଉପସ୍ଥିତ ରହି ପୁଲିସ କାର୍ଯ୍ୟକୁ ପ୍ରଶଂସା କରିବା ସହ କିଛି ପୁଲିସ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

**ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ବଦଳି ଦାବି**

**କୁଆଁପାଳ,୨୭।୪/ଏନ୍ଏନ୍ଏସ୍:** ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଥିଲା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଷେୟା ରୋଗୀ ପଞ୍ଜିକରଣ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏଥିସହିତ ବ୍ଲିଚିଂ ପକାଇବା ଦାୟିତ୍ୱରେ ଥିବା କର୍ମଚାରୀ ଜଣକ ଅଫିସରେ ବସି ବସି ଦରମା ନେଉଛନ୍ତି। ଏପରିକି ଆଟେଣ୍ଡାଣ୍ଟ ଜଣକ କରୁଛନ୍ତି ଅଫିସ କାମ। ଅପରପକ୍ଷରେ ଜନୈକ ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଷକ ନିଜ କାର୍ଯ୍ୟ ଠିକ୍ ଭାବେ କରୁନଥିବା ଅଭିଯୋଗ ହେଉଥିଲା ବେଳେ ତାଙ୍କର ବଦଳି ହୋଇଥିଲେ ମଧ୍ୟ ରାଜନୈତିକ ଚାପରେ ବଦଳି ନିର୍ଦ୍ଦେଶକୁ ବାତିଲ କରି ଏବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗାଦି ମାଡ଼ି ବସିଥିବା କୁହାଯାଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକ୍ଷକ ଓ କଟକ ସିଡିଏମ୍‌ଓ ସବୁ ଜାଣି ମଧ୍ୟ ଚୁପ୍ ରହିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସଂପୃକ୍ତ ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ଜଣକ ବିଗତ ବିଜେଡି ସରକାର ଅମଳରେ ପୂର୍ବତନ ମାହାଙ୍ଗା ବିଧାୟକଙ୍କ ପାଖ ଲୋକ ସାଜିଥିବା ବେଳେ ବର୍ତ୍ତମାନ ସ୍ୱାଧୀନ ବିଧାୟକଙ୍କ ପାଖ ଲୋକ ସାଜି ନିଜ ଆସନ ସୁରକ୍ଷିତ ରଖିଥିବା ସାଧାରଣରେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି। ଏପରିକି ବହୁ କର୍ମଚାରୀ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକ୍ ଭାବରେ ଦାୟିତ୍ୱ ତୁଲାଉନଥିବା ଅଭିଯୋଗ ବିଗତ ଦିନରେ ଗଣମାଧ୍ୟମରେ ହୋଇ ଆସିଥିଲେ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିରବଦ୍ରଷ୍ଟା ପାଲଟିଛନ୍ତି। ଏଥିପ୍ରତି ତୁରନ୍ତ ଦୃଷ୍ଟିଦେବାକୁ ସାଧାରଣରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ବିଦ୍ୟାଳୟରେ ସ୍ମୃତିଚାରଣ ସଭା

**ବେଗୁନିଆ,୨୭।୪/ଏନ୍ଏନ୍ଏସ୍:** ବେଗୁନିଆଥାନା ଅନ୍ତର୍ଗତ ଛତ୍ରପଡ଼ା ବିଦ୍ୟାଳୟର ପ୍ରାକ୍ତନ ମେଧାବୀଛାତ୍ର ରଶ୍ମିରଞ୍ଜନ ମଙ୍ଗରାଜ(୪୨)ଙ୍କ ୧୬ତାରିଖ ସକାଳ ୭ଘଟିକା ସମୟରେ ଅକାଳ ବିୟୋଗ ଘଟିଥିଲା। ତାଙ୍କର ଏକାଦଶାହ କର୍ମ ଉପଲକ୍ଷେ ୨୬ତାରିଖ ସଂଧ୍ୟାରେ ଛତ୍ରପଡ଼ାସ୍ଥିତ ତାଙ୍କ ବାସଭବନରେ ଏକ ସ୍ମୃତିଚାରଣସଭା ଅନୁଷ୍ଠିତ ହୋଇଯାଇଛି। କ୍ଷତ୍ରିୟ ଖଣ୍ଡାୟତ କଳକୀସେନାର ସଭାପତି ଯୋଗୀନାଥ ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କ ପରିବାରର ସମସ୍ତ ସଦସ୍ୟସଦସ୍ୟା, ଆତ୍ମୀୟସ୍ୱଜନ, ଅବସରପ୍ରାପ୍ତ ପୁଲିସ କର୍ମଚାରୀ ସୁଦର୍ଶନ ମଙ୍ଗରାଜ, ଜ୍ୟୋତିଷ ବାବୁଭାଇ, ନବକିଶୋର ବିଧାର, ବିଷ୍ଣୁଚରଣ ସାମନ୍ତରାୟ, ତ୍ରିଲୋଚନ ବାଘସିଂହ ପ୍ରମୁଖ ଉକ୍ତ ସଭାରେ ଉପସ୍ଥିତରହି ସ୍ୱର୍ଗତ ରଶ୍ମିରଞ୍ଜନଙ୍କ ଫଟୋରେ ପୁଷ୍ପ, ଚନ୍ଦନ ଓ ଧୂପଦେଇ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ତଥା କବି ଲକ୍ଷ୍ମୀଧର ମହାପାତ୍ର ପରିଚାଳନା କରିଥିଲେ।

## କବିତା ଆସରରେ ସ୍ମରଣିକା ‘ସତ୍ୟଭାମା’ ଉନ୍ମୋଚିତ

**ସାକ୍ଷୀଗୋପାଳ,୨୭।୪/ଏନ୍ଏନ୍ଏସ୍:** ରାଜ୍ୟର ବରିଷ୍ଠ ପାଲା ଗାୟକ ତଥା ଗବେଷକ ଓ ସାହିତ୍ୟିକ ଗାୟକ ଜ୍ଞାନସାଗର ଗୁରୁ ସଚ୍ଚିଦାନନ୍ଦ ମହାପାତ୍ରଙ୍କ ସ୍ୱର୍ଗୀୟା ଧର୍ମପତ୍ନୀ ସତ୍ୟଭାମା ମହାପାତ୍ରଙ୍କ ସ୍ମୃତିରେ ସ୍ଥାପିତ ସତ୍ୟଭାମା ସାରସ୍ୱତ ଅନୁଷ୍ଠାନର ୩ୟ ବାର୍ଷିକୋତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି।

ପୂର୍ବାହ୍ନ ଅଧିବେଶନରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ଟିକାୟତରାୟ, ସାହିତ୍ୟ ପତ୍ରିକା ପ୍ରିୟପତ୍ର ସଂପାଦକ ବିପିନ ଦଳେଇ, ଦିଲ୍ଲୀପ କୁମାର ଧାଉଡିଆ, ରବୀନ୍ଦ୍ରନାଥ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗୀୟା ମହାପାତ୍ରଙ୍କ ସୁପୁତ୍ର ସାହିତ୍ୟିକ ତଥା ଜ୍ୟୋତିର୍ବିଦ୍ୟା ବିଶାରଦ ଦେବୀପ୍ରସାଦ ମହାପାତ୍ରଙ୍କ ସଂପାଦନାରେ ସଂକଳିତ ସ୍ମରଣିକା ‘ସତ୍ୟଭାମା’ ଉନ୍ମୋଚନ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୨୦ ଜଣ କବି କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।



କବିତା ଆସରରେ ଯୋଗ ଦେଇଥିବା କବି କବୟିତ୍ରୀଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ବରିଷ୍ଠ ପାଲା ଗାୟକ ବସନ୍ତ କୁମାର ରାଉତ ଓ ସୁଦର୍ଶନ ମହାପାତ୍ରଙ୍କୁ ଆଜୀବନ କଳାସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।ଅନୁଷ୍ଠାନର ସଂପାଦକ ଦେବୀପ୍ରସାଦ ସ୍ୱାଗତ ସମ୍ଭାଷଣ ଏବଂ ସତ୍ୟବାଦୀ ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ରମେଶ ଚନ୍ଦ୍ର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। କବୟିତ୍ରୀ ସର୍ବାଣୀ ଦାସ କବିତା ଆସର ସଂଯୋଜନା କରିଥିଲେ। ସ୍ମରଣିକାର ପ୍ରକାଶିକା ପାର୍ବତୀ ମହାପାତ୍ର, ମାନସ କୁମାର ପଟ୍ଟନାୟକ, ବିଶ୍ୱନାଥ ପଟ୍ଟନାୟକ, ଅଶୋକ ସ୍ୱାଇଁ, ରବୀନ୍ଦ୍ର ସାହୁ, ଚିନ୍ମୟ ବାରିକ, ଭାସ୍କର ବରାଳ ଓ ନଗେନ ମାଝୀ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

## ବାଜପୁରରେ ଦିନମଜୁରିଆ ଗଢ଼ିଲେ ମା’ ତାରିଣୀ ମନ୍ଦିର

**କୁଣ୍ଢେଇ,୨୭।୪/ଏନ୍ଏନ୍ଏସ୍:** ଦୈବୀ କୃପା ନହେଲେ ମନ୍ଦିର ତୋଳିବା ସମ୍ଭବ ହୁଏନାହିଁ। ତେଣୁ ତ ଧନୀ ଲୋକଟିଏ ମନ୍ଦିର ତୋଳି ପାରେନାହିଁ, ନିର୍ଦ୍ଧନ ତୋଳି ଦିଏ। ଏଭଳି ଏକ ନିଆରା ବ୍ୟକ୍ତିତ୍ୱ ଦେଖିବାକୁ ମିଳିଛି ବାଜପୁର ଗାଁର ମନମୋହନ କୁଣ୍ଡଙ୍କ ନିକଟରେ। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି, ପୁରୀ ଜିଲ୍ଲା କାକଟପୁର ବ୍ଲକ କୁଣ୍ଢେଇ ପଞ୍ଚାୟତ ବାଜପୁର ଗ୍ରାମର ସ୍ୱର୍ଗତ ଭୀମ କୁଣ୍ଡ ଓ ସ୍ୱର୍ଗତ ଧୋବୀ କୁଣ୍ଡଙ୍କ ପୁଅ ମନମୋହନ କୁଣ୍ଡଙ୍କଠାରେ। ୬୭ବର୍ଷ ପାର୍ କରିସାରିଛି କିନ୍ତୁ ମନ୍ଦିର ତୋଳିବା ପାଇଁ ଯୁବ ସୁଲଭ ମନ ଏଯାଏ ଫିକା ପଡ଼ିନାହିଁ। ପ୍ରତିଦିନ ସକାଳୁ ଉଠି ନିତ୍ୟକର୍ମ ସାରିବା ପରେ ମନ୍ଦିର ମଧ୍ୟରେ ଭାଗବତ ପାଠ ସହିତ ଅନ୍ୟ ପୁରାଣର ଏକ ଅଧ୍ୟାୟ ପଢ଼ି ସାରିବା ପରେ ହସ ହସ ମୁହଁରେ ବାହାରିଯାଆନ୍ତି ଅନ୍ୟଘରକୁ ଦିନ ମଜୁରିଆ ଭାବେ କାମ କରିବା ପାଇଁ। ଯେଉଁ ବୟସରେ ଜଣେ ମନୁଷ୍ୟ ବିଶ୍ରାମ ନେବାର କଥା ସେହି ବୟସରେ ସେ ଗ୍ରାମରେ ତାରିଣୀ ମନ୍ଦିରଟିଏ ଗଢ଼ିତୋଳିବା ପାଇଁ ଦିନମଜୁରିଆ ଭାବେ କାମ କରି ସେଥିରୁ ଯାହା ଅର୍ଥ ମିଳେ



ସେହି ଟଙ୍କାରେ ବାଜପୁର ଗ୍ରାମଦେବତୀ ଭଗବତୀ ଠାକୁରାଣୀଙ୍କ ନିକଟରେ ଏକ ତାରିଣୀ ମନ୍ଦିର ତୋଳିଛନ୍ତି। ସେହି ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଓ ମନ୍ଦିର ପ୍ରତିଷ୍ଠା ଯଜ୍ଞ ମହାସମାରୋହରେ ଆସନ୍ତା ମଇ ୬ତାରିଖ ମଙ୍ଗଳବାରଠାରୁ ୮ତାରିଖ ଗୁରୁବାର ତିନିଦିନ ଧରି ଅନୁଷ୍ଠିତ ହେବ। ମା’ ତାରିଣୀଙ୍କ ମୂର୍ତ୍ତି ସ୍ଥାପନା ସହିତ ମନ୍ଦିର ପ୍ରତିଷ୍ଠା ହେବ ବୋଲି କହିଛନ୍ତି ମନମୋହନ। ଗ୍ରାମର ମନମୋହନଙ୍କ ମନ୍ଦିର ତୋଳିବାର ଏପରି ନିଶା ଦେଖି ଗ୍ରାମର କିଛି ସହୃଦୟ ବ୍ୟକ୍ତି ମା’ ତାରିଣୀଙ୍କ ମୂର୍ତ୍ତି ସହିତ ଚତୁଃପାର୍ଶ୍ୱରେ ଲାଗିବାକୁ ଥିବା ଦେବାଦେବୀଙ୍କ ବିଗ୍ରହ ସ୍ଥାପନା ପାଇଁ ଯାହାକିଛି ଦାନ କରିଛନ୍ତି। ଅର୍ଥ ଅଭାବରୁ ବାକି ରହିଥିବା କାର୍ଯ୍ୟ ଗ୍ରାମବାସୀଙ୍କ ସହଯୋଗରେ ଶେଷ ହୋଇଥିବା ବେଳେ ଆସନ୍ତା ମଇ ମାସରେ ମନ୍ଦିର ପ୍ରତିଷ୍ଠା ହେବାକୁଯାଉଛି। ବାଜପୁର ଏବଂ ଏହାର ଆଖପାଖ ଗ୍ରାମମାନଙ୍କରେ ଅଷ୍ଟପ୍ରହରୀ ଠାରୁ ଆରମ୍ଭକରି କୌଣସି ପରିବାରରେ କିମ୍ବା ଗାଁ ଦେବାଦେବୀଙ୍କ ନିକଟରେ କିଛି ବି ଦେବକାର୍ଯ୍ୟ ହୁଏ ଆଗ ଖୋଜା ପଡ଼ନ୍ତି ମନମୋହନ। ତାଙ୍କର ଏଭଳି କାର୍ଯ୍ୟକୁ ସାଧାରଣରେ ଦୃଢ଼ ପ୍ରଶଂସା କରାଯାଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସମସ୍ତ ଗ୍ରାମବାସୀ ଏବଂ ଗ୍ରାମ ବାହାରେ ରହୁଥିବା ସମସ୍ତ ଗ୍ରାମବାସୀ ମନ୍ଦିର ପ୍ରତିଷ୍ଠା ଯଜ୍ଞ କାର୍ଯ୍ୟରେ ଯୋଗଦାନ କରିବାକୁ ଅନୁରୋଧ କରିଛନ୍ତି ଶ୍ରୀ କୁଣ୍ଡ।

## ନୂତନ ଏସିପିଙ୍କୁ ସମ୍ବର୍ଦ୍ଧନା

**ଫୁଲନଖରା,୨୭।୪/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ଅଞ୍ଚଳର ଅଗ୍ରଣୀ ନୃତ୍ୟ, ବାଦ୍ୟ ଓ ସଂଗୀତ ଶିକ୍ଷା ଅନୁଷ୍ଠାନ ‘ଆରାଧ୍ୟା କଲଚରାଲ ଏକାଡ଼େମୀ’ ପକ୍ଷରୁ ନୂତନ ଏସିପି ସୁଧାଂଶୁଭୂଷଣ ଜେନାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ଅଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ସହଯୋଗୀ ପ୍ରତାପକେଶରୀ ପାତ୍ର, ଗଣମାଧ୍ୟମ ପରିଚାଳକ ଇଂ. ସେବକ ଶ୍ରୀକାନ୍ତ, ରାକେଶ କୁମାର ହୋତା ଓ ସନ୍ତୋଷ କୁମାର ଜେନା ପ୍ରମୁଖ ଶ୍ରୀ ଜେନାଙ୍କୁ କାର୍ଯ୍ୟାଳୟରେ ସାକ୍ଷାତକରି ସ୍ମରଣିକା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ, କଟକ ସଦର ଥାନାରେ ଆଇଆଇସି ଭାବେ କାର୍ଯ୍ୟକରି ଶ୍ରୀ ଜେନା ବର୍ତ୍ତମାନ କଟକ ଲାଲବାଗ ଥାନାରେ ଅବସ୍ଥାପିତ ହୋଇଥିଲାବେଳେ ନିକଟରେ ତାଙ୍କୁ ଏସିପି ପାହ୍ୟାକୁ ପଦୋନ୍ନତି ମିଳିଛି। ଏହା ଜଣାପଡ଼ିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସଂଗଠନ କାର୍ଯ୍ୟକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଇନୋଭେସନ୍ କାର୍ନିଭାଲ୍

**ବାଲେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ଉତ୍କର୍ଷତା ଏବଂ ଉଦ୍ଭାବନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏନ୍‌ଓଡିଏଲ୍) ପକ୍ଷରୁ ବିଶ୍ୱ ସୃଜନଶୀଳତା ଏବଂ ନବ ସୃଜନ ଦିବସ ଅବସରରେ ପ୍ରଥମଥର ପାଇଁ ଇନୋଭେସନ୍ କାର୍ନିଭାଲ୍ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ କର୍ମଚାରୀଙ୍କୁ କମ୍ପାନୀର ସିଇଓ ଦ୍ୱିଜଦାସ ବସାକ ଏବଂ କାର୍ଯ୍ୟକାରୀ ମୁଖ୍ୟମାନେ ସାଂଗଠନିକ ଅଭିବୃଦ୍ଧି ଏବଂ ନିରନ୍ତର ବିକାଶରେ ନବସୃଜନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଶ୍ରୀ ବସାକ ୨୦୨୫-୨୬ ଆର୍ଥିକ ବର୍ଷ ଏବଂ ପରେ ଟିପିଏନ୍‌ଓଡିଏଲ୍‌ର ନବସୃଜନ ରୋଡମ୍ୟାପ୍ ଉନ୍ମୋଚନ କରିବା ସହ ଏହି କାର୍ଯ୍ୟର ପ୍ରତ୍ୟେକ ଦିଗରେ ଅଭିନବତା ଆଣିବା ପାଇଁ କମ୍ପାନୀର ରଣନୈତିକ ଦୃଷ୍ଟିକୋଣକୁ ଦୋହରାଇଥିଲେ। ଅଭିନବତା କେବଳ ନୂତନ ଚିନ୍ତାଧାରାର ବିଷୟ ନୁହେଁ, ଏହା ଏକ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବାର ବିଷୟ ବୋଲି ଶ୍ରୀ ବସାକ କହିଛନ୍ତି। ଟିପିଏନ୍‌ଓଡିଏଲ୍‌ରେ ଆମେ ଆମ କର୍ମଚାରୀଙ୍କୁ ଭିନ୍ନ ଭାବରେ ଚିନ୍ତା କରିବା, ଉପଭୋକ୍ତାଙ୍କ ଅଭିଜ୍ଞତା ଓ ପରିଚାଳନ ଦକ୍ଷତା ବୃଦ୍ଧି କରୁଥିବା ସମାଧାନ ସୃଷ୍ଟି କରିବାକୁ ସଶକ୍ତ କରିବାରେ ବିଶ୍ୱାସ କରୁଛୁ ବୋଲି ସେ କହିଥିଲେ। ଇନୋଭେସନ୍ କାର୍ନିଭାଲ ଭଳି ପଦକ୍ଷେପ ମାଧ୍ୟମରେ ଟିପିଏନ୍‌ଓଡିଏଲ୍‌ର କର୍ମଚାରୀଙ୍କୁ ଏହାର ଅଭିନବ ଯାତ୍ରାର କେନ୍ଦ୍ରବିନ୍ଦୁରେ ରଖିଛି। ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ନେତୃତ୍ୱ ସାମିଲ ହୋଇଥିଲେ ଯାହାକି ଏକ ଅଭିନବ ଓ ଅର୍ନ୍ତଭୁକ୍ତ ସଂଗଠନର ଦୃଷ୍ଟିକୋଣକୁ ସୁଦୃଢ଼ କରିଥିଲା।



# ଜାତୀୟ ରାଜପଥ ଅବରୋଧ କରି ଚାଲିଛି ସ୍ଲରି ପାଇପଲାଇନ୍ କାମ

### ନିଦାବିଷ୍ଟ ସାଜିଛି ପ୍ରଶାସନ

### ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ଠିକାସଂସ୍ଥା



**ଯୋଡ଼ା,୨୭।୪/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିମଣ୍ଡଳସ୍ଥିତ ୫୨୦ ନମ୍ବର ଜାତୀୟ ରାଜପଥରେ ଏବେ ତୀବ୍ର ଗତିରେ ବଡ଼ ବଡ଼ କମ୍ପାନୀଙ୍କ ସ୍ଲରି ପାଇପ୍‌ଲାଇନ୍ କାମ ଚାଲିଛି। କିନ୍ତୁ ଠିକା ସଂସ୍ଥା ଗୁରୁମହାରାଜ କମ୍ପାନୀ ବେଧଡ଼କ ଭାବେ କାହାକୁ ଖାତିର ନକରି ରାସ୍ତା ଅବରୋଧ କରି ସ୍ଲରି ପାଇପ୍‌ଲାଇନ୍ କାମ ଚଲେଇଛି। ପ୍ରକାଶଥାଉକି ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପାଇପଲାଇନ୍ ବିଛେଇବା ପାଇଁ ଠିକା ସଂସ୍ଥା ଗୁରୁମହାରାଜ ନାମକ ଏକ କମ୍ପାନୀ ହାତକୁ ନେଇଛି। ତେବେ କମ୍ପାନୀ ସ୍ଲରିପାଇପ୍ କାମକୁ ତରବରିଆ ଭାବେ ସାରିବା ପାଇଁ ୫୨୦ନଂ ଜାତୀୟ ରାଜପଥକୁ ମନଇଚ୍ଛା ବେଆଇନ ଭାବେ ଅବରୋଧ କରି ପାଇପଲାଇନ୍ କାମ କରୁଥିବା ବାରମ୍ବାର ଦେଖିବାକୁ ମିଳୁଛି। ଫଳରେ ରାସ୍ତାରେ ଯାଉଥିବା ଗାଡ଼ି ଗୁଡ଼ିକ ବହୁ ସମୟ ଧରି ଅଟକ ରହୁଛନ୍ତି। ଏପରିକି ରାସ୍ତାରେ ସୁରକ୍ଷା ଦୃଷ୍ଟିରୁ ବ୍ୟାରିକେଡ୍ ମଧ୍ୟ କରାଯାଇ ନାହିଁ। ଏପରି ସ୍ଥିତି ହୋଇଛି ଯେ ପ୍ରତିଦିନ ସେହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଦେଖିବାକୁ ମିଳୁଛି। ଏଥିଲାଗି ଗୁରୁମହାରାଜ କମ୍ପାନୀ ଦାୟୀ ବୋଲି ଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ପୂର୍ବରୁ ବହୁବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ବୋଲି ଲୋକେ କହିଛନ୍ତି।

ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ ଗୁରୁମହାରାଜ କମ୍ପାନୀ ପାଇପଲାଇନ୍ କାମ ଆଳରେ ଅନୁମତିଠାରୁ ୨ରୁ ୩ ଗୁଣ ଅଧିକ ମୂଲ୍ୟବାନ ଗଛ କାଟି ସଫା କରିଦେଇଛି ଯାହା ତଦନ୍ତ ସାପେକ୍ଷ। ନିକଟରେ ପାଇପଲାଇନ୍ କାମ କରୁଥିବା ସମୟରେ ଟଣ୍ଡୋ ନିକଟରେ ବସୁଧା ପାଣି ପାଇପ୍‌କୁ ଫଟାଇ କମ୍ପାନୀ ଏହାକୁ ଚାପି ଦେବାକୁ ଉଦ୍ୟମ କରିଥିଲା। ଫଳରେ ପାନୀୟଜଳ ପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବୋଲି ଅଭିଯୋଗ କରିଛନ୍ତି। ସେହିପରି ରୁଗୁଡ଼ି ଜଙ୍ଗଲରେ ଥିବା ହାତୀ ଚଲାପଥ ନିକଟରେ କମ୍ପାନୀ ପାଇପ୍ ପାଇଁ ୧୦ରୁ ୧୨ ଫୁଟ୍ ଗାତ ଖୋଳି ବିପଦସଙ୍କୁଳ ଅବସ୍ଥାରେ ଖୋଲା ଛାଡ଼ି ଦେଇଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ଯଦି ହାତୀ ଏବଂ ଅନ୍ୟ ବନ୍ୟଜନ୍ତୁମାନେ ରାସ୍ତା ଅତିକ୍ରମ କରନ୍ତି ତା'ହାଲେ ଖାଲରେ ପଡ଼ିବାର ମଧ୍ୟ ସମ୍ଭାବନା ରହିଛି। ତେବେ ଏନେଇ ଗୁରୁମହାରାଜ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବହୁବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ନ ଦେଇ ମନ ମୁତାବକ କାମ କରି ଚାଲିଥିବା ଦେଖିବାକୁ ମିଳିଛି।

## ଢେଙ୍କାନାଳରେ 'ମନ୍ କି ବାତ୍' ଶୁଣିଲେ ଉପମୁଖ୍ୟମନ୍ତ୍ରୀ

**ଢେଙ୍କାନାଳ,୨୭।୪/ଏନ୍‌ଏନ୍‌ଏସ୍:** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଢେଙ୍କାନାଳ, ଅନୁଗୁଳ ଓ ସମ୍ବଲପୁରକୁ ୩ ଦିନିଆ ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସିନର୍ଜୀ ଇଞ୍ଜିନିୟରିଂ କଲେଜ ପହଞ୍ଚିବା ମାତ୍ରେ ଢେଙ୍କାନାଳ ଜିଲ୍ଲା ବିଜେପି ଓ ସିନର୍ଜୀ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ୧୧ଟାରେ ପ୍ରଧାନମନ୍ତ୍ରୀଙ୍କ ୧୨୧ତମ 'ମନ୍ କି ବାତ୍' କଲେଜ ସଭାଗୃହରେ ବିଜେପି ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା, କଲେଜ୍ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀଙ୍କ ଗହଣରେ ମନ୍ତ୍ରୀ ଶ୍ରୀ ସିଂହଦେଓ ଶୁଣିଥିଲେ। ପ୍ରାରମ୍ଭରେ ସିନର୍ଜୀ କଲେଜର ଚେୟାରମ୍ୟାନ୍ ବିନୋଦ କୁମାର ଦାସଙ୍କ ସଂଯୋଜନାରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆତଙ୍କବାଦୀଙ୍କୁ ସମୂଳେ ନିପାତ କରିବା ଓ ଆତଙ୍କବାଦୀଙ୍କ ସୁରକ୍ଷା ଭୂଇଁ ପାକିସ୍ତାନକୁ ସବକ୍ ଶିଖାଇବା ପାଇଁ କେନ୍ଦ୍ର ସରକାର ନେଇଥିବା ଦୃଢ଼ ପଦକ୍ଷେପ ଉପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ସାଧାରଣ ସମ୍ପାଦକ ସୁନିଲ୍ ଶର୍ମା, ଜିଲ୍ଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲ୍ଲା ଉପସଭାପତି ମାତୃପ୍ରସାଦ ନନ୍ଦ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ ମହାନ୍ତି, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା କୋଷାଧ୍ୟକ୍ଷ ଶିବ ମହାପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ନଗରମଣ୍ଡଳ ସଭାପତି ବିକାଶ ଚନ୍ଦ୍ର ସାହୁ, ପୂର୍ବତନ ମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁ, କାଉନ୍‌ସିଲର୍ ସୂର୍ଯ୍ୟପ୍ରତାପ ରାଉତଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା, ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, କଲେଜ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।



## ଶତାୟୁ ପୁରୁଷଙ୍କ ଦେହାନ୍ତ

**ରାଜନଗର,୨୭।୪/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ଘଡ଼ିଆମାଳ ପଞ୍ଚାୟତ ଅନ୍ତର୍ଗତ ଜୁଣଗଡ଼ି ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ଶତାୟୁ ପୁରୁଷ କେଶବ ଚନ୍ଦ୍ର ଦାସଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୧୦୧ ବର୍ଷ ବୟସ ହୋଇଥିଲା। ଅଞ୍ଚଳବାସୀଙ୍କ ସୁଖ ଓ ଦୁଃଖରେ ନିଜକୁ ସାମିଲ କରିଥିବା ସ୍ୱର୍ଗତ ଦାସ ସରଳ ବିଶ୍ୱାସୀ ଏବଂ ଆଧ୍ୟାତ୍ମିକ ଭାବଧାରାରେ ସଂପୃକ୍ତ ଥିଲେ। ପ୍ରତିଦିନ ସେ ହରିନାମ ଭଜନ କୀର୍ତ୍ତନ କରିବା ସହ ପୂଜାପାଠରେ ସମୟ ଅତିବାହିତ କରୁଥିଲେ। ଅତ୍ୟନ୍ତ ମେଳାପୀ, ନିଷ୍କପଟ ଓ ଉଦାର ହୃଦୟର ବ୍ୟକ୍ତି ଭାବେ ସେ ସମଗ୍ର ରାଜନଗର ଅଞ୍ଚଳରେ ପରିଚିତ ଥିଲେ। ବାର୍ଦ୍ଧକ୍ୟଜନିତ ରୋଗ ତଥା ମସ୍ତିଷ୍କ ପକ୍ଷାଘାତରେ ପୀଡ଼ିତ ହୋଇ ସେ ତାଙ୍କ ଘରେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ଅନ୍ତିମ ସଂସ୍କାରରେ ପରିବାର ସମେତ ଆତ୍ମୀୟ ସ୍ୱଜନ ତଥା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଭଗବାନ ମୁଖାଗ୍ନି ଦେଇଥିଲେ।



## ଘଟଗାଁର ଗୌରବ ବଢ଼ାଇଲେ ଅନୁପ

**କେନ୍ଦୁଝର,୨୭।୪/ଏନ୍‌ଏନ୍‌ଏସ୍:** ଘଟଗାଁ ବ୍ଲକ୍ ଅଞ୍ଚଳ ଢେଙ୍କିକୋଟ ନିକଟସ୍ଥ ସାନବରବେଡ଼ା ଗ୍ରାମର ବାସିନ୍ଦା ଅନୁପ ନାୟକ ଆଇଏସ୍ ପରୀକ୍ଷାରେ ୨୧୨ ର୍ୟାଙ୍କ୍ ପାଇ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି। ବଡ଼ ମସିଣାବିଲା ପଞ୍ଚାୟତ ସାନବରବେଡ଼ା ଗ୍ରାମର ବାସିନ୍ଦା ତଥା ବିହାରର ଗଙ୍ଗା ବନ୍ୟା ନିୟନ୍ତ୍ରଣ କମିଶନର ଅଧ୍ୟକ୍ଷ ଥିବା ଇଂ ଅମ୍ବରିଶ ନାୟକଙ୍କ ବଡ଼ପୁଅ ଅନୁପ ଜଣେ ମେଧାବୀ ଛାତ୍ର। ସେ ଭୁବନେଶ୍ୱର ଡିଏଭିରେ ପଢ଼ିବା ପରେ କାନପୁର ଆଇଆଇଟିରେ ଇଲେକ୍ଟ୍ରିକାଲ୍ ବିଟେକ୍ କରିଥିଲେ। ଗତବର୍ଷ ସେ ଆଇଏଫ୍‌ଏସ୍‌ରେ ମନୋନୀତ ହୋଇଥିବାବେଳେ ଚଳିତ ବର୍ଷ ୨୧୨ ର୍ୟାଙ୍କ୍ ସହ ଆଇଏଏସ୍‌ରେ ସଫଳତା ପାଇଥିବାରୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ନାତିର ସଫଳତାରେ କେନ୍ଦୁଝରରେ ରହୁଥିବା ତାଙ୍କର ଜେଜେ ଅବସରପ୍ରାପ୍ତ ଅବକାରୀ ଅଧ୍ୟକ୍ଷ ଧନନ୍ତରୀ ନାୟକ ଓ ଦମୟନ୍ତୀ ନାୟକ ବେଶ୍ ଖୁସିଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**କେନ୍ଦ୍ରାପଡ଼ା,୨୭।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବସପୁର-କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ଶ୍ୟାମସୁନ୍ଦରପୁର ଗ୍ରାମ ନିକଟରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। କିନ୍ତୁ ପରିଚୟ ମିଳିପାରି ନଥିବାରୁ ମୃତଦେହକୁ ଚିହ୍ନଟ ପାଇଁ ୩ ଦିନ ଶବ ସଂରକ୍ଷଣ ଗୃହରେ ରଖାଯିବ ବୋଲି ପୁଲିସ କହିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ମୃତକ ଜଣକ ଶ୍ୟାମସୁନ୍ଦରପୁର ଗଡ଼ା ପାଖ ଶାଖା କେନାଲ୍ ନିକଟରେ ଏକ ଦୋକାନ କରିଥିଲେ। ରବିବାର ଅପରାହ୍ନରେ ସେ ବାଇକ୍ ଯୋଗେ କୌଣସି ସ୍ଥାନକୁ ଯାଉଥିବାବେଳେ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିବା ପୁଲିସ କହିଛି।

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଶବ୍ଦରାସ' କାର୍ଯ୍ୟକ୍ରମ




**ଜଗତସିଂହପୁର,୨୭।୪/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ସଦର ମହକୁମାସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ସମ୍ମୁଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ପ୍ରଥମା ଫାଉଣ୍ଡେସନ୍ ମିଳିତ ଆନୁକୂଲ୍ୟରେ ଆଳାପ, କଥା, କବିତା, ଗୀତ, ଗଜଲ ଓ ନୃତ୍ୟକୁ ନେଇ ଆୟୋଜିତ ନିଆରା ସାରସ୍ୱତ ମଞ୍ଚ 'ଶବ୍ଦରାସ' ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ ଯୋଗଦେଇ ଏହି ମଞ୍ଚକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ପ୍ରଥମା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ସୋମନାଥ ପରିଡ଼ା 'ଶବ୍ଦରାସ'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମାଟିର ସାରସ୍ୱତ ପ୍ରତିଭାଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ପ୍ରଥମା ଫାଉଣ୍ଡେସନ୍ ପରିବାର ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ରାଉତଙ୍କ ସଂଯୋଜନାରେ 'ଶବ୍ଦରାସ' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ମାଟିର ସାରସ୍ୱତ ପ୍ରତିଭା ତଥା ପ୍ରଫେସର୍ ଚିନ୍ମୟୀ ମହାନ୍ତି, ଅରବିନ୍ଦ ରାୟ, ଓମ୍ ପ୍ରକାଶ ମହାନ୍ତି, ଅରୁଣ ମନ୍ତ୍ରୀ, ଦେବୀଦତ ମହାନ୍ତି, ଦେବବ୍ରତ ଦାସ, ଡ. ତୃପ୍ତିରନ ଦାସ, ସୁମିତ ପଣ୍ଡା, ଡ. ସୁବ୍ରତ କୁମାର ସେନାପତି, ସ୍ୱରୂପ କୁମାର ନାୟକ, ଇଂ. ନିହାର ରଞ୍ଜନ ପରିଡ଼ା ଓ ପ୍ରଣୟ ସୁଧା ପ୍ରମୁଖ ଯୋଗଦେଇ ନିଜ ନିଜ ପ୍ରତିଭାର ପରିଚୟ ଦେବାସହ ସିଧାସଳଖ ନିଜ ସମ୍ପର୍କରେ ଆଳାପ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ସାରସ୍ୱତ ପ୍ରତିଭାଙ୍କୁ ଫାଉଣ୍ଡେସନ୍ ପକ୍ଷରୁ ବୃକ୍ଷ ଚାରା ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡଃ. ଚନ୍ଦ୍ରଶେଖର ହୋତା ଯୋଗ ଦେଇଥିବାବେଳେ ପ୍ରଥମା ଫାଉଣ୍ଡେସନ୍‌ର ସମସ୍ତ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁପରିଚାଳିତ ହୋଇଥିଲା।

## 'ଭୀମରାଓ ଆମ୍ବେଦକର ସମ୍ମାନ' ଅଭିଯାନ

**ଢେଙ୍କାନାଳ,୨୭।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ବିଜେପି ପକ୍ଷରୁ ବାବା ସାହେବ ଡ. ଭୀମରାଓ ଆମ୍ବେଦକର ସମ୍ମାନ ଅଭିଯାନ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଦ୍ୱାରା ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ଜିଲ୍ଲା ସଭାପତି ତଥା କାର୍ଯ୍ୟକ୍ରମର ସଂଯୋଜକ ଆଇନଜୀବୀ ନରେଶ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର, ସମ୍ମାନିତ ଅତିଥିଭାବେ କାଉନସିଲର୍ ପ୍ରତାପ ନାଏକ ଓ ଅନ୍ୟତମ ଅତିଥିଭାବେ ପ୍ରଦୀପ ନାଏକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ସହ-ସଂଯୋଜକ ଶିବ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ବାଲ୍ୟ ଜୀବନ ଓ ସମାଜ ପାଇଁ ତାଙ୍କର ଉତ୍ସର୍ଗୀକୃତ ଅବଦାନ ସମ୍ପର୍କରେ ସଂଯୋଜକ ନରେଶ ଚନ୍ଦ୍ର ମହାପାତ୍ର ମାର୍ଗଦର୍ଶନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ଦଳିତ ଓ ପଛୁଆବର୍ଗ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ସହ-ସଂଯୋଜକ ଲକ୍ଷ୍ମୀଧର ଦଳେଇ ଧନ୍ୟବାଦ ଦେଇଥିଲେ।




## ସାହିତ୍ୟ ପତ୍ରିକା 'ଆମେମାନେ'ର ବିଷୁବ ସଂଖ୍ୟା ପାଠକାର୍ପିତ

**ସୋର,୨୭।୪/ଏନ୍‌ଏନ୍‌ଏସ୍:** ସୋର ପ୍ରାଥମିକ ଶିକ୍ଷକ ଭବନରେ ଷାଣ୍ମାସିକ ସାହିତ୍ୟ ପତ୍ରିକା 'ଆମେମାନେ'ର ବିଷୁବ ସଂଖ୍ୟା ଯୁବ ବିଶେଷାଙ୍କ ପାଠକାର୍ପିତ ହେବାସହ ଯୁବକବି ଯୀଶୁକ୍ରିଷ୍ଟ ଦାସଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ କବି ଶ୍ରୀଦେବ ଯୁବ ଓଡ଼ିଆ ସାହିତ୍ୟିକଙ୍କ ସର୍ଜନଶୀଳତା ସଠିକ୍ ଦିଗରେ ଗତି କରୁଛି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ କବି ବିରଜା ବଳ ସମକାଳର ଭୋଗ କରୁଥିବା ଯୁବପିଢ଼ୀ ଚମତ୍କାର ସମକାଳୀନ ସାହିତ୍ୟ ସୃଷ୍ଟିରେ ଧ୍ୟାନସ୍ଥ ଅଛନ୍ତି ବୋଲି ମତ ରଖିଥିଲେ। ବିଶିଷ୍ଟ କବି ଡ଼. ଅସୀମା ସାହୁ, ଡ଼ ସୁବ୍ରତ ଦାସ, ସୀତାଂଶୁ ଲେଙ୍କା ଓ ବିଜୟ ରାୟ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା ରଖିଥିବାବେଳେ ଯୁବକବି ବୀରେନ୍ଦ୍ର ନାୟକ, ଅଜୟ କୁମାର ଜେନା, ନାରାୟଣ ସାହୁ, ଅଂଶୁମାନ ସାହୁ, ଐଶ୍ୱର୍ଯ୍ୟା ରାଉତ, ଶ୍ରୀସିକ୍ତା ଶୁଭଦର୍ଶନୀ ନାୟକ, ବଳବନ୍ତ ସାହୁ, ଅଙ୍କିତ ଧଳ, ଅମିତ୍ କୁମାର, ରଞ୍ଜନ ମହାନ୍ତି, କମଳଲୋଚନ ବେହେରା, ପ୍ରଦୀପ୍ତ ମହାନ୍ତି ଓ ସଞ୍ଜୟ ପଣ୍ଡା ପ୍ରମୁଖ କବିତାପାଠ କରିଥିଲେ। 'ଆମେମାନେ'ର ସମ୍ପାଦକ ଯାଯାବର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ଅନିରୁଦ୍ଧ ରାଉତ, ମନୀନ୍ଦ୍ର ଦୀକ୍ଷିତ, ସୁନୀଲ ମିଶ୍ର, ରାଜେଶ ପ୍ରଧାନ, ଗୋଲକ ପାତ୍ର, ବିଶ୍ୱନାଥ ଘୋଷ ଓ ଶ୍ରୀଧର ପ୍ରସାଦ ବେହେରା ପରିଚାଳନାରେ ସହଯୋଗ କରିଥିଲେ।



# ଗଛକଟାରୁ ଗଣ୍ଡଗୋଳ, ୨ ମାମଲା ରୁଜୁ

**ବୈଶିଙ୍ଗା,୨୭।୪/ଏନ୍‌ଏନ୍‌ଏସ୍:** ବୈଶିଙ୍ଗା ବନପାଳ ଅନ୍ତର୍ଗତ ରଙ୍ଗାମାଟିଆ ସଂରକ୍ଷିତ ଜଙ୍ଗଲରେ ୧୯ ତାରିଖ କାଳବୈଶାଖୀ ବର୍ଷାରେ କିଛି ୟୁକାଲି ପଟାସ୍ ଗଛ ଉପୁଡ଼ି ପଡ଼ିଥିଲା। ଏହି ଗଛକୁ ହଟାଇବା ପାଇଁ ଗ୍ରାମ୍ୟ ଜଙ୍ଗଲ କମିଟି ସମ୍ପାଦକ ଭଗବାନ ମଣ୍ଡଳ ଏବଂ ସଭାପତି ସୃଷ୍ଟିଧର ଦାସଙ୍କ ସମେତ ଅନ୍ୟ କିଛି ସଦସ୍ୟ ବୈଠକରେ ନିଷ୍ପତ୍ତି ଅନୁଯାୟୀ ବେତନଟୀ ରେଞ୍ଜ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଉକ୍ତ ଗଛ ଗୁଡ଼ିକ ଉପୁଡ଼ି ପଡ଼ିବା ପରେ ଜଙ୍ଗଲ ସଂଲଗ୍ନ ଘର ଗୁଡ଼ିକ ପ୍ରତି ଯଦି ବିପଦ ଅଛି ତାକୁ କାଟି ଅନ୍ୟତ୍ର ରଖି ଦିଆଯାଉ ବୋଲି ରେଞ୍ଜର ମନଓ୍ୱର ଖାନ୍ ପ୍ରକାଶ କରିଥିଲେ।

କମିଟିର ଅନ୍ୟ କିଛି ସଦସ୍ୟ ଏହି କାଠ ଗଣ୍ଡି ଗୁଡ଼ିକୁ ସଭାପତି ଏବଂ ସମ୍ପାଦକ ଅନ୍ୟଜଣଙ୍କୁ ବିକ୍ରି କରି ଦେଉଥିବା ନେଇ ବନ ବିଭାଗ ନିକଟରେ ଅଭିଯୋଗ କରିବା ପରେ ବିଭାଗ ପକ୍ଷରୁ ଏହି କାଠକୁ ସିଜ୍ କରାଯାଇଥିଲା। ଏହାକୁ କେନ୍ଦ୍ର କରି ୨୪ ତାରିଖ ପୂର୍ବାହ୍ନରେ ଜଙ୍ଗଲ କମିଟିର ସଦସ୍ୟଙ୍କୁ ନେଇ ସଭାପତି ଶ୍ରୀ ଦାସ ଏକ ବୈଠକ ଡକାଇଥିଲେ। ଗଛ ବିକ୍ରିକୁ ନେଇ ବିଚାରବିମର୍ଶ ଚାଲିଥିବାବେଳେ ଉତ୍ତେଜନା ପ୍ରକାଶ ପାଇବାରୁ କମିଟିର ସଭ୍ୟ ପଦ୍ମନାଭ ପଣ୍ଡା, ଆଦିତ୍ୟ ନାଥ ଓ ଅଞ୍ଜନ କୁମାର ଗିରିଙ୍କ ସହ ଅନ୍ୟ ୩ ଜଣ ଯୁବକ ସମ୍ପାଦକ ଭଗବାନ ମଣ୍ଡଳଙ୍କୁ ମରାଣନ୍ତକ ଆକ୍ରମଣ କରିଥିଲେ ବୋଲି ଶ୍ରୀ ମଣ୍ଡଳଙ୍କ ପୁତ୍ର ରବି ନାରାୟଣ ମଣ୍ଡଳ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

ଏହି ଘଟଣାର ପାଲଟା ଅଭିଯୋଗମୂଳେ କମଳାକାନ୍ତ ସାମନ୍ତରାୟ ଲିଖିତ ଅଭିଯୋଗ କରିଥିଲେ କି ଗଛ ବିକ୍ରିକୁ ବିରୋଧ କରିବା ଯୋଗୁ ସଭାପତି ଏବଂ ସମ୍ପାଦକ ଜଙ୍ଗଲ କମିଟି ସଦସ୍ୟଙ୍କୁ ବୈଠକ ଡକାଇ ଗାଳିଗୁଲଜ କରିବା ସହ ଭଗବାନ ମଣ୍ଡଳ, ନବଘନ ମଣ୍ଡଳ, ସୃଷ୍ଟିଧର ଦାସ, ରାଜୁ ମଣ୍ଡଳ ଓ ରବି ମଣ୍ଡଳ ସଂଘବଦ୍ଧ ଭାବେ ଆଦିତ୍ୟ ନାଥକୁ ମାଡ଼ ମାରିଥିଲେ। ଉଭୟ ଆହତ ବୈଶିଙ୍ଗା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ସ୍ଥାନାନ୍ତର ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏନେଇ ୨ଟି ପୃଥକ୍ ମାମଲା ରୁଜୁ ହୋଇଥିବାବେଳେ ବୈଶିଙ୍ଗା ସବ୍‌ଇନ୍ସପେକ୍ଟର୍ ଦେବାଶିଷ ମଣ୍ଡଳ ତଦନ୍ତ ଜାରି ରଖିଛନ୍ତି। ରବିବାର ସନ୍ଧ୍ୟା ସୁଦ୍ଧା କେହି ଗିରଫ ହୋଇନଥିବା ଜଣାଯାଇଛି।

## ପ୍ରଶାନ୍ତଙ୍କ ପରିବାରକୁ ଭେଟିଲେ ସିପିଆଇଏମ୍ ନେତୃମଣ୍ଡଳୀ

**ବାଲେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ସିପେଟ୍ କର୍ମଚାରୀ ପ୍ରଶାନ୍ତ ଶତପଥୀଙ୍କ ଗାଁକୁ ଯାଇ ତାଙ୍କ ପତ୍ନୀ ଓ ପରିବାରକୁ ସିପିଆଇଏମ୍ ନେତୃମଣ୍ଡଳୀ ଭେଟିଛନ୍ତି। ଏହି ନେତୃମଣ୍ଡଳୀରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ସିପେଟ୍ କର୍ମଚାରୀ ୟୁନିଅନ୍‌ର ରାଜ୍ୟ ସଭାପତି ସନ୍ତୋଷ ଦାସ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଗଣତାନ୍ତ୍ରିକ ମହିଳା ସମିତିର ଜାତୀୟ ସମ୍ପାଦକ ତାପସୀ ପ୍ରହରାଜ, ସିପିଆଇଏମ୍ ବାଲେଶ୍ୱର ଜିଲ୍ଲା ସମ୍ପାଦକ ଶିଶିର ହୁଇ ଓ ବରିଷ୍ଠ ଓକିଲ ଅଶୋକ ସେନାପତି ସାମିଲ ଥିଲେ। ତେବେ ପ୍ରଶାନ୍ତଙ୍କ ପତ୍ନୀଙ୍କୁ ସିପେଟ୍‌ରେ ନିଯୁକ୍ତି ଦେବାସହ ପୁଅର ପାଠପଢ଼ା ସମ୍ପୂର୍ଣ୍ଣ ସିପେଟ୍ କର୍ତ୍ତୃପକ୍ଷ କରିବାକୁ ସିପିଆଇଏମ୍ ନେତୃମଣ୍ଡଳୀ ପକ୍ଷରୁ ଦାବି କରାଯାଇଥିଲା। ଅନ୍ୟପଟେ ସିପେଟ୍ କର୍ତ୍ତୃପକ୍ଷ ଏ ପ୍ରକାରର ସାହାଯ୍ୟ କରିବା ପାଇଁ ସକାରାତ୍ମକ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ଏଭଳି ନୃଶଂସ ହତ୍ୟାକୁ ସିପିଆଇଏମ୍ ଦୃଢ଼ ନିନ୍ଦା କରିବା ସହ ସମସ୍ତ ଆତଙ୍କବାଦୀଙ୍କୁ ତୁରନ୍ତ ଧରି କଠୋର ଦଣ୍ଡ ଦେବାକୁ ଦାବି କରିଥିଲା।



ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ଅସମ୍ଭାଳ ହେଉଛି ...

ନ୍ୟୁଜର୍ସି ପଠାଇଦେଇଥିଲେ। ପ୍ରକାଶ, ଦୁଇ ଦିନ ପୂର୍ବେ ବିଲାଓ୍ବଲ ସିନ୍ଧୁ ଜଳ ଚୁକ୍ତି ରଦ୍ଦ ପ୍ରସଙ୍ଗରେ ଭାରତକୁ ଧମକ ଦେବାକୁ ଯାଇ ସିନ୍ଧୁ ନଦୀରେ ଜଳ ପ୍ରବାହିତ ହେବ ନଚେତ୍ ଭାରତୀୟଙ୍କ ରକ୍ତ ବହିବ ବୋଲି ଧମକ ଦେଇଥିଲେ। ନିଜ ଧମକ ପରେ ଏବେ ସେ ନିଜେ ଭୟରେ ନିଜ ପରିବାରକୁ କାନାଡା ପଠାଇଦେଇଛନ୍ତି। ମୁନିର ମଧ୍ୟ ଭାରତ-ପାକିସ୍ତାନ ଗଠନ ଓ ହିନ୍ଦୁ-ମୁସଲିମ୍ ମଧ୍ୟରେ ବିଭେଦ ଦର୍ଶାଇବା ପୂର୍ବକ ନିୟମିତ ଭାବେ ଉତ୍ତେଜକ ଭାଷଣବାଜି କରିଆସୁଛନ୍ତି। ତେବେ କେବଳ ପାକିସ୍ତାନୀ ନେତା, ସେନାଧିକାରୀମାନେ ନୁହଁନ୍ତି ବରଂ ପାକିସ୍ତାନର ସାଧାରଣ ନାଗରିକମାନେ ମଧ୍ୟ ଏବେ ଭୟଭୀତ ହୋଇ ପାକିସ୍ତାନ ଛାଡି ଅନ୍ୟତ୍ର ଚାଲିଯାଉଥିବା ଜଣାପଡିଛି।

ଏସବୁ ମଧ୍ୟରେ ଆଉ ଏକ ବଡ଼ ସୂଚନା ମଧ୍ୟ ସାମ୍ନାକୁ ଆସିଛି। ପାକିସ୍ତାନ ମୁସଲିମ ଦେଶମାନଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରୁଛି। ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇସାକ ଡାର୍, ନିୟମିତ ଭାବେ ସାଉଦିଆରବ, କତାର, ଇରାନ ଏବଂ ତୁର୍କୀ ଆଦି ମୁସଲିମ୍ ବହୁଳ ଦେଶର ବୈଦେଶିକ ମନ୍ତ୍ରୀମାନଙ୍କ ସହ କଥା ହୋଇ ଭାରତ ପକ୍ଷରୁ ବଢୁଥିବା ଆକ୍ରମଣାତ୍ମକ ଆଭିମୁଖ୍ୟକୁ ଥଣ୍ଡା କରିବା ପାଇଁ ତଥା ଭାରତ ସହିତ କଥା ହୋଇ ପରିସ୍ଥିତି ସ୍ୱାଭାବିକ କରିବାକୁ ଅନୁରୋଧ କରିବାରେ ଲାଗିଛନ୍ତି। ଏପରିକି ପାକିସ୍ତାନ ଏବେ ଆମେରିକା ଏବଂ ଇରାନ ଭଳି ରାଷ୍ଟ୍ରଙ୍କୁ ଭାରତ ସହ ବିବାଦରେ ମଧ୍ୟସ୍ଥତା କରିବାକୁ ଏବଂ ରୁଷ୍ ଏବଂ ଚୀନ୍‌କୁ ପହଲଗାମ୍ ଘଟଣାର ତଦନ୍ତ କରିବାକୁ ଅନୁରୋଧ କରିଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଆସିଫ୍ ଖ୍ୱାଜା କହିଛନ୍ତି ଯେ, ଭାରତର ପ୍ରଧାନମନ୍ତ୍ରୀ ମୋଦୀ ପହଲଗାମ୍ ଘଟଣାରେ ମିଛ କହୁଛନ୍ତି କି ସତ ସେସମ୍ପର୍କରେ ଜାଣିବା ପାଇଁ ରୁଷ୍, ଚୀନ୍ କିମ୍ବା ପାଶ୍ଚାତ୍ୟ ଦେଶଗୁଡ଼ିକ ମିଳିତ ଭାବେ ଏକ ତଦନ୍ତ କମିଶନ କରନ୍ତୁ।

ପ୍ରକାଶ, ୨୦୧୬ରେ, ଉରି ଆକ୍ରମଣର ୧୧ ଦିନ ପରେ ଏବଂ ପୁଲଓ୍ବାମା ଆକ୍ରମଣର ୧୨ ଦିନ ପରେ ଭାରତ ପାକିସ୍ତାନ ଉପରେ ଯଥାକ୍ରମେ ସର୍ଜିକାଲ ଷ୍ଟ୍ରାଇକ୍ ଓ ଏୟାର ଷ୍ଟ୍ରାଇକ୍ କରିଥିଲା। ଏପରି ପରିସ୍ଥିତିରେ, ପାକିସ୍ତାନ ଭୟ କରୁଛି ଯେ ପହଲଗାମ୍ ଘଟଣାର ୧୦-୧୫ ଦିନ ମଧ୍ୟରେ ଭାରତ କିଛି ବଡ଼ କାର୍ଯ୍ୟାନୁଷ୍ଠାନ ନେଇପାରେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତଙ୍କବାଦୀଙ୍କୁ ସମ୍ପୂର୍ଣ୍ଣ ନିପାତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପାକିସ୍ତାନ ଏହାକୁ ନେଇ ଭୟ କରୁଛି।

### ପ୍ରତିଯୋଗିତାମୂଳକ ...

ବୋଲି ପରୀକ୍ଷାର୍ଥୀମାନେ କହିଛନ୍ତି। ଯଦିଓ ପେପର୍ -୨ ରେ ପେପର୍-୧ର ପ୍ରଶ୍ନ ଆସିଲା, ତାହା ଠିକ୍ ନଥିଲା ବୋଲି ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି।

ସେହପରି ଓଡ଼ିଶା ଷ୍ଟାପ୍ ସିଲେକ୍ସନ୍ କମିଶନ ପରୀକ୍ଷାରେ ମଧ୍ୟ ବଡ଼ ତ୍ରୁଟି ଦେଖାଯାଇଛି। ଆଜି ଏକସାଇଜ୍ ଓ ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷା ଥିଲା। ମାତ୍ର ସିଜିଏଲ୍‌ରୁ ପ୍ରଶ୍ନ ଆସିଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ। ଏତେ ବଡ଼ ପରୀକ୍ଷାରେ ତ୍ରୁଟିକୁ ନେଇ ପରୀକ୍ଷାର୍ଥୀ ହତାଶ ହୋଇ ପଡ଼ିଥିଲେ। ଏ ନେଇ ଓଡ଼ିଶା ଷ୍ଟାପ୍ ସିଲେକସନ୍ କମିଶନ କର୍ତ୍ତୃପକ୍ଷ ତ୍ରୁଟି ସ୍ୱୀକାର କରିଛନ୍ତି। ଆୟୋଗ ତ୍ରୁଟିକୁ ସ୍ୱୀକାର କରି ଦୁଃଖ ପ୍ରକାଶ କରିଛନ୍ତି। ଆଉ ଏକ ପରୀକ୍ଷାର ବିକଳ୍ପ ଉପରେ ବିଚାର କରୁଥିବା ଜଣାଇଛନ୍ତି। ଆସନ୍ତା ମେ' ୪ ତାରିଖ ମଧ୍ୟରେ ପରାମର୍ଶ ଲୋଡ଼ି ନୋଟିସ୍ କରିଛନ୍ତି। ସୂଚନାଯୋଗ୍ୟ, ଗତ ମାସ ୩୦ ତାରିଖ ଦିନ ଓପିଏସ୍‌ସି ଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଏଡିଆଇପିଆର୍‌ଓ) ପରୀକ୍ଷା ଥିଲା। ସାମ୍ବାଦିକତା ଓ ଜନସଞ୍ଚାର ପରୀକ୍ଷା ଅପରାହ୍ଣ ୧.୩୦ରୁ ୩.୩୦ ଭିତରେ ଥିଲା। ସେହି ପରୀକ୍ଷାରେ ୧୦୦ନମ୍ବର ପ୍ରଶ୍ନ ବଦଳରେ ୯୪ ପ୍ରଶ୍ନ ଆସିଥିଲା।

### ଜଳାଶୟରେ ୮ଜଣଙ୍କ ...

ପ୍ରାକୃତିକ ମନୋରମ ପରିବେଶ ଉପଭୋଗ କରିବାକୁ ଆସିଥିଲେ। ତେବେ ପାଟହାର ଗୁମ୍ଫାର ତଳକୁ ବୁଲିବା ପରେ ଉପର ପାର୍ଶ୍ୱକୁ ଯାଇ ଫଟୋ ଉଠାଇବା ସମୟରେ କୌଣସି କାରଣବଶତଃ ଗୋଡ଼ ଖସିଯିବାରୁ ୨ଜଣ ପାଣି ଥିବା ଗର୍ତ୍ତରେ ପଡ଼ିଥିଲେ। ପହଁରା ଶିଖି ନ ଥିବାରୁ ସେଥିରେ ବୁଡ଼ି ପ୍ରାଣ ହରାଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କୁ ମୃତ ଅବସ୍ଥାରେ ପାଣି ଭିତରୁ ବାହାର କରିଥିଲେ। ମୃତକ ହେଲେ ଅତୁଳ ରଞ୍ଜନ ସାହୁ (୨୦) ଏବଂ ରୁଦ୍ରନାରାୟଣ ମିଶ୍ର (୨୦)। ଏ ନେଇ ହରିଚନ୍ଦନପୁର ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

ସେହିପରି ରାଜଧାନୀ ଉପକଣ୍ଠ ବାଲିଅନ୍ତା ସାଇଫନ୍ ନିକଟରେ ଅଘଟଣ ଘଟିଛି। ଅସାବଧାନତା କାରଣରୁ ୨ଜଣ ଯୁବକ ଭାର୍ଗବୀ ନଦୀ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତକ ଦ୍ୱୟ ହେଲେ ଆଶିଷ ବେହେରା ଓ ପ୍ରାଣବନ୍ଧୁ ମହାଳିକ। ତେବେ ଗାଧୋଉଥିବା ବେଳେ ଜଣେ ନଦୀ ପାଣିରେ ଭାସି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଜଣେ ଭାସିଯାଇ ପ୍ରାଣ ହରାଇଛନ୍ତି।

### ସମୃଦ୍ଧ ଓଡ଼ିଶା ଗଠନ ...

ଉନ୍ନତି ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ। ଉତ୍ତମ ଭିତ୍ତିଭୂମି ସହିତ ଗୁଣି ଓ ତାଲିମପ୍ରାପ୍ତ ଶିକ୍ଷକ ପଞ୍ଚାୟତ ସ୍ତରରେ ଏହି ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ କରିବେ ।

ଆଦିବାସୀ ପିଲାଙ୍କ ଭିତରେ ଡ୍ରପ୍‌ଆଉଟ୍ ହାର କମାଇବା ପାଇଁ ମାଧୋସିଂ ହାତଖର୍ଚ୍ଚ ଯୋଜନା ଆରମ୍ଭ କରାଯାଇଛି। ଚଳିତବର୍ଷ ବଜେଟ୍‌ରେ ପ୍ରାଥମିକ ଶିକ୍ଷା ପାଇଁ ରେକର୍ଡ ୩୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ପୁଷ୍ଟିକର ଖାଦ୍ୟ ମଧ୍ୟାହ୍ନଭୋଜନରେ ଯୋଗାଇ ଦିଆଯାଉଛି। ଆଗାମୀ ଦିନରେ ଏହିସବୁ ପଦକ୍ଷେପଗୁଡ଼ିକ ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବ ସେ କହିଥିଲେ।

ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାବି ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟରେ ସାମିଲ କରାଯିବ। ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ଏକ ଡି.ପି.ଆର୍ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ସ୍କୁଲ ପକ୍ଷରୁ କରାଯାଇଥିବା ସମସ୍ତ ଦାବିଗୁଡ଼ିକ ନିଶ୍ଚିତ ଭାବେ ପୂରଣ କରାଯିବ। ଏଥିପାଇଁ ଯାହା ଅର୍ଥ ଆବଶ୍ୟକ, ଆମ ସରକାର ନିଶ୍ଚିତ ଭାବେ ଯୋଗାଇଦେବେ।

ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ନିର୍ବାଚନ ପୂର୍ବରୁ ଯେଉଁ କଥା ଦେଇଥିଲେ, କଥା ରଖି ସବୁ କାମ କରିଛନ୍ତି। ଚାଷୀ, ମହିଳା, ଯୁବବର୍ଗ, ଗରୀବ - ସମସ୍ତଙ୍କ ପାଇଁ ଆମେ କାମ କରୁଛୁ। ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲାରେ ଏକ ଲକ୍ଷ କୋଟିରୁ ଅଧିକ ଟଙ୍କା ନିବେଶରେ ବ୍ୟାପକ ଶିଳ୍ପ ପ୍ରତିଷ୍ଠା ହେବ। ଗଞ୍ଜାମ ଜିଲ୍ଲାର ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅଞ୍ଚଳବାସୀଙ୍କ ଦାବିକୁ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆଗାମୀ ଦିନରେ ଏ ଅଞ୍ଚଳର କିପରି ବିକାଶ ହୋଇପାରିବ, ସେଥିପ୍ରତି ଆମେ ସ୍ୱତନ୍ତ୍ର ଦୃଷ୍ଟିଦେବୁ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ରହ୍ମପୁରକୁ ଆସିବ, ଆପଣ ମାନଙ୍କ ଦାବି ଓ ସମସ୍ୟା ଶୁଣିବା ପାଇଁ ବ୍ରହ୍ମପୁରକୁ ଆସିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍କୁଲର ୪ ଜଣ ବର୍ଷୀୟାନ ପୂରାତନ ଛାତ୍ର ଏବଂ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପରିବାର ସଦସ୍ୟଙ୍କୁ ମଞ୍ଚକୁ ଡାକି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜିଲ୍ଲା ଓ ରାଜ୍ୟସ୍ତରରେ କୃତୀତ୍ୱ ଅର୍ଜନ କରିଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ।

କାର୍ଯ୍ୟକ୍ରମରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଏବଂ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଅଭିଭାଷଣ ରଖିଥିଲେ। ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଜିଲ୍ଲାପାଳ, ସାମନ୍ତିଆପଲ୍ଲୀ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ପୁରାତନ ଛାତ୍ର ରାଧାକୃଷ୍ଣ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷକ ଚିତ୍ତରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟବାସୀଙ୍କ ମଙ୍ଗଳ ...

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀ ଯାତ୍ରାକୁ ଆସିଥିଲେ। ସକାଳେ ଦେଶୀବେହେରା ସାହିସ୍ଥିତ ମା' ବୁଢ଼ୀ ଠାକୁରାଣୀଙ୍କ ଅସ୍ଥାୟୀ ପୀଠକୁ ଯାଇଥିଲେ। ବିଶ୍ୱ ପ୍ରସିଦ୍ଧ ମା'ଙ୍କ ଦ୍ୱିବାର୍ଷିକୀ ଯାତ୍ରା ଦେଖି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ମା' ବୁଢ଼ୀ ସାଆନ୍ତାଣୀଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ରାଜ୍ୟବାସୀଙ୍କ କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟାବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ୍ ମୁତୟନ ହୋଇଥିଲେ। ଏଠାରେ କାର୍ଯ୍ୟକ୍ରମ ସାରିବା ପରେ ମୁଖ୍ୟମନ୍ତ୍ରୀ ପାତ୍ରପୁର ବ୍ଲକ ଭୀମପୁର ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଶତବାର୍ଷିକୀ ଉତ୍ସବରେ ଯୋଗଦେବାକୁ ଯାଇଥିଲେ।

## ବ୍ରାଉନ୍‌ସୁଗର୍ ଜବତ, ଜଣେ ଗିରଫ




**କଟକ,୨୭।୪/ଏନ୍‌ଏନ୍‌ଏସ୍:** ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ ସ୍ଥାନୀୟ ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଅଞ୍ଚଳରୁ ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ନାଲକୋ ନଗର ଥାନା ଅନ୍ତର୍ଗତ ଜିରଙ୍ଗ ତଳସାହିର ସରଳ ସେଠ (୩୮)। ତାଙ୍କ ନିକଟରୁ ଅବକାରୀ ପୁଲିସ ୩୧୫ ଗ୍ରାମ୍ ବ୍ରାଉନସୁଗର୍ ଜବତ କରିଛି। ଜବତ ବ୍ରାଉନ୍‌ସୁଗର୍‌ର ଆନୁମାନିକ ମୂଲ୍ୟ ୩୧ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି। ଏହାଛଡ଼ା ଅଭିଯୁକ୍ତଙ୍କ ନିକଟରୁ ଏକ ମୋଟରସାଇକେଲ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ରାଜ୍ୟ ଅବକାରୀ କମିଶନର୍ ଧର୍ମେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଫ୍ଲାଇଙ୍ଗ ସ୍କ୍ୱାର୍ଡ୍‌ର ସୁପରିନଟେଣ୍ଡେଣ୍ଟ୍ ତେଜରାଜ ଜାନୀଙ୍କ ତତ୍ତ୍ୱାବଧାନରେ ଏକ ଅବକାରୀ ଟିମ୍ ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଅଞ୍ଚଳରେ ଚଢ଼ଉ କରିଥିଲା। ଏହି ସମୟରେ ବ୍ରାଉନ୍‌ସୁଗର୍ ରଖିବା ଓ ବ୍ୟବସାୟ କରିବା ଅଭିଯୋଗରେ ଅବକାରୀ ପୁଲିସ ସରଳ ସେଠକୁ ଘଟଣା ସ୍ଥଳରୁ ଗିରଫ କରିଥିଲା। ଏହି ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ହୀରା ଦଳପତି, ଏସ୍‌ଆଇ ବଳବୀର ଗଡ଼ନାୟକ, ଏଏସ୍‌ଆଇ ଅନ୍ତର୍ଯ୍ୟାମୀ ମଲ୍ଲିକ, ଅଜୟ ବେହେରା, କନ୍‌ଷ୍ଟେବଲ ରୋଜାଲିନ ପଟ୍ଟନାୟକଙ୍କ ସମେତ ଫ୍ଲାଇଙ୍ଗ ସ୍କ୍ୱାର୍ଡ୍‌ର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ନିଶା ବେପାରୀ ସରଳ ବାଲେଶ୍ୱର ଜିଲ୍ଲାରୁ ବ୍ରାଉନସୁଗର୍ ଆଣି ଅନୁଗୁଳ ନେଇ ସେଠାରେ ବେପାର କରୁଥିଲେ ବୋଲି ପୁଲିସ ନିକଟରେ ସ୍ୱୀକାର କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଦନ୍ତ ଚିକିତ୍ସା ଶିବିର




**କଟକ,୨୭।୪/ଏନ୍‌ଏନ୍‌ଏସ୍:** ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ(ଏସବିଏଚଏସ) ୧୯୮୬ ବ୍ୟାଚ୍ ତରଫରୁ ଏକ ଦନ୍ତ ଚିକିତ୍ସା ଶିବିର ବିଡାନାସୀ ସ୍ଥିତ ବସୁନ୍ଧରା ପରିସରରେ ଅନୁଷ୍ଠିତ ହେଇଯାଇଛି। ଏହି ବ୍ୟାଚର ସଭ୍ୟ-ସଭ୍ୟାମାନେ ବସୁନ୍ଧରାରର ଅନ୍ତେବାସୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଦନ୍ତ ପରୀକ୍ଷା ଓ ପରାମର୍ଶ ପାଇଁ ଏହି ଶିବିରର ଆୟୋଜନ କରିଥିଲେ। ବ୍ୟାଚ୍ ତରଫରୁ ପ୍ରତିବର୍ଷ ହୋଲି ଓ ଦୀପାବଳି ଅବସରରେ ବିଭିନ୍ନ ବୃଦ୍ଧାଶ୍ରମ କିମ୍ବା ଅନାଥାଶ୍ରମରେ ପାଳନ କରାଯାଏ। ବସୁନ୍ଧରା ପରିସରରେ ଆୟୋଜିତ ମାଗଣା ଦନ୍ତ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୧୧୫ଜଣ ସେମାନଙ୍କର ଦାନ୍ତ ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶ ନେଇଥିବା ବେଳେ ଡାକ୍ତର ଅସୀମା ସାମଲ, ସ୍ୱସ୍ତିକ ଦାସ ଓ ଅରୋକୃଷ୍ଣ ମହାନ୍ତି ଚିକିତ୍ସା ସମ୍ବନ୍ଧୀୟ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ବସୁନ୍ଧରାର ସମ୍ପାଦିକା ଶୈଳ ବେହେରା ଓ ଅବସରପ୍ରାପ୍ତ ପ୍ରଶାସକ ବରଦା ପ୍ରସନ୍ନ ପଟ୍ଟନାୟକ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ଚନ୍ଦ୍ର ଶତପଥୀ, ସରୋଜ କୁମାର ପଣ୍ଡା, ମମତା ମହାନ୍ତି, ମନସ୍ୱିନୀ ମିଶ୍ର, ପାର୍ଥ ପ୍ରତୀମ, ବି. କାନ୍ତାମା, ଅନିନ୍ଦ୍ୟ ସାମଲ, ସୁକାନ୍ତ ଶତପଥୀ, ମାନସ ମହାପାତ୍ର, ସୁଜନ କୁମାର ରାୟଚୌଧୁରୀ, ତ୍ରିବିକ୍ରମ କର, ମାନସୀ ଧଳ, ଭାରତୀ କାନୁନ୍‌ଗୋ, ସୋନାଲି ପଟ୍ଟନାୟକ, ସରୋଜ ତ୍ରିପାଠୀ, ସୁଭାଶିଷ ମହାପାତ୍ର ଓ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଆଇନ ସଚେତନତା ଓ ପ୍ରଶିକ୍ଷଣ ଶିବିର



**କଟକ,୨୭।୦୪। ଏନ୍‌ଏନ୍‌ଏସ୍ (ଆଲୋକ ନାୟକ):** ରାଜ୍ୟ ଆଇନ ସେବା ସଂଗଠନ, ଲିଗାଲ୍ ଏଡ୍ କାଉନସିଲର ଏକ ଆଇନ୍ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦେଉଳସାହି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଅନୁଷ୍ଠାନର ଅଧ୍ୟକ୍ଷ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ରତିକାନ୍ତ ମହାପାତ୍ର, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର୍ ଆସୋସିଏସନ୍‌ର ସଭାପତି ଆଇନଜୀବୀ ମନୋଜ କୁମାର ମିଶ୍ର, ଏକାଡେମିକ କମିଟିର ରାଜ୍ୟ କନ୍‌ଭେନର୍ ଆଇନଜୀବୀ ଉଷାରାଣୀ ପତି, ରାଜ୍ୟ ସମ୍ପାଦକ ଆଇନଜୀବୀ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଓ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପକ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଡ୍‌ଭୋକାଟେ ଉଷାରାଣୀ ପତି, ରତିକାନ୍ତ ମହାପାତ୍ର ଓ ମନୋଜ କୁମାର ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ।

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



**କଟକ,୨୭।୪/ଏନ୍‌ଏନ୍‌ଏସ୍:** ମହାନଦୀବିହାର ଡେଭଲପ୍‌ମେଣ୍ଟ୍ ଆସୋସିଏସନ୍ (ଏମଡିଏ) ଆନୁକୂଲ୍ୟରେ ମହାନଦୀବିହାର ପେନସନର୍ସ ଆସୋସିଏସନ୍‌ର ବରିଷ୍ଠ ନାଗରିକ ମଞ୍ଚ ମହିଳା ସମିତିର ମିଳିତ ସହଯୋଗରେ ମହାନଦୀବିହାର ସ୍ଥିତ ମହାନଦୀଭବନ ପରିସରରେ ଏକ ବିଶାଳ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଏକ ହଜାରେରୁ ଉର୍ଦ୍ଧ୍ୱ ଲୋକ ଯୋଗଦେଇ ଡାକ୍ତରଙ୍କ ସଙ୍ଗେ ବିଭିନ୍ନ ରୋଗ ବିଷୟରେ ପରାମର୍ଶ କରିଥିଲେ। ଏଥିସହିତ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସରକାର ଜାରି କରିଥିବା ୭୦ ବର୍ଷରୁ ଉର୍ଦ୍ଧ୍ୱ ଲୋକମାନଙ୍କ ପାଇଁ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ପାଇଁ ପି.କେ ନନ୍ଦିଙ୍କ ଜନସେବା କେନ୍ଦ୍ର ସହାୟତାରେ ଏହାର ଆୟୋଜନ କରାଯାଇଥିଲା। ଶିବିରରେ ଅତିଥି ଭାବେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ସ୍ଥାନୀୟ କର୍ପୋରେଟର ଇଂ.ସୁବ୍ରତ ଘଡାଇ ପ୍ରମୁଖ ଯୋଗଦେଇଥିଲେ।

## ତମାଖୁ ନିୟନ୍ତ୍ରଣ କର୍ମଶାଳା

**କଟକ,୨୭।୪/ଏନ୍‌ଏନ୍‌ଏସ୍:** ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ ଏକ ତମାଖୁ ନିୟନ୍ତ୍ରଣ କର୍ମଶାଳା ଆୟୋଜିତ ହୋଇଯାଇଛି। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ଭାଇଟାଲ୍ ଷ୍ଟୁଡେଣ୍ଟ୍ସ୍ ମିଳିତ ଆନୁକୁଲ୍ୟରେ ଏକ ଯୋଜନା ୨ ବର୍ଷ ଧରି କାର୍ଯ୍ୟ କରିଆସୁଛି। ତମାଖୁ ନିୟନ୍ତ୍ରଣ ଆଇନକୁ କଡ଼ାକଡ଼ି ନିମନ୍ତେ ବିଭିନ୍ନ ସରକାରୀ ଅଧିକାରୀ ଏବଂ ଶିକ୍ଷାନୁଷ୍ଠାନର ପ୍ରମୁଖମାନେ ଏହି କର୍ମଶାଳାରେ ସାମିଲ ହୋଇଥିଲେ। ଏହି ଦୁଇ ଦିନିଆ କର୍ମଶାଳାର ପ୍ରଥମ ଦିନରେ ମୁଖ୍ୟବକ୍ତା ଡ଼ା. ମହମ୍ମଦ ଆପ୍ରାନ, ଡ଼ା ଉତ୍କଳ ମହାନ୍ତି, ପ୍ରଭାକର, ଡ଼ା ରିଷିକା ଖରେ, ଡ଼ା ସୁଭାଙ୍ଗିନୀ ସିଂ, ପ୍ରକଳ୍ପ ପ୍ରବନ୍ଧିକା ପୂଜା ପ୍ରଭାତିତା ପଣ୍ଡା, ପ୍ରକଳ୍ପ ସଂଯୋଜିକା ଡା. ଶୁଭ ଲକ୍ଷ୍ମୀ ବଳ, ଅତିଥି ଭାବେ ଡିଆଇଜି ପିନାକୀ ମିଶ୍ର, ଫୁଡ୍ ସେଫ୍ଟି ଅଫିସର୍ ରାଜ୍ୟ ମାନବାଧିକାର ଆୟୋଗ, ପୁଲିସ ଅଧିକାରୀ ଯୋଗ ଦେଇଥିଲେ। ଦିତୀୟ ଦିବସରେ ପିଏଚ୍‌ଡି ସ୍କଲାର, ସୋଇ ୟୁନିଭର୍ସିଟି ଡା. ନାହିଁ ଶତପଥୀ, ଅଧକ୍ଷା ଡ଼ା ମିନାକ୍ଷୀ ପଣ୍ଡା, ଏନ୍‌ସିଡି ସହପରିଚାଳକ ସୁଧାରଞ୍ଜନ ରଥ କର୍ମଶାଳାରେ ଯୋଗ ଦେଇ ତମାଖୁ ନିୟନ୍ତ୍ରଣ ଉପରେ ଆଲୋଚନା କରିଥିଲେ।

## ପହଲଗାମ୍‌ରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ,୨୭।୪/ଏନ୍‌ଏନ୍‌ଏସ୍:** ମାରଓ୍ବାଡି ଯୁବମଞ୍ଚ କଟକ ବିକାଶ ପକ୍ଷରୁ କଶ୍ମୀର ପହଲଗାମ୍‌ଠାରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ପାଇଁ ମହମବତୀ ଶୋଭାଯାତ୍ରା ସ୍ଥାନୀୟ ଗୌରିଶଙ୍କର ପାର୍କ ଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଞ୍ଚର ସଦସ୍ୟ ରମେଶ ଅଗ୍ରଓ୍ବାଲ, ଉମେଶ ଶିକାରିଆ, ମଞ୍ଚର ସଭାପତି ଗୋପାଳକୃଷ୍ଣ ଟିବଡେବାଲ, ସମ୍ପାଦକ ପବନ ଅଗ୍ରଓ୍ବାଲ, କୋଷାଧ୍ୟକ୍ଷ ମୋନୁ ଭରାଲେଓ୍ବାଲା, ପ୍ରୀତମ ହଲାଓ୍ବାସିଆ, ଯସ କାନ୍ଦୋଇ, ରାକେଶ ଚୌଧୁରୀ, ରଷଭ ସାହା, ରୀତା ମୋଦୀ, ନୀଶା ମୋଡା, ରିଙ୍କି ସାଙ୍ଗେରିଆ, କଟକ ମାରଓ୍ବାଡ଼ି କ୍ଲବ୍ ସଭାପତି ସଞ୍ଜୟ ଶର୍ମା, ଉତ୍କଳ ପ୍ରାଦେଶିକ ମାରଓ୍ବାଡି ସମ୍ମିଳନୀର ସଚିବ ମନୋଜ ଦୁଗ୍ଗଡ ଏବଂ କଟକ ଶାଖାର ସଦସ୍ୟ ରାକେଶ ଅଗ୍ରଓ୍ବାଲ, ସଞ୍ଜୟ ଅଗ୍ରଓ୍ବାଲ ଓ ରାମଗୋପାଳ ଅଗ୍ରଓ୍ବାଲଙ୍କ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ନୃସିଂହ ସାହୁଙ୍କ ସ୍ମୃତିଚାରଣ ସଭା ଓ ଭଜନ ସମାରୋହ

**କଟକ,୨୭।୪/ଏନ୍‌ଏନ୍‌ଏସ୍:** କାଳିଆବୁଦା ମା' ଶ୍ୟାମାକାଳୀ ପରିଚାଳନା କମିଟି ମୁଖ୍ୟ ପରିଚାଳକ ଅଶୋକ କୁମାର ମହାନ୍ତିଙ୍କ କମିଟି ପକ୍ଷରୁ ମା'ଙ୍କ ମନ୍ଦିର ପରିସରରେ ୨୨ଦିଗ ଭାଗ ସଂକୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀ ସ୍ୱର୍ଗତ୍ ନୃସିଂହ ଚରଣ ସାହୁଙ୍କ ସ୍ମୃତିଚାରଣ ସଭା ଓ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇଥିଲେ। କମିଟିର ସଭାପତି ଶୁକଦେବ ମହାନ୍ତି, ସମ୍ପାଦକ ସରୋଜ କୁମାର ମହାନ୍ତି, କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ପୂର୍ବାଞ୍ଚଳ ଶାନ୍ତିକମିଟି କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ,ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଡ.ରଞ୍ଜନ ବିଶ୍ୱାଳ, ଇଂ ପ୍ରଦିପ ବେହେରା, ବିଶ୍ୱଜିତ ସୂର୍ଯ୍ୟବଂଶୀ, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ, ପ୍ରମୋଦ ସାହୁ, ଅକ୍ଷୟ ପଣ୍ଡା, ହୃଦାନନ୍ଦ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମଲ୍ଲିକ, ଶରତ ଚନ୍ଦ୍ର ପ୍ରଧାନ, ଫକୀର ଚରଣ ବରାଳ, ଗଣେଶ ରାଉତ, ଗୌତମ ପରିଡ଼ା, ପ୍ରଦୀପ ସାହୁ, ମନୋରଞ୍ଜନ ସାହୁ, ରବୀନ୍ଦ୍ର ବେହେରା, ବିକାଶ ଚନ୍ଦ୍ର ପଣ୍ଡା, ସୁଶାନ୍ତ କୁମାର ବସ୍ତିଆ, ପ୍ରଣୟ କୁମାର ଖୁଣ୍ଟିଆ, ନରେନ୍ଦ୍ର ଚୌଧୁରୀ, ବିଭୂତି ଭୂଷଣ ବୈଶାଖ, ବାସୁଦେବ ବରାଳ, ହରେକୃଷ୍ଣ ଦାସ, ଜ୍ୟୋତିପ୍ରକାଶ ସାହୁ, ଗୋପୀନାଥ ସାହୁ, ଶଶୀଭୂଷଣ ସ୍ୱାଇଁ, ବସନ୍ତ ସ୍ୱାଇଁ, ଲକ୍ଷ୍ମୀଧର ମହାନ୍ତି, ବିଭୂତି ଭୂଷଣ ପରିଡ଼ା, ବିଗନ ପ୍ରଧାନଙ୍କ ସମେତ ବିଭିନ୍ନ ଅଞ୍ଚଳର ମୁରବୀ, ଅଧିକାରୀ, କଟୁଆଳ ଓ ମହନ୍ତ ପ୍ରମୁଖ ଯୋଗଦେଇ ନୃସିଂହ ଚରଣ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସ୍ମୃତିଚାରଣ କରିବା ପରେ ପରିଚାଳନା କମିଟି ପକ୍ଷରୁ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଶୁତୋଷ ମହାନ୍ତି, ଜିତେନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ସମ୍ପାଦକ ସରୋଜ କୁମାର ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

## ସାରସ୍ୱତ ସାଧକ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ତୈଳଚିତ୍ର ଉନ୍ମୋଚିତ

**କଟକ,୨୭।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାର ସର୍ବପ୍ରାଚୀନ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ତଥା ଦୈନିକ ଓଡ଼ିଆ ଖବରକାଗଜ 'କାଳାନ୍ତର'ର ପ୍ରତିଷ୍ଠାତା ସ୍ୱର୍ଗତ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ନୃସିଂହନାଥ ସିଂହ, ମୁଖ୍ୟବକ୍ତା ବର୍ଷୀୟାନ ସାମ୍ବାଦିକ ସର୍ବେଶ୍ୱର ଦାଶ ପ୍ରମୁଖ ଯୋଗଦେଇ ବିଶିଷ୍ଟ ସାରସ୍ୱତ ସାଧକ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ତୈଳଚିତ୍ରକୁ ଉନ୍ମୋଚିତ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରି କହିଲେ ଯେ, କବିତା ରଚନା ସାହିତ୍ୟ ସଂଗଠନ, ପତ୍ରିକା, ସମ୍ବାଦପତ୍ର ସମ୍ପାଦନା ଓ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଉତ୍ତରପିଢିକୁ ମାର୍ଗଦର୍ଶନ ଦେଇଆସିଛି। ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମେଳନ ମାଧ୍ୟମରେ ସେ ଯେଉଁ ଆନ୍ଦୋଳନ ଆରମ୍ଭ କରିଥିଲେ ତାହା ଆଜି ବଳବତ୍ତର ରହିଛି। ପରେ ପରେ ଅନୁଷ୍ଠାନ ପକ୍ଷରୁ ମାତୃବନ୍ଦନା ଗାନ କରାଯାଇଥିଲା। ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରସାଦ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଗଠକ ସମ୍ପାଦକ ଡ଼. ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। କାଳାନ୍ତର ଖବରକାଗଜର ଉତ୍ତରଦାୟଦ ସୌମ୍ୟକାନ୍ତ ସାମନ୍ତରାୟ ଉପେନ୍ଦ୍ର ବାବୁଙ୍କ ସହ ବିତାଇଥିବା ସ୍ମୃତିକୁ ବଖାଣିଥିଲେ। ପ୍ରାରମ୍ଭରେ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଦିଲ୍ଲୀପ ଦାସ ଧନ୍ୟବାଦ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ଶଶିକାନ୍ତ ରାଉତ, ତପନ କୁମାର ସ୍ୱାଇଁ, ରାଧାଶ୍ୟାମ ରାଉଳଙ୍କ ସମେତ ବରିଷ୍ଠ ସାହିତ୍ୟକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



## ଆଜିର ଇତିହାସ

- ୧୭୪୦-ମରାଠା ଶାସକ ପେଶୱା ବାଜିରାଓ ପ୍ରଥମଙ୍କ ନିଧନ।
- ୧୯୨୯-ଭାରତୀୟ ଫିଲ୍ମର ପ୍ରସିଦ୍ଧ ଡ୍ରେସ୍ ଡିଜାଇନର୍ ଭାନୁ ଅଥୈୟା ଜନ୍ମଗ୍ରହଣ କରିଥିଲେ।
- ୧୯୪୩-ନେତାଜୀ ଜର୍ମାନୀରୁ ଜାପାନ ଯାତ୍ରା ସମୟରେ ଏକ ପଣ୍ଡୁବୀରେ ସବାର ହୋଇଥିଲେ।
- ୧୯୫୫-ଭାରତୀୟ ଉଦ୍ୟୋଗପତି ଓ ଅଟୋମୋବାଇଲ୍ କ୍ଷେତ୍ରର ଅଗ୍ରଣୀ ଉଦ୍ୟମୀ ଟିଭି ସୁନ୍ଦରମ୍ ଅୟଙ୍ଗରଙ୍କ ନିଧନ ହୋଇଥିଲା।
- ୨୦୦୮-ଇସ୍ରୋ ପିଏସ୍ଏଲ୍ଭି-ସି୯ ସହିତ ୧୦ଟି ସାଟେଲାଇଟ୍ ଏକା ସହିତ ଛାଡ଼ି ନୂଆ ଇତିହାସ ରଚିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – କ୍ୟାରିୟର୍‌ରେ ବାଧା ଉପୁଜି ହେବ। ସମସ୍ୟାଗୁଡ଼ିକରେ ସୁଧାର ହେବ। ବ୍ୟାପାରରେ ନୂଆ ଯୋଜନାରେ ମନ ଲଗାଇବେ। ଅଳ୍ପ ଦୂର ସ୍ଥାନକୁ ଯିବା ପାଇଁ ଅବସର ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

**ବୃଷ** – ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଅନୁଭବୀ ବ୍ୟକ୍ତିଙ୍କ ଠାରୁ ପରାମର୍ଶ ନେଇପାରନ୍ତି। ମନ ପ୍ରସନ୍ନ ରହିବ। ପରିଜନଙ୍କ ତରଫରୁ ଶୁଭ ସୂଚନା ମିଳିପାରେ। କେତେକ କାମରେ ହାତ ମାରିଲେ ସମସ୍ୟା ହୋଇପାରେ।

**ମିଥୁନ** – ଧୈର୍ଯ୍ୟର ସହିତ କାମ କରିବେ। ଲାଭ ମିଳିପାରେ। ବ୍ୟାପାରରେ ଆର୍ଥିକ ଲାଭ ହୋଇପାରେ। ଆଧ୍ୟାତ୍ମିକ ବିଷୟଗୁଡ଼ିକରେ ରୁଚି ବଢ଼ିବ। ରୋଜଗାର ମିଳିବାର ସମ୍ଭାବନା ରହିଛି। ଧାର୍ମିକ କାମରେ ମନ ଲାଗିବ।

**କର୍କଟ** – ବ୍ୟବସାୟରେ ବଡ଼ ରିସ୍କ ନେବେ ନାହିଁ। ଅଜଣା ଲୋକଙ୍କ ଠାରୁ ଦୂରରେ ରହିଲେ ଭଲ। ଅବିବାହିତ ଜାତକରେ ବିବାହର ମୋହର ଲାଗିପାରେ। ଚାକିରି କ୍ଷେତ୍ରରେ ଅଧିକାରୀଙ୍କୁ ଅଣଦେଖା କରିଲେ କ୍ଷତି ହେବ।

**ସିଂହ** – ଦାମ୍ପତ୍ୟ ଜୀବନରେ ମଧୁରତା ରହିବ। ସମ୍ପତ୍ତି ସହିତ ଜଡ଼ିତ ବିବାଦରେ ବିଜୟୀ ହେବେ। ଭାଗୀଦାରୀ ବ୍ୟବସାୟରେ ଆର୍ଥିକ ଲାଭର ଯୋଗ ରହିଛି। ମିତ୍ରଙ୍କ ସହିତ ସମୟ ଅତିବାହିତ କରିବେ।

**କନ୍ୟା** – ଦିନଟି ମିଶ୍ରିତ ଫଳ ଦେବ। କାର୍ଯ୍ୟକ୍ଷେତ୍ରରେ ନୂଆ ଦାୟିତ୍ୱ ମିଳିବ। ପୁରୁଣା ଭୁଲ୍ ଲୋକଙ୍କ ସାମ୍ନାରେ ଉଜାଗର ହେବ। ସରକାରୀ ଚାକିରି ପାଇଁ ନୂଆ ଆବେଦନ କରିପାରନ୍ତି। ବ୍ୟାପାର ଠିକ୍‌ଠାକ୍ ଚାଲିବ।

**ତୁଳା** – ପ୍ରତିସ୍ପର୍ଦ୍ଧାର ଭାବ ବଜାୟ ରହିବ। ମହତ୍ତ୍ୱପୂର୍ଣ୍ଣ ମାମଲାରେ ଆଜି ନିଷ୍ପତ୍ତି ଆପଣଙ୍କ ପକ୍ଷରେ ଯିବ। ଶୈକ୍ଷଣିକ ଗତିବିଧିଗୁଡ଼ିକରେ ବ୍ୟସ୍ତ ରହିବେ। ଅଧ୍ୟୟନରେ ଆଧ୍ୟାତ୍ମ ପ୍ରତି ଆକର୍ଷିତ ହେବେ।

**ବିଛା** – ନୂଆ ସମ୍ପତ୍ତି କିଣିବାର ଯୋଜନା କରିବେ। ବ୍ୟବସାୟ ପାଇଁ ଭଲ ସମୟ। ଅସାବଧାନତା କ୍ଷତି ଦେଇପାରେ। ପରିବାର କୌଣସି ମାଙ୍ଗଳିକ କାର୍ଯ୍ୟକ୍ରମରେ ସାମିଲ ହୋଇପାରେ। ଧନ ଲାଭର ଆଶା ଅଛି।

**ଧନୁ** – ଆଜିର ଦିନଟି ଭଲରେ କଟିବ। ଜନ କଲ୍ୟାଣ କାମରେ ମନ ଲାଗି ରହିବ। ଅନ୍ୟମାନଙ୍କ କାମ ସହିତ ନିଜ କାମରେ ଧ୍ୟାନ ଦେବେ। ସାମାଜିକ କ୍ଷେତ୍ରରେ ସାବଧାନ ରହିଲେ ଭଲ।

**ମକର** – ଦିନଟି ଆନନ୍ଦମୟ ହେବ। ସୁଖ-ସୁବିଧାର ବସ୍ତୁଗୁଡ଼ିକରେ ଧନ ଖର୍ଚ୍ଚ ହେବ। ଅତିଥିଙ୍କ ଆଗମନ ହୋଇପାରେ। ଭାଇଙ୍କ ସହଯୋଗରେ ସମସ୍ୟାରୁ ବାହାରିବେ। ଆର୍ଥିକ ମାମଲା ଅଳ୍ପ ସମସ୍ୟା କରେଇବ।

**କୁମ୍ଭ** – ରଚନାତ୍ମକ କାର୍ଯ୍ୟରେ ଦିନଟି ଅତିବାହିତ ହେବ। କୌଣସି ମହତ୍ତ୍ୱପୂର୍ଣ୍ଣ ସୂଚନା ମିଳିପାରେ। ମାନ-ସମ୍ମାନ ବୃଦ୍ଧି ହୋଇପାରେ। ନିକଟ ସମ୍ପର୍କୀୟ ନାରାଜ ହୋଇପାରନ୍ତି। ଚିନ୍ତା କରି କାମ କରିଲେ ଭଲ।

**ମୀନ** – ନିଜ ଦାୟିତ୍ୱକୁ ପୂରା କରିବେ। କାନୁନୀ ମାମଲା ପାଇଁ ଧୈର୍ଯ୍ୟ ଧରନ୍ତୁ। ଆପଣଙ୍କ ଆକର୍ଷଣ ଲୋକମାନଙ୍କୁ ପ୍ରଭାବିତ କରିବ। ଧାର୍ ନକଲେ ଭଲ। ବିଦେଶରେ ରହୁଥିବା ପରିଜନଙ୍କ ସହିତ ସାକ୍ଷାତ ହୋଇପାରେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଗତିର୍ଭର୍ତ୍ତା ପ୍ରଭୁଃ ସାକ୍ଷୀ ନିବାସଃ ଶରଣଂ ସୁହୃତ୍।
ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟମ୍। (୯/୧୮)**

ମୁଁ ଗତି, ମୁଁ କର୍ତ୍ତା, ମୁଁ ପୋଷଣକର୍ତ୍ତା, ମୁଁ ପ୍ରଭୁ, ମୁଁ ସାକ୍ଷୀ, ମୁଁ ନିବାସସ୍ଥାନ, ମୁଁ ରକ୍ଷକ, ମୁଁ ସୁହୃତ, ମୁଁ ସ୍ରଷ୍ଟା, ମୁଁ ସଂହର୍ତ୍ତା, ମୁଁ ଆଧାର, ମୁଁ ଲୟସ୍ଥାନ ଏବଂ ମୁଁ ଅବିନାଶୀ ବୀଜ ସ୍ୱରୂପ। ଅର୍ଥାତ ନାନା ପ୍ରକାର କର୍ମ ବା ସାଧନା କଲେ ଜୀବକୁ ଯେଉଁ ଫଳ ଲାଭ ହୁଏ ଭଗବାନ ସେହି ଗତି ସ୍ୱରୂପ। ଚରାଚର ଜଗତକୁ ପୋଷଣ କରୁଥିବାରୁ ସେ ଭର୍ତ୍ତା। ତାଙ୍କର ନିର୍ଦ୍ଦେଶରେ ସୂର୍ଯ୍ୟ ଚନ୍ଦ୍ର ପ୍ରଭୃତି ନିୟମ ଅନୁଯାୟୀ କାର୍ଯ୍ୟ କରୁଥିବାରୁ ସେ ପ୍ରଭୁ। ସେ ତାଙ୍କର ସୃଷ୍ଟିକୁ ସର୍ବଦା ନିର୍ଲିପ୍ତ ଭାବେ ଦେଖୁଥିବାରୁ ସେ ସାକ୍ଷୀ। ଯେହେତୁ ସମସ୍ତେ ତାଙ୍କ ଠାରେ ବାସ କରନ୍ତି ତେଣୁ ସେ ନିବାସ। ଜୀବକୁ ବିପଦରୁ ରକ୍ଷା କରନ୍ତି ତେଣୁ ସେ ଶରଣ। ପ୍ରତ୍ୟୁପକାର ଆଶା ନ ରଖି ସେ ଜୀବର ଉପକାର କରନ୍ତି ତେଣୁ ସେ ସୁହୃତ। ସୃଷ୍ଟି, ସ୍ଥିତି ଓଁ ପ୍ରଳୟର କାରଣ ହେତୁ ସେ ପ୍ରଭଭ। ତାଙ୍କଠାରେ ଜଗତ ଲୟପ୍ରାପ୍ତ ହୁଏ, ତେଣୁ ସେ ନିଧାନ। ସମସ୍ତ ନଷ୍ଟ ହେଲେ ବି ସେ ନଷ୍ଟ ହୁଅନ୍ତି ନାହିଁ, ତେଣୁ ସେ ଅବିନାଶୀ ବୀଜ ସ୍ୱରୂପ।

# ଉତ୍କଳ ଗୌରବ ମଧୁସୂଦନ ଦାସ



**ଜନ୍ମ-୨୮ ଏପ୍ରିଲ୍, ୧୮୪୮। ସ୍ଥାନ-ସତ୍ୟଭାମାପୁର
ମୃତ୍ୟୁ-୪ ଫେବୃଆରୀ, ୧୯୩୪। ସ୍ଥାନ-କଟକ**

ମଧୁବାବୁଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ଗ୍ରାମ ଚାଟଶାଳୀରୁ। ଏହାପରେ ସେ କଟକ ଠାରେ ଇଂରାଜୀ ବିଦ୍ୟାଳୟରେ ଯାଇ ନାମ ଲେଖାଇଥିଲେ। ହାଇସ୍କୁଲ୍ ଶିକ୍ଷା ଶେଷ କରିବା ପରେ ବାଲେଶ୍ୱରରେ କିରାଣି ଭାବରେ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ ମଧୁବାବୁ। ସେଠାରେ କିଛି ଅର୍ଥ ସଞ୍ଚୟ କରିବା ପରେ ସେ କଲିକତାକୁ ଗଲେ। ଯେଉଁଠାରେ ଚାକିରି କରୁଥିଲେ ଅନେକ ଓଡ଼ିଆ ଲୋକ। କିନ୍ତୁ ସେମାନେ ଶିକ୍ଷିତ ନଥିଲେ। ସେମାନଙ୍କର ଶିକ୍ଷାଗତ ଉନ୍ନତି ପାଇଁ ମଧୁବାବୁ ସେଠାରେ ପ୍ରତିଷ୍ଠା କରିଥିଲେ ନୈଶ୍ୟ ବିଦ୍ୟାଳୟ। ସେ ମଧ୍ୟ କଲିକତା ବିଶ୍ୱବିଦ୍ୟାଳୟରୁ ବିଏଲ୍ ପାସ୍ କରିଥିଲେ। ତାଙ୍କର ଓକିଲାତି ଜୀବନ ଆରମ୍ଭ ହୋଇଥିଲା ଆଲିପୁର କୋର୍ଟରୁ। ଏହାପରେ ୧୮୮୧ରେ କଲିକତାରୁ ଫେରି ସେ କଟକରେ ଓକିଲାତି କଲେ। ଏଠାରେ ମଧ୍ୟ ଅନେକ ପରିହାସର ସମ୍ମୁଖୀନ ହେବା ପରେ ଖଣ୍ଡପଡ଼ା ରାଜାଙ୍କ ମକଦ୍ଦମା, କେନ୍ଦୁଝର ରାଜାଙ୍କ ମକଦ୍ଦମା, ଶ୍ରୀମନ୍ଦିର ପରିଚାଳନା ବିବାଦ ଭଳି କେତେକ ଜଟିଳ ମକଦ୍ଦମାରେ ବିଜୟୀ ହୋଇ ସେ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ଓଡ଼ିଶାରେ ଶିଳ୍ପର ବିକାଶ କ୍ଷେତ୍ରରେ ମଧୁବାବୁଙ୍କ ଅବଦାନ ଥିଲା ଅତୁଳନୀୟ। କଟକର ତାରକସି କାମ ପାଇଁ ନିଜ ବାସଘରେ ଏକ କର୍ମଶାଳାର ଆୟୋଜନ କରି କାରିଗରମାନଙ୍କୁ ତାଲିମ ପ୍ରଦାନ କରିବାର ବ୍ୟବସ୍ଥା କରି ଏହିସବୁ କାମର ପ୍ରଦର୍ଶନୀ ଲଣ୍ଡନ ଠାରେ କରାଇଥିଲେ ମଧୁବାବୁ। ଏହା ବ୍ୟତୀତ ଉତ୍କଳ ଟ୍ୟାନେରୀ ନାମକ ଜୋତା କାରଖାନାର ସେ ଥିଲେ ପ୍ରତିଷ୍ଠାତା। ଜଣେ ଲେଖକ ଓ କବି ଭାବରେ ଅନେକ ଦେଶାତ୍ମବୋଧକ ଲେଖା ସେ ଲେଖି ଯାଇଛନ୍ତି। ଓଡ଼ିଆ, ଇଂରାଜୀ ଓ ବଙ୍ଗଳାରେ ଜଣେ ସୁବକ୍ତା ଭାବରେ ତାଙ୍କର ପରିଚୟ ରହିଛି। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ଅନେକ ଚେଷ୍ଟା କରିବା ପରେ ଭାଷା ଭିତ୍ତିରେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାର ପ୍ରତିଷ୍ଠା ହୋଇଥିଲା। ସେ ଥିଲେ ସ୍ୱାଭିମାନର ପ୍ରତୀକ।


# ଜାତୀୟ କବି ବୀରକିଶୋର



ବିଶ୍ୱର ପ୍ରମୁଖ ମୁକ୍ତି ସଂଗ୍ରାମରେ କବି, ଲେଖକ, ସାରସ୍ୱତ ସ୍ରଷ୍ଟାମାନଙ୍କ ଅତୁଳନୀୟ ଯୋଗଦାନକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସେହିପରି ଓଡ଼ିଶାରେ ହୋଇଥିବା ଜାତୀୟ ଆନ୍ଦୋଳନରେ ଜାତୀୟ କବି ଓ ସଂଗ୍ରାମୀ ବୀରକିଶୋର ଦାସଙ୍କ ବୀରତ୍ୱପୂର୍ଣ୍ଣ ଯୋଗଦାନ ଓ ଅବଦାନକୁ ଲୋକମାନେ ଆଜି ବି ସ୍ମରଣ କରୁଛନ୍ତି। ତାଙ୍କ ଦ୍ୱାରା ରଚିତ ବୀରୋଚିତ କବିତାର ପ୍ରାଣସ୍ପର୍ଶୀ ଆବେଦନ ବିପ୍ଳବୀମାନଙ୍କ ମନରେ ସେ ସମୟରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ କରିଥିଲା। ୨୩ ନଭେମ୍ବର, ୧୮୯୮ରେ ଜଗତସିଂହପୁର ଜିଲ୍ଲାର ପୁନଙ୍ଗ ଗ୍ରାମରେ ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ କବି ବୀରକିଶୋର। ଗ୍ରାମ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ସମାପ୍ତ ହେବା ପରେ କଟକ ସ୍ଥିତ ଭିକ୍ଟୋରିଆ ଉଚ୍ଚ ବିଦ୍ୟାଳୟରେ ସେ ଅଧ୍ୟୟନ କରି ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ କିନ୍ତୁ ଏଫ୍ଏ ଶିକ୍ଷା ଅସମ୍ପୂର୍ଣ୍ଣ ରହିଯାଇଥିଲା। ବିବାହ କରିବା ପରେ ଲବଣ ସତ୍ୟାଗ୍ରହରେ ସେ ଯୋଗ ଦେଇଥିଲେ। ସଂଗ୍ରାମୀ ଜୀବନରେ ସାତ ଥର ଜେଲ୍‌ଦଣ୍ଡ ପାଇଥିବା ଏହି କବିଙ୍କର ଅନେକ ପାଣ୍ଡୁଲିପିକୁ ପୁଲିସ୍ ନଷ୍ଟ କରି ଦେଇଥିଲା। ସ୍ୱାଧୀନତା ପରେ ସେ କଟକ ସଦର ଲୋକାଲ୍ ବୋର୍ଡ ଚେୟାରମ୍ୟାନ୍ ପଦ ସମ୍ଭାଳି ଥିଲେ। ଦ୍ୱିତୀୟ ବିଧାନସଭା ନିର୍ବାଚନରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରୁ ବିଜୟୀ ହେବା ପରେ ତାଙ୍କର ରାଜନୈତିକ କ୍ୟାରିୟର୍ ଆରମ୍ଭ ହୋଇଥିଲା। ବାପୁଜୀଙ୍କ ବାଣୀକୁ ନେଇ ୧୯୨୨ରେ ସେ ରଚନା କରିଥିଲେ ପୁସ୍ତକ ‘ମୋହନବଂଶୀ’। ୧୯୪୬ରେ ପ୍ରକାଶିତ ହୋଇଥିବା ପାଠ୍ୟ ପୁସ୍ତକ ମୋ ଛବି ବହି, ନୂଆ ଛବି ବହି, ଶିଶୁଲେଖା ପତ୍ରିକା ଓ ମାସିକ ଶିଶୁ ସାହିତ୍ୟ ପତ୍ରିକା ‘ମୋ ଦେଶ’ ତାଙ୍କ ସାଧନାର ଫଳ। ୧୯୭୩ ମସିହା ଆଜିର ଦିନରେ ସ୍ୱରାଜ ଆଶ୍ରମ, କଟକରେ ଏହି କବି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ବିକ୍ରାନ୍ତଙ୍କ ଧର୍ମଗୁରୁ ଅବତାର





ଅଭିନେତା ବିକ୍ରାନ୍ତ ମାସି ଫିଲ୍ମ ‘ସାବରମତୀ ଏକ୍ସପ୍ରେସ୍’ର ସଫଳତା ପରେ ଫିଲ୍ମି ଦୁନିଆରୁ ବ୍ରେକ୍ ନେବା ବିଷୟରେ ଘୋଷଣା କରିଥିଲେ। କିନ୍ତୁ ଏବେ ଖବର ଆସୁଛି ଯେ ଆଗାମୀ ପ୍ରୋଜେକ୍ଟ ‘ହ୍ୱାଇଟ୍’ ପାଇଁ ପ୍ରସ୍ତୁତ ହେଉଛନ୍ତି ବିକ୍ରାନ୍ତ। ଏହାକୁ ଏକ ଥ୍ରୀଲର୍ ବୋଲି କୁହାଯାଉଛି ଯେଉଁଥି ପାଇଁ ବିକ୍ରାନ୍ତ କେଶ ବଢ଼ଉଛନ୍ତି। କେଶ ବଢ଼େଇବାର କାରଣ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ପରି ସେ ଦେଖାଯିବା ପାଇଁ ଚାହୁଁଛନ୍ତି। ତେବେ ଏହା ପୂର୍ବରୁ ମଧ୍ୟ ବିକ୍ରାନ୍ତ ଧାର୍ମିକ ଗୁରୁ ଭୂମିକାରେ ଅଭିନୟ କରିଥିଲେ ଯେଉଁଥିରେ ରହିଥାଏ ଅଧିକ ନେଗେଟିଭ୍ ସେଡ୍‌ସ। ଫିଲ୍ମ ‘ହ୍ୱାଇଟ୍’ରେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଭୂମିକାରେ ଅଭିନୟ କରିବେ ବିକ୍ରାନ୍ତ ଯିଏ କୋଲମ୍ବିଆର ୫୨ ବର୍ଷର ଦୀର୍ଘ ଗୃହଯୁଦ୍ଧକୁ ସମାପ୍ତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଖବର ଅନୁସାରେ ଫିଲ୍ମରେ ରହିବେ ଅନ୍ତଃରାଷ୍ଟ୍ରୀୟ ସ୍ତରର ଏକ ଦଳ ଓ ଏହାକୁ କେତେଗୁଡ଼ିଏ ଭାଷାରେ ରିଲିଜ କରାଯିବାର ଯୋଜନା ରହିଛି। ଶ୍ରୀ ଶ୍ରୀ ରବିଶଙ୍କରଙ୍କ ପରି ଦେଖାଯିବା ପାଇଁ ବିକ୍ରାନ୍ତ କେଶ ବୃଦ୍ଧି କରେଇବା ସହିତ ତାଙ୍କର ବଡି ଲାଙ୍ଗୁଏଜ ଉପରେ ମଧ୍ୟ ଧ୍ୟାନ ଦେଉଛନ୍ତି। ଏହା ପୂର୍ବରୁ ଧର୍ମଗୁରୁଙ୍କ ଉପରେ ନିର୍ମିତ ଫିଲ୍ମର ସୂଚୀରେ ରହିଛି ୨୦୧୬ର ଫିଲ୍ମ ‘ଗ୍ଲୋବାଲ୍ ବାବା’। ଏଥିରେ ଅଭିମନ୍ୟୁ ସିଂହ ଧାର୍ମିକ ଗୁରୁ ଭୂମିକାରେ ନଜର ଆସିଥିଲେ। ଅମୀର ଖାନଙ୍କ ‘ପିକେ’ରେ ସୌରଭ ଶୁକ୍ଳା ଜଣେ ଚାଲାକ ହିନ୍ଦୁ ଗୁରୁ ଭାବରେ ନଜର ଆସିଥିଲେ। ‘ସିଂଘମ୍ ରିଟର୍ଣ୍ଣସ୍’ରେ ଅମୋଲ୍ ଗୁପ୍ତା, ‘କୁକୁ ମାଥୁର କି ଝଣ୍ଡ୍ ହୋ ଗୟି’ରେ ଅଭିନେତା ବ୍ରଜେନ୍ଦ୍ର କାଲା ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ସେହିପରି ‘ଏଏମ୍‌ଜି’ରେ ମିଥୁନ ଚକ୍ରବର୍ତ୍ତୀ ଓ ଗୋବିନ୍ଦ ନମଦେବ, କମେଡି ଫିଲ୍ମ ‘ବୁଢ଼୍‌ଢ଼ା ମର୍ ଗୟା’ରେ ଓମ୍ ପୁରୀ ଧାର୍ମିକ ଗୁରୁ ଭୂମିକାରେ ନଜର ଆସିସାରିଛନ୍ତି।

# ଅଳ୍ପ ସ୍ୱର ଓ ବ୍ୟବହାର୍‌ରେ ପରିବର୍ତ୍ତନ

ଗାଲାପାଗୋସ୍ ଦ୍ୱୀପ ସମୂହରେ ଆଜି ବି ପ୍ରକୃତିର ଶାନ୍ତ ରୂପ ଦେଖିବାକୁ ମିଳେ। ସେଠାରେ ଦେଖିବାକୁ ମିଳିଛି ଏକ ଆଶ୍ଚର୍ଯ୍ୟ ହେବା ପରି ଘଟଣା। ଦ୍ୱୀପ ସମୂହରେ ସୁନେଲି ରଙ୍ଗର ଗୀତ ଗାଉଥିବା ପକ୍ଷୀ ଯେଉଁମାନଙ୍କୁ ଗାଲାପାଗୋସ୍ ୟେଲୋ ୱାର୍ବଲର୍ ବୋଲି କୁହାଯାଏ ସେମାନେ ଆଉ ଶାନ୍ତ ହୋଇ ରହୁନାହାନ୍ତି। ଏକ ନୂଆ ରିସର୍ଚ୍ଚ ଅନୁସାରେ ଏହି ପକ୍ଷୀଗୁଡ଼ିକ ପୂର୍ବାପେକ୍ଷା ଅଧିକ କ୍ରୋଧିତ ଥିବାର ଜଣାପଡୁଛନ୍ତି। ଏହି ପରିବର୍ତ୍ତନର କାରଣ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ ମଣିଷମାନଙ୍କ ଦ୍ୱାରା ବ୍ୟାପୁଥିବା କୋଳାହଳ। ବୈଜ୍ଞାନିକମାନଙ୍କ ଅନୁସାରେ ଅଳ୍ପ ସ୍ୱର ବା କୋଳାହଳ ଏହି ପକ୍ଷୀଗୁଡ଼ିକର ବ୍ୟବହାରରେ ପରିବର୍ତ୍ତନ ଆଣୁଛି। ଏବେ ସହରର କୋଳାହଳ ପ୍ରକୃତିର ସବୁଠାରୁ କୋମଳ ଜୀବମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଯାଉଛି। ତେବେ ଏହିଠାରେ ପ୍ରଶ୍ନ ଉଠୁଛି ସତରେ କ’ଣ ଆମର ଆଧୁନିକ ଜୀବନ ପ୍ରଗତି ପଥରେ ଅଛି ନା ଆମେ ଆମ ଦୁନିଆକୁ କ୍ଷତି ପହଞ୍ଚାଉଛନ୍ତି ?



ବୈଜ୍ଞାନିକମାନେ ଗାଲାପାଗୋସ୍ ଦ୍ୱୀପର ୩୮ଟି ସ୍ଥାନରେ ଟ୍ରାଫିକ୍‌ର ସ୍ୱରକୁ ରେକର୍ଡିଂ କରିଥିଲେ। ଯେଉଁଠାରେ ଅଧିକ ଟ୍ରାଫିକ୍‌ର ସ୍ୱର ଶୁଣିବାକୁ ମିଳୁଥିଲା ପକ୍ଷୀମାନଙ୍କର ବ୍ୟବହାର ସେତିକି ଆକ୍ରମକ ଥିବାର ଦେଖିବାକୁ ମିଳିଥିଲା। ଫ୍ଲୋରିଆନା ଦ୍ୱୀପରେ ମାତ୍ର ୧୦ଟି କାର୍ ଅଛି ଓ ସେହିଠାରେ ମଧ୍ୟ ଏପରି ପ୍ରଭାବ ଦେଖିବାକୁ ମିଳିଥିଲା। କୋଳାହଳ ଓ ତୀବ୍ର ଧ୍ୱନି କେବଳ ମଣିଷମାନଙ୍କ ପାଇଁ ନୁହେଁ, ପଶୁ ଓ ପକ୍ଷୀମାନଙ୍କ ପାଇଁ ମଧ୍ୟ କ୍ଷତିକାରକ। କୋଳାହଳ ଏମାନଙ୍କର ବ୍ୟବହାରରେ ପରିବର୍ତ୍ତନ ଆଣିପାରେ। ଏମାନଙ୍କୁ ଚାପରେ ରଖେ ଓ ସେମାନଙ୍କ ମଧ୍ୟରେ ହେଉଥିବା ଯୋଗାଯୋଗ ମଧ୍ୟ ବିଗିଡ଼ିଯାଏ। ଏମାନେ ସଠିକ୍ ଭାବରେ ପରସ୍ପର ସହିତ ସମ୍ବାଦ କରିପାରନ୍ତି ନାହିଁ ଓ ଏଥିପାଇଁ ଏମାନେ ଆକ୍ରମଣାତ୍ମକ ବ୍ୟବହାର ଦେଖାଇଥାଆନ୍ତି। ପର୍ଯ୍ୟାବରଣ ସଂରକ୍ଷଣ ଏଜେନ୍ସି ଅନୁସାରେ ଅଧିକ କୋଳାହଳ ମଣିଷମାନଙ୍କ ମଧ୍ୟରେ ଉଚ୍ଚ ରକ୍ତଚାପ, ଅନିଦ୍ରା, ଚାପ ଓ କାମରେ ଧ୍ୟାନର ଅଭାବ ପରି ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଶବ୍ଦ-ପ୍ରଦୂଷଣକୁ ଗମ୍ଭୀରତାର ସହିତ ନେବା ଉଚିତ।


# ଜଣେ ପକ୍ଷୀପ୍ରେମୀ

ଓଡ଼ିଶାର ଜଣେ ପକ୍ଷୀପ୍ରେମୀ କାହ୍ନୁ ବେହେରା। ସେ ଚାରାରେ ଭରି ରହିଥିବା ଏକ ବ୍ୟାଗ୍ ନେଇ ପହଞ୍ଚିଯାଆନ୍ତି ସାନା ମୁଣ୍ଡାଳୀ ଜଙ୍ଗଲରେ। ହାତବଢ଼େଇ ସେ କହନ୍ତି-ଆ ଆଆ... ରାଜା ଆ। କେବଳ ଏତିକି ଡ଼ାକ ଶୁଣି ସେଠାରେ ଜମା ହୋଇଯାଆନ୍ତି ୨୦୦ରୁ ଅଧିକ ମୟୂର ପକ୍ଷୀ। ନିଜର ଚମକପୂର୍ଣ୍ଣ ପଙ୍ଖ ମେଲାଇ ଦୌଡ଼ି ଆସନ୍ତି କାହ୍ନୁଙ୍କ ପାଖକୁ। ଏହିପରି ଦୃଶ୍ୟ ଦିନରେ ଦୁଇ ଥର ଦେଖିବାକୁ ମିଳେ- ସକାଳେ ଓ ଦ୍ୱିପହରେ। କିଛି ମୟୂର ତାଙ୍କ ହାତରୁ ଦାନା ନେଇ ଖାଆନ୍ତି କିଛି ଅପେକ୍ଷା କରି ରହନ୍ତି। କେହି କେହି ତାଙ୍କ କାନ୍ଧ ଉପରେ ମଧ୍ୟ ବସିଯାଆନ୍ତି। ତେବେ ଦଶକ ଦଶକ ପୂର୍ବରୁ ତାଙ୍କ ଜେଜେବାପା ପାନୁ ବେହେରାଙ୍କୁ ଅପେକ୍ଷା କରି ରହୁଥିଲେ ମୟୂରମାନେ। ପାନୁ ଓ ମୟୂରମାନଙ୍କ ମଧ୍ୟରେ ଏ ସମ୍ପର୍କର ଆରମ୍ଭ ହୋଇଥିଲା ୧୯୯୯ ମସିହା ମହାବାତ୍ୟା ସମୟରୁ। ସେ ସମୟରେ ଗୋଟିଓ ନର ଓ ଦୁଇଟି ମାଦା ପକ୍ଷୀ ଆଘାତପ୍ରାପ୍ତ ହୋଇ ଜଙ୍ଗଲ ବାହାରକୁ ବାହାରି ଆସିଥିଲେ ଓ ସେହିଠାରୁ ପାନୁଙ୍କ ସହିତ ସେମାନଙ୍କର ସମ୍ପର୍କ ଆରମ୍ଭ ହୋଇଥିଲା। ଚିକିତ୍ସା ପରେ ମୟୂରଗୁଡ଼ିକ ଠିକ୍ ହୋଇଯାଇଥିଲେ। ଏହାପରେ ପାନୁ ସେମାନଙ୍କୁ ଜଙ୍ଗଲରେ ନେଇ ଛାଡ଼ି ଦେଇଥିଲେ ମଧ୍ୟ ପ୍ରତିଦିନ ସେହି ସ୍ଥାନକୁ ଚାରା ଖାଇବାକୁ ଆସୁଥିଲେ। ପାନୁ ଏମାନଙ୍କ ମଧ୍ୟରୁ ଜଣଙ୍କ ନାମ ରାଜା ରଖିଥିଲେ। ତେବେ ଆଜିର ଏହି ୨୦୪ଟି ମୟୂରକୁ ରାଜାର ବିସ୍ତୃତ ପରିବାର ବୋଲି କୁହାଯାଉଛି। ତେବେ ୨୦୧୭ରେ ପାନୁଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ପୂର୍ବରୁ ତାଙ୍କ ନାତି କାହ୍ନୁ ବେହେରାଙ୍କୁ ସେ ଏହି ଦାୟିତ୍ୱ ଦେଇଥିଲେ। ୨୦୧୭ରେ ୫୪ଟି ମୟୂରରୁ ଆଜି ୨୦୪ଟି ମୟୂରଙ୍କୁ ଖାଦ୍ୟ ଯୋଗେଇବାର ଦାୟିତ୍ୱ ଉଠାଉଛନ୍ତି କାହ୍ନୁ। ତେବେ ବର୍ଷା ହେଉ ଅବା ଖରା କାହ୍ନୁ ଚାଉଳ, ଧାନ, ଗହମ, ମୁଗ, ବାଜରା ସହିତ ଚାରା ଆଣି ଦିନରେ ଦୁଇ ଥର ସେମାନଙ୍କୁ ଖାଇବାକୁ ଦିଅନ୍ତି ଯାହାର ପ୍ରତିଦିନର ଖର୍ଚ୍ଚ ହେଉଛି ୧୨୦୦ ଟଙ୍କା। ତାଙ୍କର ନିଃସ୍ୱାର୍ଥ କାମ ଦ୍ୱାରା ପ୍ରଭାବିତ ହୋଇ ୨୦୧୯ରେ ନିକଟତମ ଫାୟାର ରେଞ୍ଜ କାର୍ଯ୍ୟାଳୟ ଠାରେ ତାଙ୍କୁ ହୋମ୍‌ଗାର୍ଡ ଭାବରେ ନିଯୁକ୍ତି ଦିଆଯାଇଛି। ଶହ ଶହ ସଂଖ୍ୟାରେ ସ୍ଥାନୀୟ ଲୋକମାନେ ଏହି ‘ମୟୂର ଘାଟି’ର ଦୃଶ୍ୟ ଦେଖିବାକୁ ଆସନ୍ତି।



# ଚିହ୍ନଟ ନୂଆ ରଙ୍ଗ ‘ଓଲୋ’

ଏକ ନୂଆ ରଙ୍ଗର ନାମ-ଓଲୋ। ଆପଣମାନେ ଅନେକଗୁଡ଼ିଏ ରଙ୍ଗ ଦେଖିଥିବେ। କିନ୍ତୁ କିଛି ରଙ୍ଗକୁ କେବେ ପେଣ୍ଟ୍ ବକ୍ସରେ ଦେଖିଥିବେ ନା ସେଗୁଡ଼ିକ ଇନ୍ଦ୍ରଧନୁର ରଙ୍ଗ ହୋଇଥାଏ। କିନ୍ତୁ ଏବେ ବୈଜ୍ଞାନିକମାନେ ନୂଆ ରଙ୍ଗ ‘ଓଲୋ’ର ଆବିଷ୍କାର କରିଛନ୍ତି। ଏହା ହେଉଛି ଏକ ଭିଜୁଆଲ୍ ଏକ୍ସପେରିଏନ୍ସ ଯାହାକୁ ପୂର୍ବରୁ କେବେ ମଧ୍ୟ ଦେଖିନଥିବେ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏପରି ଏକ ଟେକ୍‌ନିକ୍‌ର ବିକଶିତ କରିଛନ୍ତି ଯାହା ସାହାଯ୍ୟରେ ମଣିଷ ଏକ ବହୁତ ତେଜ ଓ ଗାଢ଼ ରଙ୍ଗକୁ ଦେଖିପାରିବ। ଏହାର ନାମ ଓଲୋ ଦିଆଯାଇଛି। ବୈଜ୍ଞାନିକମାନଙ୍କ ଅନୁସାରେ ଏହି ରଙ୍ଗ ଦେଖିବାକୁ ନୀଳ-ସବୁଜ ରଙ୍ଗପରି କିନ୍ତୁ ଏହାର ଚମକ ଓ ତେଜ ଏତେ ଅଧିକ ଯେ ଆମର ନର୍ମାଲ୍ ରଙ୍ଗଗୁଡ଼ିକ ଠାରୁ ମଧ୍ୟ ଏହାର ଚମକ ଅଧିକ। ତେବେ ରଙ୍ଗକୁ ତିନୋଟି ଜିନିଷ ସ୍ଥିର କରିଥାଏ-ରଙ୍ଗର ପ୍ରକାର, ଏହାର ତୀବ୍ରତା ଓ ଚମକ, ଏହାର ଉଜ୍ଜ୍ୱଳ ବା ଗାଢ଼ାପଣ। ଓଲୋ ଏହି ନୀଳ-ସବୁଜ ରଙ୍ଗର ଦାୟରେ ମଧ୍ୟରେ ଆସେ। କିନ୍ତୁ ଏହାର ଚମକ ଏତେ ଅଧିକ ଯେ ଏହାକୁ ବର୍ତ୍ତମାନ ଥିବା ରଙ୍ଗଗୁଡ଼ିକରେ ମିଶାଇବା କଷ୍ଟକର ହୋଇଯିବ। ତେବେ ଯେତେବେଳେ ଲୋକମାନଙ୍କୁ ଓଲୋ ରଙ୍ଗକୁ ଦେଖାଇ ଦିଆଗଲା ସେମାନେ ସଠିକ୍ ଭାବରେ ଏହି ରଙ୍ଗକୁ ଚିହ୍ନିପାରିଲେ ନାହିଁ। ବୈଜ୍ଞାନିକମାନେ ଏକ ଲେଜର୍ ସିଷ୍ଟମ୍ ବିକଶିତ କରିଛନ୍ତି ଯାହାର ନାମ ସେମାନେ ଦେଇଛନ୍ତି ଓଜେଡ୍। ଏହି ଟେକ୍‌ନିକ୍‌ର ବିଶେଷତା ହେଲା ଆଖିର ରେଟିନାରେ ଥିବା କେବଳ ଏକ ଫଟୋରିସେପ୍ଟର୍ ସେଲ୍ସ (କୋନ୍ ସେଲ୍)କୁ ଟାର୍ଗେଟ୍ କରି ଲାଇଟ୍ ପକାଯାଏ। ବିଶେଷ ଭାବରେ ସେମାନେ ଏମ୍-କୋନ୍‌କୁ ଟାର୍ଗେଟ୍ କଲେ ଯାହା ସବୁଜ ରଙ୍ଗ ପ୍ରତି ସମ୍ବେଦନଶୀଳ ହୋଇଥାଏ। ତେବେ ଏହା ପୂର୍ବରୁ ସେମାନେ ଏତେ ଗାଢ଼ା ନୀଳ-ସବୁଜ ରଙ୍ଗ କେବେ ମଧ୍ୟ ଦେଖିନଥିଲେ।



# ଶିକ୍ଷକ ସମାଜର କ୍ୟାଣ୍ଡଲ୍ ଶୋଭାଯାତ୍ରା



**କୁଆଖିଆ,୨୭।୪/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଶିକ୍ଷକ ସମାଜ ତରଫରୁ କୁଆଖିଆ ବଜାରରେ ଏକ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ ଯେ ଗତ ୨୨ ତାରିଖରେ ଜାମ୍ମୁ କାଶ୍ମୀରର ପହଲଗାମ୍ ଠାରେ ଆତଙ୍କବାଦୀମାନଙ୍କ ଦ୍ୱାରା ୩୦ ଜଣ ନିରୀହ ପର୍ଯ୍ୟଟକମାନଙ୍କୁ ଅତି ଅମାନୁଷିକ ଭାବରେ ହତ୍ୟା କରାଯାଇଥିଲା । ସେହି ମୃତାହତ ପର୍ଯ୍ୟଟକମାନଙ୍କ ଦିବଂଗତ ପବିତ୍ର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅମାନବୀୟ କାର୍ଯ୍ୟକୁ ଶିକ୍ଷକ ସମାଜ ତରଫରୁ ଘୋର ନିନ୍ଦା କରାଯିବା ସହ ଦୋଷୀମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି ।

ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ଚଣ୍ଡୀପୁର ଶିବ ମନ୍ଦିରରୁ ବାହାରି କୁଆଖିଆ ବଜାର ପରିକ୍ରମା ପୂର୍ବକ ସାରଙ୍ଗପୁର ହରପାର୍ବତୀ ମନ୍ଦିରଠାରେ ସମାପ୍ତ ହୋଇଥିଲା । ରସୁଲପୁର ବ୍ଲକ ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର ଏବଂ ଅରୁଣ କୁମାର ସ୍ୱାଇଁଙ୍କ ଆହ୍ୱାନକ୍ରମେ ଓଡ଼ିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ବିକ୍ରମ ଦାସ, ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ସୁନନ୍ଦ ରାଉତ, ଗୋବିନ୍ଦ ବେହେରା, ଗିରିଧାରୀ ନାୟକ, ରାଜେଶ ନନ୍ଦ, ଗାୟତ୍ରୀ ନାୟକ, ଦେବକୀ ପାତ୍ର, ନିରଞ୍ଜନ ପଣ୍ଡା, ରଞ୍ଜନ କୁମାର ବାରିକ, ଚନ୍ଦ୍ରକାନ୍ତ ରଥ, ମହେଶ୍ୱର ପଣ୍ଡା, ଅଜିତ ଓଝା, ମହେଶ୍ୱର ରାଉତ, ପ୍ରସନ୍ନ ସେଠୀ, ପ୍ରତାପରୁଦ୍ର ପଣ୍ଡା, ସନାତନ ପଣ୍ଡା, ପ୍ରକାଶ ଚନ୍ଦ୍ର ରଣା, ଅଶୋକ ରାଉତ, ଅବିନାଶ ଆଇଚ, ନୀଳମଣି ଲେଙ୍କା, ସୁବାସ ପାଢ଼ୀ ଓ ଚିତ୍ତରଞ୍ଜନ ଦାଶଙ୍କ ସମେତ ଅନେକ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ ।

# ଉପମୁଖ୍ୟମନ୍ତ୍ରୀଙ୍କ ତାଳଚେର ଗସ୍ତ



**ତାଳଚେର,୨୭।୪/ଏନ୍ଏନ୍ଏସ୍:** ଆଜି ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେବ ତାଳଚେର ରାଜପ୍ରସାଦକୁ ଆସିଥିବା ଅବସରରେ ତାଳଚେର ବିଜେପି ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ତାଳଚେର ରାଜାସାହେବ ସ୍ୱର୍ଗତ ରାଜେନ୍ଦ୍ର ଚନ୍ଦ୍ର ବୀରବର ହରିଚନ୍ଦନଙ୍କ ପରଲୋକ ହୋଇଥିବାରୁ ସେ ଆଜି ନୂତନଭାବେ ରାଜ୍ୟାଭିଶେଷ ହୋଇଥିବା ତାଙ୍କର ଜ୍ୟେଷ୍ଠପୁତ୍ର ବିଜେୟେନ୍ଦ୍ର ବୀରବର ହରିଚନ୍ଦନ ଦେବଙ୍କ ସହିତ ସାକ୍ଷାତକରି ଶୋକାକୁଳ ରାଜ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ ।

## ମେ ୩୦ରେ ରବି ଲାବଣ୍ୟଙ୍କ ଜୟନ୍ତୀ

# ସମ୍ବର୍ଦ୍ଧିତ ହେବେ ଆଦର୍ଶ ଶିକ୍ଷକ ଓ ଚଳଚ୍ଚିତ୍ର ଅଭିନେତା

**ଧର୍ମଶାଳା,୨୭।୪/ଏନ୍ଏନ୍ଏସ୍:** ଧର୍ମଶାଳାର ପ୍ରାକ୍ତନ ବିଧାୟକ ତଥା ବନ୍ଦେ ଉତ୍କଳ ଜନନୀର ପ୍ରତିଷ୍ଠାତା ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୮ ତମ ଜନ୍ମ ଜୟନ୍ତୀ ଆସନ୍ତା ମେ ମାସ ୩୦ ତାରିଖରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏନେଇ ବନ୍ଦେ ଉତ୍କଳ ଜନନୀର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଧର୍ମଶାଳା ବ୍ଲକ ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ଜୀଉ କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମିର୍ଜାପୁର ପଂଚାୟତ ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ବାରିକ, ପାଟପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଶରତ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ରୁଦ୍ରନାରାୟଣ ମହାନ୍ତି, ବନ୍ଦେ ଉତ୍କଳ ଜନନୀର ଉପସଭାପତି ତଥା ଆଇନଜୀବୀ ରାମଚନ୍ଦ୍ର ତ୍ରିପାଠୀ, କୋଷାଧ୍ୟକ୍ଷ ତଥା ଆଇନଜୀବୀ ପ୍ରେମାନନ୍ଦ ବେହେରା, ଇଂ. ବିଜୟ କୁମାର ଜେନା, ସାମାଜିକ କର୍ମୀ ଅଭିମନ୍ୟୁ ଧଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, ଗଲଗଲି ଶଙ୍ଖ ପର୍ଯ୍ୟଟନ କ୍ଷେତ୍ର ଉନ୍ନୟନ କମିଟି ଆବାହକ ପ୍ରଶାନ୍ତ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅଲେଖ ମହିମା ଧର୍ମଗୁରୁ ରବିନ୍ଦ୍ର ଦାଶ ରବି ଲାବଣ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଶୁଭାରମ୍ଭ କରିଥିଲେ ।

ବୈଠକ ଆରମ୍ଭରେ ଜମ୍ମୁକାଶ୍ମୀରର ପହେଲଗାଁଓ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ସହୀଦ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଆସନ୍ତା ମଇ ମାସ ୩୦ ତାରିଖ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜନ୍ମଦିନ ପଡୁଥିବାରୁ ଏହି ଦିନ ଜୟନ୍ତୀ ଉ ସବକୁ ସଫଳତାର ସହିତ ପାଳନ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ଜୟନ୍ତୀ



ଉତ୍ସବ ଅବସରରେ ସ୍ମରଣିକା 'ସ୍ୱାଭିମାନ'ର ତୃତୀୟ ଭାଗ ପ୍ରକାଶ କରାଯିବାପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଅମରେନ୍ଦ୍ର ମହାପାତ୍ର, ବ୍ରଜକିଶୋର ମହାନ୍ତି, ଦିବାକର ସାହୁ, ଶୁଭକାନ୍ତ ନାଏକ, ହରିହର ମହାପାତ୍ର, ପରୀକ୍ଷିତ ସାହୁ, ଅଜୟ କୁମାର ପଧାନ, ମନୋଜ ଦାଶ, ମକରଧ୍ୱଜ ରାଉତ, ହୃଷିକେଶ ବେହେରା, ସୁଶାନ୍ତ ନାଏକ, ଦିପ୍ତିରଞ୍ଜନ ଜେନା, ଅସିତ କୁମାର ଜେନା, କିଶୋର ଜେନା, ପ୍ରଶାନ୍ତ ମିଶ୍ର, ଶ୍ୟାମସୁନ୍ଦର ଦାସ, ରବିନାରାୟଣ ବିଶ୍ୱାଳ, ଭରତ ଚନ୍ଦ୍ର ଦାସ, କୁଳମଣି ଦାଶ, ଅକ୍ଷୟ ରାଉତ, ଗୋପାଳ ସାମଲ, ରାଜେନ୍ଦ୍ର ଦାଶ, ଚକ୍ରଧର ସାହୁ, ରଣଜିତ ନାଏକ, ପ୍ରକାଶଚନ୍ଦ୍ର ପଣ୍ଡା, ଗଗନ ବିହାରୀ ରାଉତ, ରବିନ୍ଦ୍ର ବିଶ୍ୱାଳ, ସୁଧାକର ପଣ୍ଡା, ଶୈଳବାଳା ବେହେରା, କୁନିଲତା ବେହେରା, ମୀନତି ପଣ୍ଡା, ସୁଜିତା ଜେନା, ରଶ୍ମିତା ନାୟକ, ଦୀପିକା ବରାଳ, ଲକ୍ଷ୍ମୀପ୍ରିୟା ଜେନା, ରଞ୍ଜୁଲତା ସାହୁ ପ୍ରମୁଖ ଶତାଧିକ ମହିଳା ପୁରୁଷ, ସାମାଜିକ କର୍ମୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଏବଂ ବରିଷ୍ଠ ନାଗରିକ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବନ୍ଦେ ଉତ୍କଳ ଜନନୀର ସଂଯୋଜକ ପ୍ରଭାତ ପଣ୍ଡା, ନିତ୍ୟାନନ୍ଦ ବେହେରା, ସୁବାଶ ଦାସ, ବିନୋଦ ବିହାରୀ ପଣ୍ଡା, ସୁଦର୍ଶନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବନ୍ଦେ ଉତ୍କଳ ଜନନୀର ସମ୍ପାଦକ ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ୍ ଦେଇଥିଲେ ।

# କୋଇଲା ପରିବହନ ବେଳେ ରେଳ ୱାଗନ୍‌ରେ ପାଲଭିଡ଼ାକୁ ନେଇ ଦାବି

**ତାଳଚେର,୨୭।୪/ଏନ୍ଏନ୍ଏସ୍:** ମହାନଦୀ କୋଇଲା ଠିକାଶ୍ରମିକ ପକ୍ଷରୁ ୨୦୧୭-୧୮ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ତାଳଚେର ପରିବେଶ ସୁରକ୍ଷା ଓ ବାୟୁ ପ୍ରଦୂଷଣ ରୋକିବା ନେଇ କୋଇଲା ପରିବହନ କରୁଥିବା ରେଳୱାଗନ୍‌ଗୁଡ଼ିକରେ ପାଲଭିଡ଼ିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଜିଲ୍ଲା ପ୍ରଶାସନ ଏମସିଏଲ ଓ ରେଳବିଭାଗକୁ ବାରମ୍ବାର ଅବଗତ କରାଯାଉଛି । ଗତ ୧୩ ଜାନୁଆରୀ ୨୦୨୧ ମସିହାରେ ଏନେଇ ଶାନ୍ତିପୂର୍ଣ୍ଣଭାବେ ୟୁନିୟନ୍ ପକ୍ଷରୁ ଗଣଧାରଣା ଦିଆଯାଇଥିଲା । ମାତ୍ର ମିଥ୍ୟା ଅଭିଯୋଗ ଦର୍ଶାଇ ଗିରଫ କରି ଜେଲ ହାଜତକୁ ପଠାଇଥିଲେ ବୋଲି ସେମାନେ ଏହା ପ୍ରକାଶ କରିଛନ୍ତି । ରେଳବିଭାଗ ୱାଗନ୍‌ଗୁଡ଼ିକରେ କୋଇଲା ପରିବହନ ବେଳେ ପାଲଭିଡ଼ି ଯାତାୟାତ କରିବାକୁ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଗେଜେଟ୍ ନୋଟିଫିକେସନ୍ ଜାରି କରିଛନ୍ତି । କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ ରେଳ ଏବଂ କୋଇଲା ମନ୍ତ୍ରୀ ଥିବାବେଳେ ରେଳୱାଗନ୍‌ଗୁଡ଼ିକରେ ପାଲଭିଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ । ତାଳଚେର ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟ ଅଞ୍ଚଳରୁ ୱାଗନ୍ ଯୋଗେ କୋଇଲା ପରିବହନ ବେଳେ ପାଲଭିଡ଼ା ଯାଉଥିବା ବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖାଯାଇଛି । ଏନେଇ ସଂଘ ପକ୍ଷରୁ ଏଆର୍ଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ ସହ ଆଗାମୀ ଦିନରେ ଅର୍ଥନୈତିକ ଅବରୋଧ କରାଯିବା ନେଇ ଶ୍ରମିକନେତା ତଥା ସଂଘର ସଭାପତି ରାଜ କିଶୋର ସାହୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଛନ୍ତି । ଏଥିପାଇଁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏବଂ ରେଳବିଭାଗ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି କହିଛନ୍ତି ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ଧର୍ମଶାଳା,୨୭।୪/ଏନ୍ଏନ୍ଏସ୍:** ଧର୍ମଶାଳା ମହାବିଦ୍ୟାଳୟର ଇଂରାଜୀ ବିଭାଗର ଯୁକ୍ତ ୩ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଓ ପୂଜାର୍ଚ୍ଚନା କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ମିହିରକାନ୍ତ ରାଉତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ପରେ ତୃତୀୟ ବର୍ଷର ପିଲାମାନେ ନିଜ କଲେଜ ଜୀବନର ଅନୁଭୂତି ବଖାଣିଥିଲେ । ପିଲାମାନଙ୍କ ନାଚଗୀତରେ ସଭାକୁ ଗୌରବାନ୍ୱିତ କରିବା ସହ ଆନନ୍ଦ ଉଲ୍ଲାସ ଭରି ଦେଇଥିଲା । ଅଧ୍ୟାପକ ଶ୍ରୀପ୍ରସାଦ ନାୟକ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶେଷରେ ଅଧ୍ୟାପିକା ରଶ୍ମିତା ଓଝା ଧନ୍ୟବାଦ୍ ଦେଇଥିଲେ ।



# ୧୯୮୯ ବ୍ୟାଚ୍‌ର ବନ୍ଧୁମିଳନ



**ଧର୍ମଶାଳା,୨୭।୪/ଏନ୍ଏନ୍ଏସ୍:** ଧର୍ମଶାଳା ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବାରବାଟୀ ନିକଟସ୍ଥ ମା' ଦୁର୍ଗାଦେବୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୩୫ ବର୍ଷ ପରେ ୧୯୮୯ ମସିହା ବ୍ୟାଚର ବନ୍ଧୁମାନେ ଏକତ୍ରିତ ହୋଇ ଆନନ୍ଦରେ ପରସ୍ପର ସହ ଭାବ ବିନିମୟ କରିଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ୫୦ ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ । ପରେ ଏହି ବ୍ୟାଚର ସୁପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇ ସଭାପତି ଭାବେ ନିରଞ୍ଜନ ନାୟକ, ଉପସଭାପତି ନିରୁପମା ପ୍ରଧାନ, ସମ୍ପାଦକ ଭାବେ କଳ୍ପନା ନାୟକ, ଯୁଗ୍ମ ସମ୍ପାଦକ ଭାବେ ଅଧ୍ୟାପକ ବିଜୟ କୁମାର ନାୟକ ଓ କୋଷାଧ୍ୟକ୍ଷ ଭାବେ ପ୍ରକାଶ କୁମାର ନାୟକ ଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ତତ୍‌ସହିତ ସଂଯୋଜକ ଭାବେ ଅମର କୁମାର ରାଉତ ଓ ରୀନାରାଣୀ ମୁଦୁଲି ମନୋନୀତ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ଚନ୍ଦନା ସାହୁ, ସବିତା ମହାନ୍ତି, ମମତା ରାଉତ, ଦିପ୍ତିମୟୀ ପାତ୍ର, ସୋମନାଥ ସାହୁ, ଦିଲ୍ଲୀପ କୁମାର ସାମଲ, ରାଜେଶ କୁମାର ସାମଲ, ଗୌରାଙ୍ଗ ଭଦ୍ର, ରବୀନ୍ଦ୍ର କୁମାର ରାଉତ, ନିରଞ୍ଜନ ସାହୁ, ମିହିର ମହାନ୍ତି, ପ୍ରଭାକର ନାୟକ ଓ ଅରବିନ୍ଦ ମିଶ୍ର ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ । ଶେଷରେ ଅଧ୍ୟାପକ ପ୍ରଶାନ୍ତ କୁମାର ଦୋରା ଧନ୍ୟବାଦ୍ ଦେଇଥିଲେ ।

# ଯୁବ ସ୍ୱାଭିମାନ ପକ୍ଷରୁ ଜଳଛତ୍ର

**କେନ୍ଦ୍ରାପଡ଼ା,୨୭।୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ ପୌରାଞ୍ଚଳ ଅନ୍ତର୍ଗତ ଗୋପ ଛକଠାରେ 'ସାମାଜିକ ଅନୁଷ୍ଠାନ ଯୁବ ସ୍ୱାଭିମାନ' ପକ୍ଷରୁ କାଶ୍ମୀରର ପହଲଗାମ୍ ଠାରେ ନିରୀହ ପର୍ଯ୍ୟଟକଙ୍କୁ ପାକ-ଆତଙ୍କବାଦୀଙ୍କ ନରସଂହାରର ତୀବ୍ର ନିନ୍ଦା କରାଯାଇ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଅବସରରେ ଅନୁଷ୍ଠାନର ସଭାପତି ଇଂ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ଏକ ଜଳଛତ୍ରର ଶୁଭାରମ୍ଭ କରାଯାଇ ଦହିପଣା, ସର୍ବତ ଓ ଥଣ୍ଡାପାଣି ବିତରଣ କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନର ଉପଦେଷ୍ଟା ଇଂ ଅକ୍ଷୟ କୁମାର ପାଣି ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବ୍ରଜକିଶୋର ବିଶ୍ୱାଳ, ପ୍ରାକ୍ତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ସଦର ଥାନାଧିକାରୀ ଶୁଭେନ୍ଦୁ ସାହୁ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ରମଣୀ ରଞ୍ଜନ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ ।

# ରାଜ୍ୟସ୍ତରୀୟ ରଘୁନାଥଜିଉ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଉଦ୍‌ଯାପିତ



**କାମାକ୍ଷାନଗର,୨୭।୪/ଏନ୍ଏନ୍ଏସ୍:** କାମାକ୍ଷାନଗର ସହର ସ୍ଥିତ ସାରଙ୍ଗଧର ଷ୍ଟାଡିୟମ ଠାରେ ଦୁଇଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ରଘୁନାଥଜିଉ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଓ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ସାରଙ୍ଗଧର ଷ୍ଟାଡ଼ିୟମ ଅଡ଼ିଟୋରିୟମ୍ ଠାରେ ଆୟୋଜିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମେଜର ପ୍ରଭାତ କୁମାର ଦାଶ, ସମ୍ମାନିତ ଅତିଥି ଭାବେ କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଉପସ୍ଥିତ ଥିଲେ । ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଥିବା ଏହି ରାଜ୍ୟସ୍ତରୀୟ ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ତିନୋଟି ବର୍ଗରେ ଲଘୁ ସଙ୍ଗୀତ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ତବଲା ଏକକ ବାଦନ, ଆଧୁନିକ ନୃତ୍ୟ, ଦଳଗତ ନୃତ୍ୟ, ଚିତ୍ରାଙ୍କନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ରଘୁନାଥ ଜୀଉ ସଙ୍ଗୀତ ବିଦ୍ୟାଳୟର ସଭାପତି ରାମ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରଘୁନାଥଜିଉ ସଂଗୀତ ବିଦ୍ୟାଳୟର ଅଧ୍ୟକ୍ଷ ଗୋବର୍ଦ୍ଧନ ବାରିକ, ସମ୍ପାଦକ ହିମାଂଶୁ ଶେଖର ମହାପାତ୍ର, ସଭ୍ୟ ବାପି ହୋତା, ସଞ୍ଜୟ ବେହେରା, ନିହାର କାନ୍ତ ସାହୁ, ରାଧାମୋହନ ସାମଲ, ମାନସ ରଞ୍ଜନ ସାହୁ, ବିଜୟ ଦେହୁରୀ, ସଂଯୁକ୍ତା ନାୟକ, ମନୋଜ ରାଉଳ, ଦାଶରଥି ବେହେରା, ଓ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ । ବିଦ୍ୟାଳୟର ପରିଚାଳକ ସନ୍ତୋଷ ପ୍ରସାଦ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଟ୍ରେନ୍‌ରୁ ଖସିପଡ଼ି ଅଚିହ୍ନା ଯୁବକଙ୍କ ମୃତ୍ୟୁ

**ଧର୍ମଶାଳା,୨୭।୪/ଏନ୍ଏନ୍ଏସ୍:** ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର ଓ ଗଡମଧୁପୁର ଷ୍ଟେସନ ମଧ୍ୟଭାଗ ମୁରାରୀପୁର ନିକଟରେ ଟ୍ରେନ୍‌ରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ତେବେ ଏହି ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ । ଅତ୍ୟଧିକ ଗରମ ଯୋଗୁଁ ସେଟ୍ରେନର ଡୋର ନିକଟରେ ବସିଥିବା ବେଳେ କୌଣସି ଏକ୍ସପ୍ରେସ୍ ଟ୍ରେନରୁ ଖସିପଡ଼ିଥିବା ଅନୁମାନ କରାଯାଉଛି । ସନ୍ଧ୍ୟାପର୍ଯ୍ୟନ୍ତ ମୃତଦେହଟି ଟ୍ରେନ ଲାଇନ୍ କଡ଼ରେ ପଡ଼ିରହିଥିବା ବେଳେ ରେଳବାଇ ପୁଲିସ ସେଠାରେ ପହଞ୍ଚି ନଥିଲା । ରେଳ ବିଭାଗ ପୁଲିସ ପକ୍ଷରୁ ଏହାର ଯାଞ୍ଚ କରାଯାଇ ବ୍ୟବଚ୍ଛେଦ ପରେ ମୃତଦେହ ଚିହ୍ନଟ କରାଯାଇ ତାର ପରିବାରକୁ ହସ୍ତାନ୍ତର କରାଯିବ ।

# ପୁଲିସ ପକ୍ଷରୁ ଯାନବାହନ ଚେକିଂ

**କେନ୍ଦ୍ରାପଡ଼ା,୨୭।୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ାର ବିଭିନ୍ନ ସ୍ଥାନରୁ ଚାରି ଚକିଆ ଓ ଦୁଇ ଚକିଆ ଯାନ ଚୋରି ବଢ଼ିବାରେ ଲାଗିଛି । ଏନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ଟାଉନ୍ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁଙ୍କ ନେତୃତ୍ୱରେ ସମ୍ବେଦନଶୀଳ ଛକଗୁଡ଼ିକରେ ଗାଡ଼ି ଯାଞ୍ଚ କରାଯାଇଛି । ପୌରାଞ୍ଚଳର ତିନିମୁହାଣୀ, ଗୋପ, ରଣପଡ଼ା, କଜଳା, ନୂଆ ବସଷ୍ଟାଣ୍ଡ, ବାଇପାସ୍ ରୋଡ୍ ପ୍ରଭୃତି ସ୍ଥାନରେ ଚାରି ଚକିଆ ଓ ଦୁଇ ଚକିଆ ଗାଡିଗୁଡ଼ିକୁ ଅଟକାଇ ସେମାନଙ୍କର କାଗଜପତ୍ର ଯାଞ୍ଚ କରାଯାଉଛି । ଏହି ଯାଞ୍ଚ ସମୟରେ ଅନେକ ଗୁଡ଼ିଏ ଗାଡ଼ିର କାଗଜପତ୍ର, ବୀମା ଓ ଚାଳକଙ୍କର ଲାଇସେନ୍ସ ନଥିବା ଜଣାପଡ଼ିଛି । କେତେକ ଗାଡ଼ିରେ ଅନ୍ୟ ଗାଡିର ନମ୍ବର ପ୍ଲେଟ ଲଗାଇ ଗାଡ଼ି ଚଳାଉଥିବା ଏହି ଚେକିଂ ସମୟରେ ପୁଲିସ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି । କାଗଜପତ୍ର ନଥିବା ଗାଡ଼ିଗୁଡିକୁ ଥାନାରେ ଅଟକ ରଖାଯାଇ ତଦନ୍ତ ଜାରି ରହିଛି ।



# ବହିଷ୍କୃତ ଶ୍ରମିକଙ୍କୁ ପୁନଃନିଯୁକ୍ତି ଦାବି

**ପାରାଦୀପ,୨୭।୪/ଏନ୍ଏନ୍ଏସ୍:** ପାରାଦୀପ ଇଣ୍ଟରନ୍ୟାସନାଲ୍ କାର୍ଗୋ ଲିମିଟେଡ୍ (ପିଆଇସିଟି) କର୍ତ୍ତୃପକ୍ଷ ବେଆଇନ୍ ଭାବେ ଶ୍ରମିକମାନଙ୍କୁ ବହିଷ୍କାର କରିବା ସହିତ ୟୁନିୟନ୍‌ର ୫ଜଣ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ୧୨ଜଣ ସଭ୍ୟଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିଥିଲେ । ପିଆଇସିଟି କର୍ତ୍ତୃପକ୍ଷଙ୍କ ଏହି ବେଆଇନ ଓ ମନମୁଖୀ କାର୍ଯ୍ୟକୁ ବିରୋଧ କରିଛି ପାରାଦୀପ ପୋର୍ଟ କର୍ମଚାରୀ ୟୁନିୟନ୍ । ରବିବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର କାର୍ଯ୍ୟକାରୀ ସଭାପତି ଇଂ.ସୁଧାକାର ମନ୍ତ୍ରୀ ପିଆଇସିଟି କର୍ତ୍ତୃପକ୍ଷଙ୍କ ଏଭଳି ମନୋବୃତ୍ତିକୁ ଦୃଢ଼ ନିନ୍ଦା କରିବା ସହିତ ଏହାକୁ ପ୍ରତ୍ୟାହାର କରି ସେମାନଙ୍କୁ ପୁନର୍ବାର ନିଯୁକ୍ତି ଦେବାକୁ ଶ୍ରୀ ମନ୍ତ୍ରୀ ଦାବି କରିଛନ୍ତି । ପିଆଇସିଟି କମ୍ପାନୀର ଏହି ଭଳି କାର୍ଯ୍ୟ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ୟୁନିୟନ୍‌ର ମୁଖ୍ୟ ଉପଦେଷ୍ଟା ତଥା ବାଲିକୁଦା-ଏରସମା ବିଜେପି ନେତା ସତ୍ୟ ସାରଥୀ ମହାନ୍ତି । ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ଜଗତସିଂହପୁର ଜିଲ୍ଲାର ଯୋଗ୍ୟ ଯୁବକଯୁବତୀମାନଙ୍କୁ ପ୍ରଥମିକତାଭିତ୍ତିରେ ନିଯୁକ୍ତି ଦେବାକୁ ସେ ଦାବି କରିଛନ୍ତି । ବିଜେଡି ସରକାର ସମୟରେ ବିଜେଡି ସରକାର ଜିଲ୍ଲା ପୁଲିସ୍‌କୁ ଲଗାଇ ବିଜେପି ସମର୍ଥିତ ଏହି ସଂଘକୁ ହଇରାଣ କରାଯାଇଥିଲା । ଏବେ ରାଜ୍ୟରେ ଓ ଦେଶରେ ବିଜେପି ସରକାର ରହିଛି । ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବେ ଶିଳ୍ପମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କ ସହିତ ଆଲୋଚନା କରାଯିବ ବୋଲି ଶ୍ରୀ ମହାନ୍ତି ଗଣମାଧ୍ୟମକୁ କହିଥିଲେ । ୨୭.୧୧.୨୦୨୩ ମସିହାରେ ୟୁନିୟନ ପକ୍ଷରୁ ପିଆଇସିଟି ଗେଟ୍ ସମ୍ମୁଖରେ ବିଭିନ୍ନ ଦାବି ନେଇ ଶାନ୍ତିପୂର୍ଣ୍ଣ ଦିଆଯାଇଥିଲା । ଏହି ସମୟରେ ମହାମହିମ ରାଷ୍ଟ୍ରପତି ପାରାଦୀପ ଗସ୍ତରେ ଆସିଥିଲେ । ୨୮ ତାରିଖ ଦିନ ଅତି ଚତୁରତାର ସହିତ ପିଆଇସିଟିର ଏତଲାକୁ ପଞ୍ଜୀକୃତ କରାଯାଇଥିଲା ବୋଲି ପ୍ରେସ୍ ଇସ୍ତାହାରରେ ଉଲ୍ଲେଖ ରହିଛି । ଏଥି ସହିତ ପିଆଇସିଟିର କାର୍ଯ୍ୟକଳାପକୁ ସିବିଆଇ ତଦନ୍ତ ପରିସରକୁ ନେବାକୁ ଶ୍ରୀ ମନ୍ତ୍ରୀ ଦାବି କରିଛନ୍ତି । ୟୁନିୟନ୍‌ର ସଭାପତି ଆଡଭୋକେଟ୍ ସଞ୍ଜିତ ଦାସ, ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ, ବିକ୍ରମସିଂ ମହାରାଣା ପ୍ରମୁଖ ଉପସ୍ଥିତ ଥିଲେ ।




# ବେରୁହାଁରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ

**ମାର୍ଶାଘାଇ,୨୭।୪/ଏନ୍ଏନ୍ଏସ୍:** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବେରୁହାଁଠାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ୧୨୧ ତମ ମନ୍ କି ବାତ୍ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଡ଼. ଦୁର୍ଗା ପ୍ରସନ ନାୟକ ଯୋଗଦେଇ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ସହିତ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଏହି ଜନପ୍ରିୟ କାର୍ଯ୍ୟକ୍ରମ ଶୁଣି ଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ନାୟକ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଲୋକାଭିମୁଖୀ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ହିରଣ୍ୟ ମହାପାତ୍ର, ପ୍ରଶାନ୍ତ ସେଠୀ, ନିଗମ ପ୍ରସାଦ ରଥ, ମନୋରଞ୍ଜନ ମହାପାତ୍ର, ଗଙ୍ଗାଧର ସାମଲ, ବିକ୍ରମ ରାଉତରାୟ, ଉଷାରାଣୀ ମିଶ୍ର, ଆଶୁତୋଷ ମହାପାତ୍ର, ମାନସ ନାୟକ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସତ୍ୟ ରଞ୍ଜନ ନାୟକ, ଜ୍ୟୋତି ରଞ୍ଜନ ଜେନା, ଚିନ୍ମୟ ଗୋଛାୟତ, କାଳନ୍ଦୀ ସେଠୀ, ଜ୍ଞାନ ରଞ୍ଜନ ବସନ୍ତିଆ ଓ ବଳଭଦ୍ର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



# ରାସ୍ତା କଡ଼କୁ ଖସିପଡ଼ିଲା ତୈଳ ଟ୍ୟାଙ୍କର୍, ଡ୍ରାଇଭରଙ୍କ ମୃତ୍ୟୁ

**ମାର୍ଶାଘାଇ,୨୭।୪/ଏନ୍ଏନ୍ଏସ୍:** ଚଣ୍ଡିଖୋଲ -ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥର ବଡ଼ପାଳ ବଜାର ସନ୍ନିକଟ ରାଇସ୍ ମିଲ୍ ସମ୍ମୁଖରେ ଏକ ତୈଳ ବୋଝେଇ ଟ୍ୟାଙ୍କର୍ ରାସ୍ତାକଡ଼କୁ ଖସି ପଡ଼ିବାରୁ ଗାଡ଼ି ଚାଳକଙ୍କ ମୃତ୍ୟୁ ହୋଇଛି । ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଡ୍ରାଇଭର୍‌ଙ୍କ ନାମ ସୁନୀଲ କୁମାର ଓ ତାଙ୍କ ଘର ବିହାରରେ ବୋଲି ଜଣାପଡ଼ିଛି । ପ୍ରକାଶ ଯେ ପାରାଦ୍ୱୀପରୁ ତୈଳ ବୋଝେଇ ଏଜ ଟ୍ୟାଙ୍କର୍‌ଟି ଜାତୀୟ ରାଜପଥରେ ଦେଇ ତାର ଗନ୍ତବ୍ୟ ସ୍ଥଳକୁ ଯିବା ବାଟରେ ବଡ଼ପାଳ ବଜାର ନିକଟରେ ରହିଥିବା ରାଇସ ମିଲ ସମ୍ମୁଖରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଗାଡ଼ିରେ ପାଖାପାଖି ୪୦ ହଜାର ଲିଟର ତୈଳ ପରିବହନ ହେଉଥିବା କୁହାଯାଉଛି । ତେବେ ସଠିକ୍ ଭାବେ ତୈଳ ପଦାର୍ଥର ପ୍ରକାର ବା ନାମ ଜଣାପଡ଼ିନାହିଁ । ତେବେ ବାଓ ଡିଜେଲ ବୋଲି କୁହାଯାଉଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ତୈଳ ବୋଝେଇ ଗାଡ଼ିଟି ଜାତୀୟ ରାଜପଥରେ ଯାଉଥିବା ସମୟରେ ଗାଡ଼ିର ଗତିପଥ ପରିବର୍ତ୍ତନ କରିଥିଲା । ଏକ ଆଣଓସାରିଆ ରାସ୍ତାରେ ଡ୍ରାଇଭର୍ ଗାଡ଼ିକୁ ନେଉଥିବା ସମୟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡିଥିଲା ।



**ଆଜିର ମ୍ୟାଚ୍**
ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟନ୍ସ
ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଜୟପୁର
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

## ଆଇପିଏଲ୍ ୨୦୨୫ ପଏଣ୍ଟ୍ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଫଳ ଶୂନ୍ୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ଗୁଜରାଟ | ୮ | ୬ | ୨ | ୦ | ୧୨ | +୧.୧୦୪ |
| ମୁମ୍ବାଇ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଦିଲ୍ଲୀ | ୯ | ୬ | ୩ | ୦ | ୧୨ | +୦.୪୮୨ |
| ପଞ୍ଜାବ | ୮ | ୫ | ୩ | ୧ | ୧୧ | +୦.୧୭୭ |
| ଲକ୍ଷ୍ନୌ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲ୍‌କାତା | ୯ | ୩ | ୫ | ୧ | ୭ | -୦.୨୧୨ |
| ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ରାଜସ୍ଥାନ | ୯ | ୨ | ୭ | ୦ | ୪ | -୦.୬୨୫ |
| ଚେନ୍ନାଇ | ୯ | ୨ | ୭ | ୦ | ୪ | -୧.୩୦୨ |

**ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂରେ ଲକ୍ଷ୍ନୌ ଚିତ୍**

# ମୁମ୍ବାଇର ଲଗାତାର ପଞ୍ଚମ ବିଜୟ

**ମୁମ୍ବାଇ,୨୭।୪/ଏଜେନ୍ସି:** ଚଳିତ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ର ୪୫ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୫୪ ରନ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସକୁ ହରାଇ ଦେଇଛି। ରବିବାର ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍‌ର ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ର୍ୟାନ୍ ରିକେଲ୍‌ଟନ୍ ସୂର୍ଯ୍ୟକୁମାର ଯାଦବଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ୭ ୱିକେଟ୍ ହରାଇ ୨୧୫ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌର ଟିମ୍ ୧୬୧ ରନ୍‌ରେ ସୀମିତ ହୋଇଯାଇଛି। ମୁମ୍ବାଇ ପକ୍ଷରୁ ଜସ୍‌ପ୍ରୀତ୍ ବୁମ୍‌ରା ୨୨ ରନ୍ ଦେଇ ଚାରିଟି ୱିକେଟ୍ ଅକ୍ତିଆର କରିଛନ୍ତି। ଚଳିତ ଆଇପିଏଲ୍‌ରେ ଏହା ମୁମ୍ବାଇର ଲଗାତାର ପଞ୍ଚମ ବିଜୟ। ପାଞ୍ଚ ଥରର ଚାମ୍ପିଅନ୍ ମୁମ୍ବାଇ ବର୍ତ୍ତମାନ ସୁଦ୍ଧା ୧୦ ମ୍ୟାଚ୍‌ରୁ ୬ ବିଜୟ ସହ ୧୨ ପଏଣ୍ଟ୍ ହାସଲ କରିଛି। ଅନ୍ୟପକ୍ଷରେ ଲକ୍ଷ୍ନୌର ଏହା ୧୦ ମ୍ୟାଚ୍‌ରେ ୫ମ ପରାଜୟ।

ଲକ୍ଷ୍ୟର ପିଛା କରୁଥିବା ଲକ୍ଷ୍ନୌକୁ ୧୮ ରନ୍‌ର ସ୍କୋର୍‌ରେ ପ୍ରଥମ ଝଟ୍‌କା ଲାଗିଥିଲା। ଏଡେନ୍ ମାର୍କରମ୍ (୯)ଙ୍କୁ ଇମ୍ପାକ୍ଟ ସବ୍ ଜସ୍‌ପ୍ରୀତ୍ ବୁମ୍‌ରା ପ୍ୟାଭିଲିୟନ୍ ପଠାଇଥିଲେ। ଏହାପରେ ମିଚେଲ୍ ମାର୍ଶ ଓ ନିକୋଲାସ୍ ପୂରନ୍ ଦ୍ୱିତୀୟ ୱିକେଟ୍ ପାଇଁ ୪୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ପୂରନ୍‌ଙ୍କୁ ଆଉଟ୍ କରି ସ୍ପିନର୍ ୱିଲ୍ ଜ୍ୟାକ୍ସ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ପୂରନ୍ ୩ ଛକା ଓ ଗୋଟିଏ ଚୌକା ସହାୟତାରେ ୧୫ ବଲ୍‌ରୁ ୨୭ ରନ୍ କରିଥିଲେ। ଜ୍ୟାକ୍ସ ସେହି ଓଭର୍‌ରେ କ୍ୟାପ୍‌ଟେନ୍ ଋଷଭ ପନ୍ତ (୪)ଙ୍କୁ କ୍ୟାଚ୍ ଆଉଟ୍ କରାଇ ଲକ୍ଷ୍ନୌ ସ୍କୋର୍ ୬୪/୩ କରିଥିଲେ। ଏହିଠାରୁ ମିଚେଲ୍ ମାର୍ଶ ଓ ଆୟୁଷ ବଡ଼ୋନୀ ଚତୁର୍ଥ ୱିକେଟ୍ ପାଇଁ ୪୬ ରନ୍ ଯୋଡ଼ିଥିଲେ। ମାର୍ଶ କ୍ରିଜ୍‌ରେ ତିଷ୍ଠି ଆସୁଥିବା ବେଳେ ଟେଣ୍ଟ୍ ବୋଲ୍ଟ ତାଙ୍କୁ ନିଜ ଜାଲରେ ଫସାଇଥିଲେ। ମାର୍ଶ ୨୪ ବଲ୍‌ରେ ତିନି ଚୌକା ଓ ଦୁଇଟି ଛକା ସହାୟତାରେ ୩୪ ରନ୍ କରିଥିଲେ। ଏହାପରେ ବୋଲ୍ଟ ସେଟ୍ ହୋଇଆସିଥିବା ବଡ଼ୋନୀଙ୍କୁ ମଧ୍ୟ ପ୍ୟାଭିଲିୟନ୍ ଫେରାଇଥିଲେ। ବଡ଼ୋନୀ ୨୨ ବଲ୍‌ରେ ଦୁଇଟି ଲେଖାଏ ଚୌକା ଓ ଛକା ସହାୟତାରେ ୩୫ ରନ୍‌ର ଯୋଗଦାନ ଦେଇଥିଲେ। ଏହାପରେ ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ଯାଦୁ ଦେଖିବାକୁ ମିଳିଥିଲା। ବୁମ୍‌ରା ୧୬ଶ ଓଭର୍‌ରେ ତିନିଟି ୱିକେଟ୍ ଅକ୍ତିଆର କରି ଲକ୍ଷ୍ନୌର ଅଣ୍ଟା ଭାଙ୍ଗି ଦେଇଥିଲେ। ବୁମ୍‌ରା ସେହି ଓଭର୍‌ର ଦ୍ୱିତୀୟ ବଲ୍‌ରେ ଡେଭିଡ୍ ମିଲର୍ (୨୪), ପଞ୍ଚମ ବଲ୍‌ରେ ଅବ୍‌ଦୁଲ୍ ସମଦ (୨)ଙ୍କୁ ଏବଂ ଅନ୍ତିମ ବଲ୍‌ରେ ଆଭେସ୍ ଖାନ୍ (୦)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଲକ୍ଷ୍ନୌର ଶେଷ ଦୁଇ ୱିକେଟ୍ ରବି ବିଷ୍ଣୋଇ (୧୩) ଓ ଦିଗ୍‌ବେଶ ରାଠି(୧)ଙ୍କ ରୂପରେ ପଡ଼ିଥିଲା। ମୁମ୍ବାଇ ପକ୍ଷରୁ ବୁମ୍‌ରାଙ୍କ ବ୍ୟତୀତ ଟ୍ରେଣ୍ଟ୍ ବୋଲ୍ଟ ୩ଟି, ୱିଲ୍ ଜ୍ୟାକ୍ସ ଦୁଇଟି ଏବଂ କୋର୍ବିନ୍ ବୋଶ୍ ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ।



ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସର ଆରମ୍ଭ ସେପରି ଭଲ ନଥିଲା। ତୃତୀୟ ଓଭର୍‌ରେ ପୂର୍ବତନ କ୍ୟାପ୍‌ଟେନ୍ ରୋହିତ ଶର୍ମାଙ୍କୁ ମୟଙ୍କ ଯାଦବ ପ୍ୟାଭିଲିୟନ୍ ଫେରାଇଥିଲେ। ରୋହିତ ୫ ବଲ୍‌ରେ ଦୁଇଟି ଛକା ସହାୟତାରେ ୧୨ ରନ୍ କରିଥିଲେ। ଏହାପରେ ର୍ୟାନ୍ ରିକେଲ୍‌ଟନ୍ ଓ ୱିଲ୍ ଜ୍ୟାକ୍ସଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୫୫ ରନ୍‌ର ପାର୍ଟନର୍‌ଶିପ୍ ହୋଇଥିଲା। ଏହା ମଧ୍ୟରେ ରିକେଲ୍‌ଟନ୍ ୨୫ ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ରିକେଲ୍‌ଟନ୍‌ଙ୍କୁ ଆଉଟ୍ କରି ସ୍ପିନର୍ ଦିଗ୍‌ବେଶ ରାଠି ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ରିକେଲ୍ଟନ୍ ୩୨ ବଲ୍‌ରେ ୬ ଚୌକା ଓ ୪ ଛକା ସହାୟତାରେ ୫୮ ରନ୍ କରିଥିଲେ। ତାଙ୍କ ଆଉଟ୍ ପରେ ସୂର୍ଯ୍ୟକୁମାର ଯାଦବ ଓ ୱିଲ୍ ଜ୍ୟାକ୍ସ ୨୯ ରନ୍ କରିବା ପରେ ଜ୍ୟାକ୍ସ (୨୯) ପ୍ରିନ୍ସ ଯାଦବଙ୍କ ଦ୍ୱାରା ବୋଲ୍ଡ ଆଉଟ୍ ହୋଇଥିଲେ। ତିଳକ ବର୍ମା (୬) ଓ କ୍ୟାପ୍‌ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା (୫) ଶସ୍ତାରେ ବିଦାୟ ନେଇଥିଲେ। ତେବେ ଏହାର ପ୍ରଭାବ ସୂର୍ଯ୍ୟକୁମାରଙ୍କ ଉପରେ ପଡ଼ିନଥିଲା ଏବଂ ୧୭ ବଲ୍‌ରେ ସେ ଅର୍ଦ୍ଧଶତକ ପୂରଣ କରିଥିଲେ। ସୂର୍ଯ୍ୟ ୨୮ ବଲ୍‌ରେ ଚାରି ଚୌକା ଓ ଚାରି ଛକା ସହାୟତାରେ ୫୪ ରନ୍ କରି ଆଭେସ୍ ଖାନ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହାପରେ ନମନ ଧୀର (୨୫*) ଓ ଡେବ୍ୟୁଟାଣ୍ଟ୍ କାର୍ବିନ୍ ବଶ୍ (୨୦) ବିସ୍ଫୋରକ ବ୍ୟାଟିଂ କରି ମୁମ୍ବାଇକୁ ବଡ଼ ସ୍କୋର୍‌ରେ ପହଞ୍ଚାଇଥିଲେ।

# ରାଜସ୍ଥାନ-ଗୁଜରାଟ ମ୍ୟାଚ୍ ଟିକେଟ୍ ବ୍ଲାକ୍: ଦୁଇ ଗିରଫ

**ଜୟପୁର,୨୭।୪/ଏଜେନ୍ସି:** ରାଜସ୍ଥାନ ରୟାଲ୍ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ସୋମବାର ଖେଳାଯିବାକୁ ଥିବା ଆଇପିଏଲ୍ ମ୍ୟାଚ୍‌ର ଟିକେଟ୍ ବ୍ଲାକ୍ କରୁଥିବା ବେଳେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ରବିବାର ପୁଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପୁଲିସ ଅନୁସାରେ ଅଭିଯୁକ୍ତଙ୍କ ନିକଟରୁ ୫୬ ଟିକେଟ୍ ଏବଂ ଗୋଟିଏ କାର୍ ଜବତ ହୋଇଛି। ଏହା କାର୍ଯ୍ୟାନୁଷ୍ଠାନ ପରେ ଟିକେଟ୍‌ର ଅବୈଧ ବିକ୍ରି ଉପରେ ରୋକ୍ ଲଗାଇବାକୁ ପୁଲିସ ପକ୍ଷରୁ ସମସ୍ତ ଥାନାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଜଣେ କନ୍‌ଷ୍ଟେବଲଙ୍କ ସୂଚନା ଆଧାରରେ ରବିବାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜୟପୁର (ଇଷ୍ଟ) ଡିପିସି ତେଜସ୍ୱିନୀ ଗୌତମ କହିଛନ୍ତି। ଟିକେଟ୍ କଳାବଜାର ଅଭିଯୋଗରେ ପୁଲିସ ସନ୍ଦୀପ କୋଟ୍‌ୱାନୀ (୪୫) ଏବଂ ଚନ୍ଦ୍ର ପ୍ରକାଶ (୨୬) ନାମକ ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ପଚରା ଉଚରା ବେଳେ ଦୁଇ ଅଭିଯୁକ୍ତ ୨୪୦୦ ଟଙ୍କା ମୂଲ୍ୟର ଟିକେଟ୍‌କୁ ୪ ହଜାର ଏବଂ ୩୨୦୦ ଟଙ୍କାର ଟିକେଟ୍‌କୁ ୫ ହଜାର ଟଙ୍କାରେ ବିକିଥିବା ସ୍ୱୀକାର କରିଛନ୍ତି। ପୁଲିସ ସେମାନଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ କରିବା ସହିତ ଏହି ଧନ୍ଦାରେ ଅନ୍ୟ କିଏ ସମ୍ପୃକ୍ତ ଅଛନ୍ତି, ତାର ତଦନ୍ତ ଚଳାଇଛି।

**ଇତିହାସ ରଚିଲେ ସୂର୍ଯ୍ୟକୁମାର ଯାଦବ**

# ଦ୍ରୁତ ୪ ହଜାର ଆଇପିଏଲ୍ ରନ୍‌ରେ ପ୍ରଥମ ଭାରତୀୟ



**ମୁମ୍ବାଇ,୨୭।୪/ଏଜେନ୍ସି:** ରବିବାର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ମଧ୍ୟରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ଧୂଆଁଧାର ଇନିଂସ୍ ଖେଳି ଇତିହାସ ରଚିଛନ୍ତି। ସୂର୍ଯ୍ୟ ୨୮ ବଲ୍‌ରେ ଚାରିଟି ଲେଖାଏ ଛକା ଓ ଚୌକା ସହାୟତାରେ ୫୪ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି। ଏହି ସହିତ ଆଇପିଏଲ୍‌ରେ ଦ୍ରୁତ ୪ ହଜାର ରନ୍ କରିବାରେ ପ୍ରଥମ ଭାରତୀୟ ହୋଇଛନ୍ତି। କ୍ରିସ୍ ଗେଲ୍ ଓ ଏବି ଡିଭିଲିୟର୍ସଙ୍କ ପରେ ସେ ସବୁଠୁ କମ୍ ବଲ୍‌ରେ ଏପରି କାରନାମା କରିଛନ୍ତି। ଗେଲ୍ ୨୬୫୩ ବଲ୍‌ରେ ୪ ହଜାର ରନ୍ ପୂରଣ କରିଥିବା ବେଳେ ଡିଭିଲିୟର୍ସ ୨୬୫୮ ବଲ୍‌ର ସମ୍ମୁଖୀନ ହୋଇଥିଲେ। ଏହି ମାଇଲଖୁଣ୍ଟ ଛୁଇଁବା ପାଇଁ ସୂର୍ଯ୍ୟ ୨୭୦୫ ବଲ୍‌ର ସହାୟତା ନେଇଛନ୍ତି।ଏହି ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ସୂର୍ଯ୍ୟ ଏବେ ଚଳିତ ଆଇପିଏଲ୍‌ରେ ସର୍ବାଧିକ ରନ୍ ମାମଲାରେ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି। ସେ ସାଇ ସୁଦର୍ଶନଙ୍କୁ ପଛରେ ପକାଇ ଅରେଞ୍ଜ୍ କ୍ୟାପ୍ ଉପରେ କବ୍‌ଜା କରିଛନ୍ତି। ୧୦ ମ୍ୟାଚ୍‌ରେ ସୂର୍ଯ୍ୟ ବର୍ତ୍ତମାନ ସୁଦ୍ଧା ୪୨୭ ରନ୍ କରିଥିବା ବେଳେ ସୁଦର୍ଶନ ନାମରେ ୮ ମ୍ୟାଚ୍‌ରେ ୪୧୭ ରନ୍ ରହିଛି। ତୃତୀୟ ସ୍ଥାନରେ ବିରାଟ କୋହଲି ରହିଛନ୍ତି। କୋହଲି ୯ ମ୍ୟାଚ୍‌ରୁ ୩୯୨ ରନ୍ କରିଥିବା ବେଳେ ନିକୋଲାସ୍ ପୂରନ୍ ୩୭୭ ରନ୍ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି।

# ସେଣ୍ଟ୍ରାଲ୍ ଏସିଆନ୍ ଭଲିବଲ୍ ଚାମ୍ପିଅନ୍‌ଶିପ୍‌ରୁ ଓହରିଲା ଭାରତ

**ନୂଆଦିଲ୍ଲୀ,୨୭।୪/ଏଜେନ୍ସି:** ଆସନ୍ତାମାସରେ ଇସ୍ଲାମାବାଦରେ ଆୟୋଜିତ ହେବାକୁ ଥିବା ସେଣ୍ଟ୍ରାଲ୍ ଏସିଆନ୍ ଭଲିବଲ୍ ଚାମ୍ପିଅନ୍‌ଶିପ୍‌ରୁ ଭାରତ ଓହରି ଯାଇଛି। ରବିବାର ପାକିସ୍ତାନ ଭଲିବଲ୍ ମହାସଂଘ (ପିଭିଏଫ୍) ଏହି ସୂଚନା ଦେଇଛି। ମେ ୨୮ରୁ ଇସ୍ଲାମାବାଦର ଜିନ୍ନା କମ୍ପ୍ଲେକ୍ସରେ ଆରମ୍ଭ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟ୍ ପାଇଁ ପୂର୍ବରୁ ଭାରତ ୨୨ ଜଣ ଖେଳାଳିଙ୍କ ସମେତ ୩୦ ଜଣିଆ ସ୍କ୍ୱାଡ୍ ପଠାଇବାକୁ ସ୍ପଷ୍ଟ କରିଥିଲା। ତେବେ ଏପ୍ରିଲ୍ ୨୨ର ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ରାଜନୈତିକ ତିକ୍ତତା ବୃଦ୍ଧି ପାଇଛି। ଭାରତ ଟୁର୍ଣ୍ଣାମେଣ୍ଟ୍‌ରୁ ଓହରିଯିବା ପରେ ତା’ ସ୍ଥାନରେ ଆଫଗାନିସ୍ତାନ କିମ୍ବା ଶ୍ରୀଲଙ୍କାକୁ ସାମିଲ କରାଯିବ। ଟୁର୍ଣ୍ଣାମେଣ୍ଟ୍‌ରେ ଭାରତ ବ୍ୟତୀତ ଇରାନ୍, ତୁର୍କମେନିସ୍ତାନ, କିର୍ଗିଜ୍‌ସ୍ତାନ, ତାଜିକିସ୍ତାନ ଏବଂ ଉଜ୍‌ବେକିସ୍ତାନ ଭାଗ ନେବାର କାର୍ଯ୍ୟକ୍ରମ ରହିଛି।

**କୋହଲି-କୃଣାଳଙ୍କ ଅର୍ଦ୍ଧଶତକ**

# ଦିଲ୍ଲୀକୁ ହରାଇ ଶୀର୍ଷରେ ବେଙ୍ଗାଲୁରୁ



**ନୂଆଦିଲ୍ଲୀ,୨୭।୪/ଏଜେନ୍ସି:** ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୬ ୱିକେଟ୍‌ର ଚମତ୍କାର ବିଜୟ ହାସଲ କରିଛି। ଏହି ବିଜୟ ସହ ବେଙ୍ଗାଲୁରୁ ପଏଣ୍ଟ୍ ଟେବଲ୍ ଶୀର୍ଷକୁ ଉଠିଛି। ପ୍ରଥମେ ବ୍ୟାଟିଂ ପାଇଥିବା ଦିଲ୍ଲୀ ୮ ୱିକେଟ୍ ବିନିମୟରେ ୧୬୨ ରନ୍ କରିଥିଲା। ଜବାବରେ ବେଙ୍ଗାଲୁରୁ ୧୮.୩ ଓଭର୍‌ରେ ୪ ୱିକେଟ୍ ହରାଇ ୧୬୫ ରନ୍ କରି ବିଜୟୀ ହୋଇଛି।

୧୬୩ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଆର୍‌ସିବିକୁ ତୃତୀୟ ଓଭର୍‌ରେ ଡବଲ୍ ଝଟ୍‌କା ଲାଗିଥିଲା। ଅକ୍ଷର ପଟେଲ୍ ପ୍ରଥମେ ଜ୍ୟାକବ୍ ବେଥେଲ୍ (୧୨) ଏବଂ ପରେ ଦେବଦତ୍ତ ପାଡିକ୍କଲ୍ (୦)ଙ୍କୁ ଆଉଟ୍ କରିଥିଲେ। ଚତୁର୍ଥ ଓଭର୍‌ରେ ରଜତ ପାଟିଦାର (୬) ରନ୍‌ଆଉଟ୍ ହୋଇଯାଇଥିଲେ। ଏହାପରେ ବିରାଟ କୋହଲି ଓ କୃଣାଳ ପାଣ୍ଡ୍ୟାଙ୍କ ମଧ୍ୟରେ ୮୩ ବଲ୍‌ରେ ୧୧୩ ରନ୍‌ର ଶତକୀୟ ପାର୍ଟନର୍‌ଶିପ୍ ହୋଇଥିଲା। ଦୁହେଁ ଅର୍ଦ୍ଧଶତକ ପୂରଣ କରିସାରିବା ପରେ ୧୮ତମ ଓଭର୍‌ରେ କୋହଲି ଆଉଟ୍ ହୋଇଥିଲେ। ସେ ୪୭ ବଲ୍‌ରେ ୪ ଚୌକା ସହାୟତାରେ ୫୧ ରନ୍ କରିଥିଲେ। ତେବେ କୃଣାଳ ପାଣ୍ଡ୍ୟା ତିଷ୍ଠି ରହି ଟିମ୍ ଡେଭିଡ୍‌ଙ୍କ ସହ ଟିମ୍‌କୁ ୧୮.୩ ଓଭର୍‌ରେ ବିଜୟୀ କରାଇଥିଲେ। କୃଣାଳୟ ୪୭ ବଲ୍‌ରେ ୫ ଚୌକା ଓ ୪ ଛକା ସହାୟତାରେ ୭୩ ଏବଂ ଡେଭିଡ୍ ୫ ବଲ୍‌ରେ ୩ ଚୌକା ଓ ଗୋଟିଏ ଛକା ସହାୟତାରେ ୧୯ ରନ୍ କରି ଅପରାଜିତ ଫେରିଥିଲେ। ଦିଲ୍ଲୀ ପକ୍ଷରୁ ଅକ୍ଷର ପଟେଲ୍ ୨ଟି ଏବଂ ଦୁଷ୍ମନ୍ତ ଚମିରା ଗୋଟିଏ ୱିକେଟ୍ ପାଇଥିଲେ।

ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ଚତୁର୍ଥ ଓଭର୍‌ରେ ଓପ୍ନର୍ ଅଭିଷେକ ପୋରେଲ୍‌ଙ୍କ ୱିକେଟ୍ ହରାଇଥିଲା। ବିସ୍ଫୋରକ ବ୍ୟାଟିଂ କରୁଥିବା ପୋରେଲ୍‌ଙ୍କୁ ଜୋଶ୍ ହେଜଲ୍‌ଉଡ୍ ପ୍ୟାଭିଲିଅନ୍ ଫେରାଇଥିଲେ। ପୋରେଲ୍ ୧୧ ବଲ୍‌ରେ ୨ଟି ଲେଖାଏ ଚୌକା ଓ ଓ ଛକା ସହାୟତାରେ ୨୮ ରନ୍ କରିଥିଲେ। ଏହାର ପରବର୍ତ୍ତୀ ଓଭର୍‌ରେ କରୁଣ ନାୟର ମାତ୍ର ୪ ରନ୍ କରି ଯଶ୍ ଦୟାଲ୍‌ଙ୍କ ଶିକାର ହୋଇଥିଲେ। ଦୁଇ ୱିକେଟ୍ ପତନ ପରେ କେଏଲ୍ ରାହୁଲ ଓ ଫାଫ୍ ଡୁପ୍ଲେସିସ୍ ଇନିଂସ୍ ସମ୍ଭାଳି ଆସୁଥିବା ବେଳେ ୧୦ମ ଓଭର୍‌ରେ ଡୁପ୍ଲେସିସ୍ (୨୨)ଙ୍କୁ ଆଉଟ୍ କରି କୃଣାଳ ପାଣ୍ଡ୍ୟା ଦିଲ୍ଲୀକୁ ୩ୟ ଝଟ୍‌କା ଦେଇଥିଲେ। ଅକ୍ଷର ପଟେଲ୍ କେବଳ ୧୫ ରନ୍ କରି ହେଜଲ୍‌ଉଡ୍‌ଙ୍କ ଶିକାର ହୋଇଥିଲେ। କେଏଲ୍ ରାହୁଲଙ୍କଠାରୁ ବଡ଼ ଇନିଂସ୍‌ର ଆଶା କରାଯାଉଥିବା ବେଳେ ସେ ୩୯ ବଲ୍‌ରେ ୪୧ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଟ୍ରିଷ୍ଟାନ୍ ଷ୍ଟବ୍ସ ଧୂଆଁଧାର ଇନିଂସ୍ ଖେଳି ୧୮ ବଲ୍‌ରେ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୩୪ ରନ୍ କରିଥିଲେ। ତାଙ୍କ ଇନିଂସ୍ ଦମ୍‌ରେ ଦିଲ୍ଲୀର ସ୍କୋର୍ ୧୬୨ ରନ୍‌ରେ ପହଞ୍ଚିଥିଲା। ବେଙ୍ଗାଲୁରୁ ପକ୍ଷରୁ ଭୁବନେଶ୍ୱର କୁମାର ସର୍ବାଧିକ ୩ଟି, ହେଜଲ୍‌ଉଡ୍ ୨ଟି, ଯଶ୍ ଦୟାଲ୍ ଓ କୃଣାଳ ପାଣ୍ଡ୍ୟା ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

# ଫାଇନାଲ୍‌ରେ ୧୪ ଭାରତୀୟ

**ଏସିଆନ୍ ଜୁନିୟର୍ ବକ୍ସିଂ**

**ନୂଆଦିଲ୍ଲୀ,୨୭।୪/ଏଜେନ୍ସି:** ଜୋର୍ଡାନ୍ ରାଜଧାନୀ ଅମ୍ମାନ୍‌ରେ ଚାଲିଥିବା ଅଣ୍ଡର-୧୫ ଓ ଅଣ୍ଡର-୧୭ ଏସିଆନ୍ ବକ୍ସିଂ ଚାମ୍ପିଅନ୍‌ଶିପ୍‌ରେ ଭାରତୀୟ ବକ୍ସର୍‌ଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଟୁର୍ଣ୍ଣାମେଣ୍ଟ୍‌ରେ ଭାରତର ୧୪ ବକ୍ସର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସେମାନଙ୍କଠାରୁ ସ୍ୱର୍ଣ୍ଣ ପଦକ ଆଶା କରାଯାଉଛି। ଅଣ୍ଡର-୧୫ ସେମିଫାଇନାଲ୍‌ରେ ଭାରତର ୧୨ ବକ୍ସର୍‌ଙ୍କ ମଧ୍ୟରୁ ୧୦ ଜଣ ଶନିବାର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏହା ମଧ୍ୟରୁ ବାଳିକାରେ କୋମଲ (୩୦-୩୩ କିଗ୍ରା), ନବ୍ୟା (୫୮ କିଗ୍ରା) ଏବଂ ସୁନୈନା (୬୧ କିଗ୍ରା) ଆର୍‌ଏସ୍‌ସିରେ ବିଜୟୀ ହୋଇଥିବା ବେଳେ ଖୁସି (୩୫ କିଗ୍ରା), ତମନ୍ନା (୩୭ କିଗ୍ରା), ପ୍ରିନ୍ସି (୫୨ କିଗ୍ରା) ଓ ତୃଷାନା ମୋହିତେ (୬୭ କିଗ୍ରା) ମଧ୍ୟ ଦମ୍‌ଦାର ବିଜୟ ହାସଲ କରିଛନ୍ତି। ତେବେ ମିଲ୍କି ମିନମ୍ (୪୩ କିଗ୍ରା)ଙ୍କୁ ବିଜୟ ପାଇଁ ସଂଘର୍ଷ କରିବାକୁ ପଡ଼ିଛି। ସେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩-୨ରେ ହରାଇଛନ୍ତି। ଅନ୍ୟପକ୍ଷରେ ସ୍ୱି (୪୦ କିଗ୍ରା) ଓ ବଂଶିକା (୭୦+ କିଗ୍ରା)ଙ୍କୁ ସେମିଫାଇନାଲ୍‌ରେ ବାଇ ମିଳିଛି।

ବାଳକ ଅଣ୍ଡର-୧୫ରେ ସଂସ୍କାର ବିନୋଦ (୩୫କିଗ୍ରା) କିର୍ଗିଜ୍‌ସ୍ତାନର ଆର୍ସେନ୍ ଜୋରୋବେଭ୍‌ଙ୍କୁ ଆର୍‌ଏସ୍‌ସିରେ ହରାଇ ଟାଇଟଲ୍ ମୁକାବିଲାରେ ସ୍ଥାନ ପକ୍କା କରିବାରେ ପ୍ରଥମ ବକ୍ସର୍ ହୋଇଛି। ତାଙ୍କ ବ୍ୟତୀତ ରୁଦ୍ରାକ୍ଷ ସିଂହ ଖୈଦେମ (୪୬ କିଗ୍ରା), ଅଭିଜିତ (୬୧ କିଗ୍ରା) ଓ ଲକ୍ଷ୍ୟ ଫୋଗାଟ୍ (୬୪ କିଗ୍ରା) ପ୍ରତ୍ୟେକ ପଏଣ୍ଟ୍ ଆଧାରେ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଭାରତ ଏହି ଟୁର୍ଣ୍ଣାମେଣ୍ଟ୍‌ରେ ପ୍ରଥମରୁ ୪୩ ପଦକ ପକ୍କା କରିସାରିଛି।

# ସ୍ୱପ୍ନିଲ ପ୍ରିୟଦର୍ଶୀ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନ୍

**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ କେଶୁରା ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ରବିବାର ଓଡ଼ିଶା ରାଜ୍ୟ ଚେସ୍ ସଂଘ ଏବଂ ଏସ୍‌ଡିଏ ସଫ୍ଟୱେୟାର୍ ସଲ୍ୟୁସନ୍‌ସନ୍ସ ପକ୍ଷରୁ ଚତୁର୍ଥ ଶ୍ୟାମଳୀ ଦେ ସ୍ମାରକୀ ରାଜ୍ୟ ଓପନ୍ ଚାମ୍ପିଅନ୍‌ଶିପ୍ ଆୟୋଜିତ ହୋଇଯାଇଛି। ଏସ୍‌ଡିଏମ୍ ଏମ୍‌ଡି ଡ. ଦିପରେକା ଦେ’ଙ୍କ ଦ୍ୱାରା ଉଦ୍‌ଘାଟିତ ପାଞ୍ଚ ରାଉଣ୍ଡ୍ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ୍‌ରେ ଭୁବନେଶ୍ୱରର ସ୍ୱପ୍ନିଲ ପ୍ରିୟଦର୍ଶୀ (୫.୦) ଚାମ୍ପିଅନ୍ ଏବଂ ତନ୍ମୟ ତ୍ରିପାଠୀ (୪.୫) ରନର୍ସଅପ୍ ହୋଇଛନ୍ତି। ସହିପରି ବାଳିକାରେ ଦିବ୍ୟା ଦାସ ପ୍ରଥମ ଓ ସ୍ମିତପ୍ରଜ୍ଞା ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ କେଶୁରା ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ, ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ବିଦଙ୍ଗତ ଶ୍ୟାମଳୀ ଦେ’ଙ୍କ ପୁତ୍ର ମାନବେଶ ଦେ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ମୁମ୍ବାଇ ସିଟି-ଜାମସେଦପୁର ଏଫ୍‌ସି ସେମିଫାଇନାଲ୍



**କଳିଙ୍ଗ ସୁପର୍ କପ୍**

**ଭୁବନେଶ୍ୱର,୨୭।୪/ଏଜେନ୍ସି:** ମୁମ୍ବାଇ ସିଟି ଏଫ୍‌ସି ଏବଂ ଜାମସେଦପୁର ଏଫ୍‌ସି ଚଳିତ କଳିଙ୍ଗ ସୁପର୍ କପ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ କ୍ୱାର୍ଟର୍ ଫାଇନାଲ୍‌ରେ ମୁମ୍ବାଇ ସିଟି ୧-୦ ଗୋଲ୍‌ରେ ଇଷ୍ଟର କାଶୀକୁ ହରାଇଥିବା ବେଳେ ଜାମସେଦପୁର ଏଫ୍‌ସି ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷରେ ସଡନ୍‌ଡେଥ୍‌ରେ ବିଜୟୀ ହୋଇଛି। କଳିଙ୍ଗ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ ସିଟି ପକ୍ଷରୁ ନିର୍ଣ୍ଣାୟକ ଗୋଲ୍‌ଟି ଲାଲିଆଞ୍ଜୁଆଲା ଛାଙ୍ଗ୍‌ଟେ ୭୧ତମ ମିନିଟ୍‌ରେ ସ୍କୋର୍ କରିଥିଲେ। ଅନ୍ୟପକ୍ଷରେ ଜାମସେଦପୁର ଓ ନର୍ଥଇଷ୍ଟ ୟୁନାଇଟେଡ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ନିୟମିତ ସମୟ ମଧ୍ୟରେ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ଏହାପରେ ପେନାଲ୍ଟି ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ତେବେ ଶୁଟ୍‌ଆଉଟ୍‌ରେ ଉଭୟ ଟିମ୍ ପକ୍ଷରୁ ୪ଟି ଲେଖାଏ ଗୋଲ୍ ହେବାପରେ ସଡ଼ନ୍ ଡେଥ୍ ଅନୁସୃତ ହୋଇଥିଲା। ଏଥିରେ ନର୍ଥଇଷ୍ଟ ୟୁନାଇଟେଡ୍ ଡିଫେଣ୍ଡର୍ ଆସିର୍ ଅଖ୍‌ତର ନିର୍ଣ୍ଣାୟକ ସ୍ପଟ୍ କିକ୍ ମିସ୍ କରିଥିଲେ। ଫଳରେ ଜାମସେଦପୁର ୬-୪ ଶୁଟ୍‌ଆଉଟ୍‌ରେ ବିଜୟୀ ହୋଇ ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟ ହୋଇଛି। ଏହା ଟିମ୍‌ର ଲଗାତାର ତୃତୀୟ ସେମିଫାଇନାଲ୍। ଟିମ୍ ସେମିଫାଇନାଲ୍‌ରେ ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିବ। ଶନିବାର କ୍ୱାର୍ଟର୍ ଫାଇନାଲ୍‌ରେ ବିଜୟୀ ହୋଇ ମୋହନ ବାଗାନ ଓ ଗୋଆ ଏଫ୍‌ସି ସେମିରେ ପ୍ରବେଶ କରିଥିଲେ।

**ମହିଳା ଦିନିକିଆ ତ୍ରାଇ ସିରିଜ୍: ଭାରତର ବିଜୟୀ ଅଭିଯାନ**

# ଶ୍ରୀଲଙ୍କାକୁ ୯ ୱିକେଟ୍‌ରେ ହରାଇଲା



**କଲମ୍ବୋ,୨୭।୪/ଏଜେନ୍ସି:** ହରମନ୍‌ପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଟିମ୍ ଶ୍ରୀଲଙ୍କାରେ ଆୟୋଜିତ ଦିନିକିଆ ତ୍ରାଇ ସିରିଜ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଟିମ୍ ଆୟୋଜକ ଶ୍ରୀଲଙ୍କାକୁ ଏକତରଫା ୯ ୱିକେଟ୍‌ରେ ହରାଇ ଦେଇଛି। ବର୍ଷା କାରଣରୁ ମ୍ୟାଚ୍‌କୁ ୩୯-୩୯ ଓଭର୍ କରାଯାଇଥିବା ବେଳେ ଶ୍ରୀଲଙ୍କା ଟିମ୍ ପ୍ରଥମେ ୧୪୭ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତୀୟ ଟିମ୍ ୨୯.୪ ଓଭର୍‌ରେ ଏକ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି।

୧୪୮ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଟିମ୍ ଇଣ୍ଡିଆ ପକ୍ଷରୁ ପ୍ରତିକା ରାୱଲ୍ ଓ ସ୍ମୃତି ମନ୍ଧାନା ଚମତ୍କାର ଆରମ୍ଭ କରି ପ୍ରଥମ ୱିକେଟ୍ ପାଇଁ ୫୪ ରନ୍ ଯୋଡ଼ିଥିଲେ। ମନ୍ଧାନା ୪୬ ବଲ୍‌ରେ ୬ ଚୌକା ସହାୟତାରେ ୪୩ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ପ୍ରତିକା ଓ ହରଲୀନ୍ ଦେଓଲ୍ ଶ୍ରୀଲଙ୍କା ବୋଲର୍‌ଙ୍କୁ କୌଣସି ସୁଯୋଗ ନଦେଇ ଦ୍ୱିତୀୟ ୱିକେଟ୍‌ରେ ୯୫ ରନ୍‌ର ଚମତ୍କାର ଭାଗୀଦାରି କରି ଟିମ୍‌କୁ ବିଜୟୀ କରାଇଛନ୍ତି। ପ୍ରତିକା ୬୨ ବଲ୍‌ରେ ୭ ଚୌକା ସହାୟତାରେ ୫୦ ଏବଂ ହରଲୀନ୍ ୭୧ ବଲ୍‌ରେ ୪ ଚୌକା ସହାୟତାରେ ୪୮ ରନ୍ କରି ଅପରାଜିତ ଫେରିଛନ୍ତି। ଶ୍ରୀଲଙ୍କା ପକ୍ଷରୁ ଏକମାତ୍ର ୱିକେଟ୍‌ଟି ଇନୋକା ରଣବୀରାଙ୍କୁ ମିଳିଥିଲା।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କାର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଟିମ୍ ପକ୍ଷରୁ ହସିନୀ ପରେରା ସର୍ବାଧିକ ୩୦ ରନ୍ କରିଥିବା ବେଳେ କାଶ୍‌ଭି ଦିଲ୍‌ହାରୀ ୨୫, ଅନୁଷ୍କା ସଞ୍ଜିବନୀ ୨୨, ଅଚିନୀ କୁଲସୁରିୟା ୧୭ ଓ ହର୍ଷିତା ସମରବିକ୍ରମା ୧୪ ରନ୍ କରିଥିଲେ। ଭାରତୀୟ ଟିମ୍ ପକ୍ଷରୁ ସ୍ପିନର୍‌ମାନେ କମାଲ ବୋଲିଂ କରିଥିଲେ। ସ୍ନେହ ରାଣା ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଦୀପ୍ତି ଶର୍ମା ଓ ଡେବ୍ୟୁଟାଣ୍ଟ୍ ନଲ୍ଲାପୁରେଡ୍ଡୀ ଚରଣୀ ୨-୨ ୱିକେଟ୍ ପାଇଥିଲେ। ପ୍ରତିକା ରାୱଲ୍‌ଙ୍କ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା। ସେହିପରି ଚରଣୀ ଓ କାଶ୍‌ଭୀ ଗୌତମ ଏହି ମ୍ୟାଚ୍ ଜରିଆରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ଭାରତ ସିରିଜ୍‌ର ପରବର୍ତ୍ତୀ ମ୍ୟାଚ୍ ଏପ୍ରିଲ୍ ୨୯ରେ ସାଉଥ୍ ଆଫ୍ରିକା ବିପକ୍ଷରେ ଖେଳିବ।

# ଭାରତର ଲଗାତାର ଦ୍ୱିତୀୟ ପରାଜୟ




**ମହିଳା ହକି ସିରିଜ୍**

**ପର୍ଥ,୨୭।୪/ଏଜେନ୍ସି:** ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ମହିଳା ଟିମ୍ ଲଗାତାର ଦ୍ୱିତୀୟ ପରାଜୟ ବରଣ କରିଛି। ରବିବାର ପର୍ଥ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଅଷ୍ଟ୍ରେଲିଆ-ଏ’ ବିପକ୍ଷରେ ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଭାବଶାଳୀ ପ୍ରଦର୍ଶନ ସତ୍ତ୍ୱେ ଟିମ୍ ୨-୩ରେ ହାରିଯାଇଛି। ଭାରତ ପକ୍ଷରୁ ଜ୍ୟୋତି ସିଂହ (୧୩ଶ ମିନିଟ୍) ଓ ସୁନେଲିତା ଟପ୍ପୋ (୫୯ତମ ମିନିଟ୍) ଗୋଲ୍ ଦେଇଥିବା ବେଳେ ଅଷ୍ଟ୍ରେଲିଆ-ଏ’ ପକ୍ଷରୁ ଇଭି ଷ୍ଟାନ୍ସବି (୧୬ଶ), ଡେଲେ ଡୋଲକେନ୍ସ (୪୮ତମ) ଏବଂ ଜାମି-ଲି ସୁର୍‌ହା (୫୨ତମ) ଗୋଲ୍ ସ୍କୋର୍ କରିଥିଲେ। ଏହା ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଭାରତ ୫-୩ରେ ପରାଜିତ ହୋଇଥିଲା।

ରବିବାର ମ୍ୟାଚ୍‌ରେ ଭାରତ ଦ୍ରୁତ ଆରମ୍ଭ କରିଥିଲା ଏବଂ ଏହାର ଫଳସ୍ୱରୂପ ପ୍ରଥମ କ୍ୱାର୍ଟର୍‌ରେ ଟିମ୍‌କୁ ପେନାଲ୍ଟି କର୍ଣ୍ଣର୍ ମିଳିଥିଲା। ଏହାକୁ ଜ୍ୟୋତି ଗୋଲ୍‌ରେ ପରିବର୍ତ୍ତନ କରି ଜ୍ୟୋତି ୧୩ଶ ମିନିଟ୍‌ରେ ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ପ୍ରଦାନ କରିଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟର୍‌ରେ ଇଭିଙ୍କ ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ଅଷ୍ଟ୍ରେଲିଆ-ଏ’ ସ୍ଥିତି ବରାବର କରିଥିଲା। ଏହାରେ ଭାରତ ଲଗାତାର ଚାପ ସୃଷ୍ଟି କରିଥିଲେ ମଧ୍ୟ ପ୍ରତିପକ୍ଷ ଟିମ୍ କୌଣସି ସୁଯୋଗ ଦେଇନଥିଲା। ଫଳରେ ପ୍ରଥମାର୍ଦ୍ଧ ୧-୧ ଗୋଲ୍‌ରେ ଶେଷ ହୋଇଥିଲା। ଅନ୍ତିମ କ୍ୱାର୍ଟର୍‌ରେ ଅଷ୍ଟ୍ରେଲିଆ-ଏ’ ଡେଲେଙ୍କ ଗୋଲ୍ ବଳରେ ସ୍କୋର୍ ଲାଇନ୍ ୨-୧ କରିଥିଲା। ଏହାର ଚାରି ମିନିଟ୍ ପରେ ଜାମି-ଲି ଅନ୍ୟ ଏକ ଗୋଲ୍ କରି ଟିମ୍‌କୁ ୩-୧ରେ ଅଗ୍ରଣୀ କରିଥିଲେ। ୫୯ତମ ମିନିଟ୍‌ରେ ସୁନେଲିତା ଗୋଲ୍ କରି ପରାଜୟ ବ୍ୟବଧାନକୁ କମାଇ ଦେଇଥିଲେ। ଭାରତ ଗୁରୁବାର ତୃତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଭେଟିବ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.
ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra